
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୭ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 MAY 2023
Vol.No. 34 ■ No. 119 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବେଳେ କଟିଲା ଲାଇନ୍




## ■୯ ମିନିଟ୍ ପାଇଁ ଅନ୍ଧାର
## ■ଅନ୍ଧାର ସତ୍ତ୍ୱେ ରାଷ୍ଟ୍ରପତି ଜାରି ରଖିଲେ ଦୀକ୍ଷାନ୍ତ ଭାଷଣ
## ■କ୍ଷମା ମାଗିଲେ କୁଳପତି, ବିଦ୍ୟୁତ୍ କର୍ମଚାରୀ ନିଲମ୍ବିତ
## ■ଅନୁସନ୍ଧାନ କରି ପଦକ୍ଷେପ ନିଆଯିବ : ଆରଡିସି

ବାରିପଦା, ୦୬/୦୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବେଳେ ହଠାତ ଲାଇନ ଚାଲିଯାଇଥିବା ଦେଖିବାକୁ ମିଳିଛି । ପାୱାର ଟ୍ରିପ୍ ଯୋଗୁ ଏହି ସମୟରେ ବିଦ୍ୟୁତ୍ ସଂଯୋଗ ବିଛିନ୍ନ ହେବା କାରଣରୁ ପୂର୍ବାହ୍ନ ୧୧ଟା ୫୬ ମିନିଟରୁ ୧୨ଟା ୫ ମିନିଟ ଯାଏ ଦୀର୍ଘ ୯ ମିନିଟ ପାଇଁ ଲାଇନ୍ କଟିଯାଇଥିଲା । ବିଜୁଳି ନଥିବାରୁ ସାରା ଅଡିଟୋରିୟମ ଅନ୍ଧାର ଥିବା ଦେଖିବାକୁ ମିଳିଥିଲା । ଏହି ସମୟରେ ଅନ୍ଧାର ଭିତରେ କିନ୍ତୁ ସେ ନିଜର ଦୀକ୍ଷାନ୍ତ ଭାଷଣ ଜାରି ରଖିଥିଲେ । ଏହି ମାମଲାରେ ବିଶ୍ୱବିଦ୍ୟାଳୟର ବିଦ୍ୟୁତ୍ କର୍ମଚାରୀ ଜୟନ୍ତ ତ୍ରିପାଠୀଙ୍କୁ ନିଲମ୍ବିତ କରାଯାଇଛି । ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଶକ୍ତି ବିଭାଗ ଦୁଃଖ ପ୍ରକାଶ କରିଛି । ସୂଚନା ଓ ଲୋକସଂପର୍କ ବିଭାଗ ମଧ୍ୟ ଏହି ଦୋଷକୁ ସ୍ୱୀକାର କରିଛି । ସେହିପରି ଏହି ଘଟଣାକୁ ନେଇ କ୍ଷମା ମାଗିଛନ୍ତି କୁଳପତି । ଏଭଳି ତ୍ରୁଟି ପାଇଁ ମୁଁ ନିଜେ ନିଜକୁ ଦାୟୀ କରୁଛି ବୋଲି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି । ସେ କହିଛନ୍ତି ସମାରୋହ ଅନୁଷ୍ଠିତ ହେଉଥିବା ବିଲଡିଂ ଇଡକୋ ତିଆରି କରିଥିଲା । ଜେନେରେଟର ବି ସଜାଡ଼ିଥିଲା । ଡେଡିକେଟେଡ ଜେନେରେଟର ଥିଲା । ହେଲେ ସେଇଟା ବି ଠିକ୍ ଲାଇଟ୍ କଟିବା ସମୟରେ କାମ ଦେଲାନି । ଆମକୁ ଏଥିପାଇଁ ଲଜ୍ଜିତ ହେବାକୁ ପଡ଼ିଲା । ସେ ଆହୁରି କହିଛନ୍ତି, 'ମୁଁ ଦାୟିତ୍ୱ ମୁଣ୍ଡରୁ ଖସାଇବା ଲୋକ ନୁହେଁ, ମୁଁ କ୍ଷମାପ୍ରାର୍ଥନା କରୁଛି । ଏହି ତ୍ରୁଟି ସଂପର୍କରେ ନିଶ୍ଚିତ ଭାବେ ଅନୁସନ୍ଧାନ କରାଯିବ । ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ ହୋଇଛି । କମିଟି ରିପୋର୍ଟ ଦାଖଲ ପରେ କାର୍ଯ୍ୟାନୁଷ୍ଠାନ ହେବ ।' ଏହି ଘଟଣାର ତଦନ୍ତ କରାଯିବ କହିଲେ କେନ୍ଦ୍ରାଂଚଳ ଆରଡିସି ସୁରେଶ ଦଳାଇ କହିଛନ୍ତି । ଏହି ଘଟଣା କାହିଁକି ଘଟିଲା ଓ ଏଥିପାଇଁ ଦାୟୀ କିଏ ତାହା ଅନୁସନ୍ଧାନ କରାଯିବ । ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପରବର୍ତୀ ପଦକ୍ଷେପ ନିଆଯିବ । ଆରଡିସି ସହ ବୈଠକ ପରେ ମୟୂରଭଞ୍ଜ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ କହିଛନ୍ତି, ଘଟଣାର ତଦନ୍ତ କରାଯିବ । ତେବେ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ଘଟିଛି । ତେବେ ଏହି ଘଟଣାରେ ନିଜ ଉପରୁ ଦୋଷ ଝାଡ଼ି ଦେଇଛନ୍ତି ବିଦ୍ୟୁତ୍ ଯୋଗାଣ ସଂସ୍ଥା ଟାଟା ପାୱାର କର୍ତୃପକ୍ଷ । ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ହରୀଶ କୁମାର ପଣ୍ଡା କହିଛନ୍ତି, ଆମ ଆଡୁ କିଛି ସମସ୍ୟା ନ ଥିଲା । ବିଦ୍ୟୁତ୍ ସେବା ପ୍ରଦାନରେ କୌଣସି ତ୍ରୁଟି ନ ହେବା ପାଇଁ ସବୁ ପଦକ୍ଷେପ ନେଇଥିଲୁ । ଆମ ଆଡୁ କିଛି ସମସ୍ୟା ନଥିଲା । ଇଂଟରନାଲ ୱେୟାରିଂରେ କୌଣସି ସମସ୍ୟା ଯୋଗୁ ଲାଇଟ୍ କଟିଥିବା ସନ୍ଦେହ କରାଯାଉଛି । ତଥାପି ଏହି ଦୁର୍ଭାଗ୍ୟଜନକ ସ୍ଥିତି ଉପୁଜିବା ନେଇ ଅନୁସନ୍ଧାନ ହେବ । ଏହି ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍, ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ କୁଳପତି ପଙ୍କଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୯ ସକାଳେ ଅବପାତ ପରେ ନେବ ବାତ୍ୟାର ରୂପ



ଭୁବନେଶ୍ୱର , ୦୬/୦୫ (ନି.ପ୍ର): ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ । ରବିବାର ଲଘୁଚାପର ରୂପ ନେବ ଘୂର୍ଣ୍ଣିବଳୟ । ଏ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ରବିବାର ଲଘୁଚାପର ରୂପ ନେବ । ଆସନ୍ତା ୯ ତାରିଖ ସକାଳେ ଅବପାତ ପରେ ବାତ୍ୟାର ରୂପ ନେବ । ଏବେ ସୁଦ୍ଧା ଗତିପଥ ସ୍ପଷ୍ଟ ହୋଇନାହିଁ । ଲଘୁଚାପ ସୃଷ୍ଟି ହେଲେ ଗତିପଥ ସ୍ପଷ୍ଟ ହେବ । ବର୍ତ୍ତମାନ କୌଣସି ଉପକୂଳ ପାଇଁ କୌଣସି ଚେତାବନୀ ନାହିଁ । ସେପଟେ ଆଜିଠାରୁ ବଢ଼ିବ ତାତି, କମିବ କାଳବୈଶାଖୀ ବର୍ଷା । ଆଜିଠାରୁ ୪ ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ଯାଏଁ ବଢ଼ିବ । ୮ ତାରିଖ ପରେ ତାପମାତ୍ରା ସବୁ ସ୍ଥାନରେ ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

# ଖାଲିସ୍ତାନ ଆତଙ୍କୀ ପରମଜିତ୍ ସିଂକୁ ହତ୍ୟା: ଲାହୋରରେ ଗୁଳି କଲେ ଦୁର୍ବୃତ୍ତ




ନୂଆଦିଲ୍ଲୀ,୦୬/୦୫ :ଆତଙ୍କୀ ତଥା ଖାଲିସ୍ତାନ କମାଣ୍ଡୋ ଫୋର୍ସର ମୁଖ୍ୟ ପରମଜିତ୍ ସିଂ ପଞ୍ଜୱାର ଓରଫ ମଲିକ ସରଦାର ସିଂକୁ ଶନିବାର ଗୁଳି କରି ହତ୍ୟା କରାଯାଇଛି । ଆଜି ସକାଳେ ପାକିସ୍ତାନର ଲାହୋରର ଜୋହର ଟାଉନରେ ଦୁଇ ଅଜଣା । ବନ୍ଧୁକଧାରୀ ଏହି ହତ୍ୟା ଘଟଣା ଘଟାଇଛନ୍ତି । ଜୋହର ଅଞ୍ଚଳର ସନଫ୍ଲାୱାର ସୋସାଇଟିରେ ଦୁଇ ଜଣ ପଞ୍ଜୱାରର ଘର ନିକଟରେ ବାଇକରେ ଦୁଇ ଜଣ ଆସି ପରମଜିତ୍ ଉପରେ ଗୁଳି ମାଡ଼ କରିଥିଲେ । ପମରଜିତ୍ ସିଂ ପଞ୍ଜୱର ଭାରତର ପଞ୍ଜାବରେ ସକାଳ ୬ଟାରେ ଗୁଳି କରି ହତ୍ୟା କରିଥିଲେ । ରିପୋର୍ଟ ଅନୁସାରେ ପଞ୍ଜୱାର ପ୍ରତଃ ଭ୍ରମଣ ବେଳେ ଡ୍ରୋନ ଜରିଆରେ ନିଶା ଔଷଧ ଏବଂ ହତିଆର ଚୋରାଚାଲାଣରେ ସାମିଲ ରହିଥିଲା । ପରମଜିତ୍ ସିଂର କଟ୍ଟରପନ୍ଥୀ ହେବ ପଛରେ ତାର ସମ୍ପର୍କୀୟ ଭାଇ ଲାଭ ସିଂହ ହାତ ଥିବା କୁହାଯାଉଛି । ପରମଜିତ୍ ସିଂ ୧୯୮୬ରେ କେସିଏଫରେ ସାମିଲ ହୋଇଥିଲା । ଏହା ପୂର୍ବରୁ ସେ ସୋହଲରେ କେନ୍ଦ୍ରୀୟ ସରକାରୀ ବ୍ୟାଙ୍କରେ କାମ କରୁଥିଲା । ▶▶ପୃଷ୍ଠା ୭

## ଆଜି ନିଟ୍ ପରୀକ୍ଷା

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ଆସନ୍ତାକାଲି (ରବିବାର) ନିଟ୍ ପରୀକ୍ଷା ଅନୁଷ୍ଠିତ ହେବ । ରବିବାର ଅପରାହ୍ନ ୨ ଟାରୁ ୫ ଟା ୨୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ । ମଣିପୁର ଛଡା ଦେଶର ସମସ୍ତ ରାଜ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଦେଶରେ ପ୍ରାୟ ୨୦ ଲକ୍ଷ ୫୯ ହଜାର ୬ ଜଣ ପରିକ୍ଷାର୍ଥୀ ନିଟ୍ ପରୀକ୍ଷା ଦେବେ । ସେହିପରି ଓଡିଶାରେ ମୋଟ୍ ୫୬ ହଜାର ୯୮୯ ଜଣ ପରିକ୍ଷାର୍ଥୀ ନିଟ୍ ପରୀକ୍ଷା ଦେବେ । ଏଥିପାଇଁ ରାଜ୍ୟରେ ମୋଟ ୨୭ ସହରରେ ୧୨୫ ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । କେବଳ ଭୁବନେଶ୍ୱରରେ ୨୨ ଟି କେନ୍ଦ୍ର ହୋଇଥିବା ବେଳେ ୧୪,୪୮୧ ଜଣ ପରିକ୍ଷାର୍ଥୀ ନିଟ୍ ପରୀକ୍ଷା ଦେବେ ।

## ରାଜ୍ୟରେ ପ୍ରଥମ ଥର ସବୁ ବୁଥ୍‌ରେ ୱେବ୍‌କାଷ୍ଟିଂ: ଝାରସୁଗୁଡାରେ ହେବ କାର୍ଯ୍ୟକାରୀ : ସିଇଓ

ଭୁବନେଶ୍ୱର , ୦୬/୦୫ (ନି.ପ୍ର): ଓଡିଶାରେ ପ୍ରଥମ ଥର ପାଇଁ ସବୁ ବୁଥରେ ହେବ ୱେବ୍‌କାଷ୍ଟିଂ । କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ଧଳ ସୂଚନା ଦେଇଛନ୍ତି । ଝାରସୁଗୁଡା ଉପନିର୍ବାଚନରେ ଏହାକୁ କାର୍ଯ୍ୟକାରୀ କରାଯିବ । ଯାହା ସିଧାସଳଖ ନିର୍ବାଚନ ଅଧିକାରୀ ଦେଖି ପାରିବେ । ୪୦% ସମ୍ବେଦନଶୀଳ ବୁଥ୍ ଅଛି । ଝାରସୁଗୁଡାରେ ଆଇନ ଶୃଙ୍ଖଳା ପରିସ୍ଥିତି ଠିକ୍ ରହିଛି । ଦୁଇଟି ରାଜନୈତିକ ଦଳଠାରୁ ଆମେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ପାଇଛୁ । ଜିଲ୍ଲାପାଳ ବି ଏହି ଅଭିଯୋଗ ପାଇଛନ୍ତି । ସବୁର ତଦନ୍ତ ଚାଲିଛି । ମୁଁ ନିୟମିତ ଭାବେ ଝାରସୁଗୁଡା ଜିଲ୍ଲାପାଳ ଓ ଏସପିଙ୍କ ସହ ଆଲୋଚନା କରୁଛି । ଆଜି ବି ସମୀକ୍ଷା କରିଥିଲି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

# ବ୍ରିଟେନରେ କିଙ୍ଗ ଚାର୍ଲସ ତୃତୀୟଙ୍କ ରାଜ୍ୟାଭିଷେକ

## ବହୁମୂଲ୍ୟ ମୁକୁଟ ପିନ୍ଧି ରୀତିନିତି ସହ ଅଭିଷିକ୍ତ ହେଲେ ଚାଲର୍ସ



ନୂଆଦିଲ୍ଲୀ,୦୬/୦୫ : ବ୍ରିଟେନରେ ଆଜିଠୁ ବିଦ୍ଧିବଦ୍ଧ ଭାବେ ଆରମ୍ଭ ହୋଇଛି କିଙ୍ଗ ଚାର୍ଲସ ତୃତୀୟଙ୍କ ରାଜୁତି । ଆଜି ଲଣ୍ଡନର ବକିଙ୍ଗହମ୍ ପ୍ୟାଲେସରେ ଭବ୍ୟ ରାଜ୍ୟାଭିଷେକ ସମାରୋହରେ ଦେଶର ନୂଆ ରାଜା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି କିଙ୍ଗ ଚାର୍ଲ୍ସ ତୃତୀୟ । ୱେଷ୍ଟମିନଷ୍ଟର ଆବେରେ ବିଧିବଦ୍ଧ ଭାବେ ବ୍ରିଟେନ ସିଂହାସନ ଆରୋହଣ କରିଛନ୍ତି ଚାର୍ଲସ ଫିଲିପ୍ ଆର୍ଥର ଜର୍ଜ ବା କିଙ୍ଗ୍ ଚାର୍ଲସ ତୃତୀୟ । ସେ ବ୍ରିଟେନ ସହିତ ଅନ୍ୟ ୧୪ଟି ଦେଶର ୪୦ ତମ ରାଜା ହୋଇଛନ୍ତି । ୧୯୫୩ ମସିହା ପରେ ଆଜି ଭବ୍ୟ ରାଜ୍ୟାଭିଷେକ ଆୟୋଜନ କରାଯାଇଥିଲା । ସେହିପରି ୧୯୩୭ ମସିହା ପରେ କୌଣସି ରାଜା ଏପରି ଭବ୍ୟ ସମାରୋହରେ ବ୍ରିଟେନର ଶାସନ ଗାଦି ସମ୍ଭାଳିଛନ୍ତି । ଗତ ସେପଟ୍ମ୍ବରରେ କୁଇନ୍ ଏଲିଜାବେଥ ଦ୍ୱିତୀୟଙ୍କର ଦେହାନ୍ତ ପରେ ରାଜଗାଦି ଚାର୍ଲସ ତୃତୀୟ ସମ୍ଭାଳିଥିଲେ । ▶▶ପୃଷ୍ଠା ୭

## ୧୨ରୁ ପୁଣି ଧାରଣାକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ରାଜ୍ୟ ସରକାର ଦାବି ପୂରଣ ନକଲେ ଆସନ୍ତା ୧୨ ତାରିଖରୁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ପ୍ରାଥମିକ ଶିକ୍ଷକ । ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ନେତାଜୀ ଭବନ ଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶିକ୍ଷକ ନେତୃତ୍ୱ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ୟୁନାଇଟେଡ୍ ଏଲମିମେଂଟାରୀ ଟିଚରର୍ସ ମହାସଂଘର ଆବାହକ ପ୍ରବୀଣ କୁମାର ଦାସ କହିଛନ୍ତି ଯେ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ ପ୍ରାଥମିକ ▶▶ପୃଷ୍ଠା ୭

## ସାତଲାଣ୍ଡି ପାହାଡରେ ମାଈ ଛୁଆ ହାତୀର ମୃତ୍ୟୁ

ଚଣ୍ଡିଖୋଲ , ୦୬/୦୫ (ନି.ପ୍ର): ଯାଜପୁର ଜିଲ୍ଲା ଡାଳିଯୋଡ଼ା ବଇରୀ ରେଞ୍ଜ ଅଧୀନ ସାତଲାଣ୍ଡି ସଂରକ୍ଷିତ ଜଙ୍ଗଲରେ ଏକ ଛୁଆ ମାଈ ହାତୀର ମୃତ୍ୟୁ ହୋଇଛି । ସାତଲାଣ୍ଡି ପାହାଡ଼ଟି ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସୀମାନ୍ତ ଅଂଚଳରେ ରହିଥିବାରୁ କିଛି ଛୁଆ ହାତୀ ଢେଙ୍କାନାଳ ଜଙ୍ଗଲରୁ ସାତଲାଣ୍ଡି ସଂରକ୍ଷିତ ଜଙ୍ଗଲକୁ ଚାଲିଆସିଥିଲେ । ଜଙ୍ଗଲରେ ଥିବା ଏକ ଦନ୍ତା ହାତୀ ଉପଦ୍ରବ କରୁଥିବା ବେଳେ ଦନ୍ତା ହାତୀ ଆକ୍ରମଣରେ ହାତୀ ଛୁଆର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମୃତ ହାତୀ ଛୁଆର ବୟସ ଦେଢ଼ ବର୍ଷରୁ ଦୁଇ ବର୍ଷ ମଧ୍ୟରେ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ବନ ବିଭାଗ ପକ୍ଷରୁ ମୃତ ହାତୀ ଛୁଆକୁ ଉଦ୍ଧାର କରାଯାଇ ପଶୁ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ମୃତ ଛୁଆ ହାତୀର ଶବକୁ ସେଠାରେ ଗାତ ଖୋଳି ପୋତି ଦିଆଯାଇଛି । ଏ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

# ଜମ୍ମୁକାଶ୍ମୀର ରାଜୌରୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ



ନୂଆଦିଲ୍ଲୀ,୦୬/୦୫ : ଆତଙ୍କବାଦୀଙ୍କ ଗୁଳିରେ ୫ ଜଣ ଯବାନ ସହିଦ ହେବା ପରେ ପ୍ରତିଶୋଧ ପାଇଁ ପଣ କରିଛି ଭାରତୀୟ ସେନା । ଆତଙ୍କବାଦୀଙ୍କୁ ଖୋଜି ଖୋଜି ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ସୁରକ୍ଷାକର୍ମୀ । ଏନେଇ ଜୋରଦାର ଅପରେସନ ଆରମ୍ଭ ହୋଇଛି । ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଆତଙ୍କବାଦୀ ନିପାତ ହୋଇଛନ୍ତି । ଉଭୟ ନିପାତ ଆତଙ୍କୀ ଲସ୍କର-ଇ-ତୋଇବାର ସଦସ୍ୟ ଥିବା ଜଣାପଡ଼ିଛି । ଜମ୍ମୁକାଶ୍ମୀରରେ ନିକଟରେ ଆତଙ୍କବାଦୀଙ୍କ ଆକ୍ରମଣ ବଢ଼ିଥିବା ଦେଖାଯାଇଛି । ୧୫ ଦିନ ଭିତରେ ଦୁଇଟି ଆକ୍ରମଣ ହେଲାଣି । ୫ ଜଣ ଯବାନ ସହିଦ ହେବା ପରେ ସ୍ଥିତି ସମୀକ୍ଷା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜମ୍ମୁକାଶ୍ମୀରର ରାଜୌରୀରେ ପହଂଚିଛନ୍ତି । ରାଜନାଥ ବରିଷ୍ଠ ସେନାଧିକାରୀଙ୍କୁ ଭେଟିବା ସହ ଏବେ ଚାଲିଥିବା ଅପରେସନ ବିଷୟରେ ମଧ୍ୟ ପଚାରି ବୁଝିଛନ୍ତି । ଶୁକ୍ରବାର ଆତଙ୍କବାଦୀ ଓ ସେନା ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ୫ ଜଣ ଯବାନ ସହିଦ ହୋଇଥିଲେ । ଲାନ୍ସ ନାୟକ ରୁଚିନ ସିଂ ରାୱତ, ପାରାଟ୍ରୁପର ସିଦ୍ଧାନ୍ତ ଛେତ୍ରି, ନାଏକ ଅରବିନ୍ଦ କୁମାର, ହାଭିଲଦାର ନିଲମ ସିଂ ଓ ପାରାଟ୍ରୁପର ପ୍ରମୋଦ ନେଗି ଦେଶ ପାଇଁ ଜୀବନ ଦେଇଛନ୍ତି । ଏପ୍ରିଲ ୨୦ରେ ଆତଙ୍କୀ ଆକ୍ରମଣରେ ମଧ ୫ ଜଣ ଯବାନ ସହିଦ ହୋଇଥିଲେ । ଆତଙ୍କବାଦୀମାନେ ପୁଣି ଥରେ ଜମ୍ମୁକାଶ୍ମୀରରେ ସ୍ଥିତି ବିଗାଡ଼ିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି । ▶▶ପୃଷ୍ଠା ୭

# ଯୋଗ ପ୍ରଶିକ୍ଷଣ କେନ୍ଦ୍ର 'ହେଲଦି ଲାଇଫ'ର ପ୍ରତିଷ୍ଠା ଦିବସ




ବାଲେଶ୍ୱର, ୦୬/୦୫ (ନି.ପ୍ର): ଯୋଗ ପ୍ରଶିକ୍ଷଣ କେନ୍ଦ୍ର 'ହେଲଦି ଲାଇଫ'ର ତ୍ରୟୋଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର କଲେଜ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି)ର ନିର୍ଦ୍ଦେଶକ ଶରତ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ଜୀବନରେ ଯୋଗ ଓ ପ୍ରାଣାୟମର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତ୍ୟେକ ବ୍ୟକ୍ତି ଦୈନିକ ଜୀବନଚର୍ଯ୍ୟା ମଧ୍ୟରେ ଯୋଗ ଓ ପ୍ରାଣାୟମ ପାଇଁ କିଛି ସମୟ ଦେବା ଉଚିତ ବୋଲି ସେ ମତ ଦେଇଥିଲେ । ଦୈନିକ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗ ଶିକ୍ଷାର ପ୍ରଚାର ପ୍ରସାରରେ ହେଲଦି ଲାଇଫ୍‌ର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। 'ଯୋଗ'ପ୍ରାଚୀନ ଭାରତୀୟ ସଂସ୍କୃତିର ଅନ୍ୟତମ ଅଙ୍ଗ ହୋଇଥିବା ବେଳେ ସବୁ ବର୍ଗର ବ୍ୟକ୍ତି ଅଭ୍ୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । 'ହେଲଦି ଲାଇଫ' ପ୍ରତିଷ୍ଠାତା ଡାକ୍ତର ଚିତ୍ତରଂଜନ ସାହୁ ଏଥିରେ ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟଧାରା, ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟରେ ଶିକ୍ଷାଦାନ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ । ଦୀର୍ଘ ୧୩ବର୍ଷ ଧରି ଯୋଗ ପ୍ରଶିକ୍ଷଣ ପ୍ରଦାନ କରି ଆସିଥିବା ▶▶ପୃଷ୍ଠା ୭

# ସେଲ୍, ରାଉରକେଲା ଇସ୍ପାତ କାରଖାନା ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ଅପ୍ରେଲ ପ୍ରଦର୍ଶନ ସହିତ ୨୦୨୩-୨୪ ଆର୍ଥିକ ବର୍ଷର ଆରମ୍ଭ



ରାଉରକେଲା, ୦୬/୦୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ୨୦୨୩ ଅପ୍ରେଲ ମାସରେ ପ୍ରମୁଖ ଉତ୍ପାଦନ କ୍ଷେତ୍ରଗୁଡିକରେ ଆରମ୍ଭ ଠାରୁ ଏପର୍ଯ୍ୟନ୍ତର ସର୍ବଶ୍ରେଷ୍ଠ ଅପ୍ରେଲ ମାସ ପ୍ରଦର୍ଶନ ହାସଲ ସହିତ ୨୦୨୩-୨୪ ଆର୍ଥିକ ବର୍ଷର ଆରମ୍ଭ କରିଛି। ଇସ୍ପାତ କାରଖାନା ଅପ୍ରେଲ ମାସରେ ୩୭୩୪୮୪ ଟନ୍ ଉତ୍ତପ୍ତ ଧାତୁ, ୩୪୨୪୨୧ ଟନ୍ ଅଶୋଧିତ ଇସ୍ପାତ ଏବଂ ୩୦୦୬୧୬ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ପୂର୍ବକ ଏହି ସମସ୍ତ କ୍ଷେତ୍ରରେ ଯେକୌଣସି ଅପ୍ରେଲ ମାସ ନିମନ୍ତେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଅପ୍ରେଲ ମାସରେ ୨୪୨୧୬୦ ଟନ ଉତ୍ତପ୍ତ ଧାତୁ ଉତ୍ପାଦନ କରି ସର୍ବଶ୍ରେଷ୍ଠ ଅପ୍ରେଲ ପ୍ରଦର୍ଶନ ହାସଲ କରିଥିବାବେଳେ ଷ୍ଟିଲ ମେଲ୍ଟିଂ ସପ-୧ ଓ ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗ ଯଥାକ୍ରମେ ୪୪୦୧୩ ଓ ୨୯୮୪୦୮ ଟନ ଅଶୋଧିତ ଇସ୍ପାତ ଉତ୍ପାଦନ ପୂର୍ବକ ସେମାନଙ୍କର ସର୍ବଶ୍ରେଷ୍ଠ ଅପ୍ରେଲ ମାସ ପ୍ରଦର୍ଶନ ହାସଲ କରିଥିଲେ। ୨୦୨୨ ଅପ୍ରେଲ ତୁଳନାରେ ୫.୩% ଅଭିବୃଦ୍ଧି ସହିତ ୬୦୫୮୮୪ ଟନ୍ ସିଣ୍ଟର ଯୋଗାଇ ସିଣ୍ଟର ପ୍ଲାଣ୍ଟଗୁଡିକ ଏହି ଉତ୍କୃଷ୍ଟ ପ୍ରଦର୍ଶନରେ ସହଯୋଗ କରିଥିଲେ। ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ୩୧୨୧୮୮ ଟନ ସିଣ୍ଟର ଉତ୍ପାଦନ ସହିତ ଯେକୌଣସି ଅପ୍ରେଲ ମାସ ପାଇଁ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା। ଏଥିସମେତ ଅତ୍ୟାଧୁନିକ ହଟ ଷ୍ଟ୍ରିପ ମିଲ-୨ ବିଭାଗ ଆଲୋଚ୍ୟ ମାସରେ ସମୁଦାୟ ୧୫୮୩୨୧ ଟନ ଏଚଆର କଏଲ ଉତ୍ପାଦନ କରି ଏହାର ଅଦ୍ୟାବଧି ଶ୍ରେଷ୍ଠ ଅପ୍ରେଲ ପ୍ରଦର୍ଶନ ହାସଲ କରିଥିଲା। ଆରଏସପିର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୩ ବିଭାଗ ମଧ ସିପିପି-୧ ଓ ୩ରୁ ହାରାହାରି ୭୬.୫ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରି ଏହାର ସର୍ବଶ୍ରେଷ୍ଠ ଅପ୍ରେଲ ଉତ୍ପାଦନ ରେକର୍ଡ ହାସଲ କରିଛି।

ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ଆରଏସପି ସାମୁଦାୟିକଙ୍କୁ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଅଭିନନ୍ଦନ ଜଣାଇବା ସହିତ ଏହି ପ୍ରଦର୍ଶନର ଧାରାକୁ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେସଙ୍ଗେ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧିରେ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ଦୃଢ ପ୍ରଚେଷ୍ଟା କରିବା ପାଇଁ ଅନୁପ୍ରେରିତ କରିଥିଲେ। ସେ ସୁରକ୍ଷା ଓ ଗୁଣବତ୍ତା ଉପରେ ଧ୍ୟାନକେନ୍ଦ୍ରିତ କରିବାକୁ ମଧ ପରାମର୍ଶ ଦେଇଥିଲେ ଯାହା ସଫଳତାର ମୁଖ୍ୟ ସ୍ତମ୍ଭ ଅଟନ୍ତି।

# କେନ୍ଦ୍ରାପଡାର ବିଭିନ୍ନ କଲେଜ ତରଫରୁ ଆର୍ଥିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ କୃତଜ୍ଞତା

କେନ୍ଦ୍ରାପଡ଼ା, ୦୬/୦୫ (ନି.ପ୍ର): କେନ୍ଦ୍ରାପଡାର ବିଭିନ୍ନ କଲେଜ ତରଫରୁ ଆର୍ଥିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାରେ ଥିବା ୯ଟି ବ୍ଲକର ସମସ୍ତ କଲେଜର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ଓ ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ସଚିବ କେନ୍ଦ୍ରାପଡାକୁ ଦୁଇଦିନିଆ ଗସ୍ତ କଲାପରେ ଜିଲ୍ଲାରେ ଥିବା କଲେଜର ସମସ୍ୟା ର ସମାଧାନ କରି ରୂପାନ୍ତରୀକରଣ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ କଲେଜର ଅଧକ୍ଷ, ଅଧକ୍ଷା ଓ ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଏନେଇ କେନ୍ଦ୍ରାପଡା ବ୍ଲକ ପରିସରରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏକ ସମାରୋହରେ କେନ୍ଦ୍ରାପଡା ବ୍ଲକର ୧୪ଟି କଲେଜର ଅଧକ୍ଷ, ଅଧକ୍ଷା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ୫ଟି ସଚିବ ଭିକେ ପାଣ୍ଡିଆନଙ୍କ ସହିତ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିଛନ୍ତି। ପାଣ୍ଡିଆନ ତାଙ୍କ ଭାଷଣରେ କଲେଜକୁ ଦିଆଯାଇ ଥିବା ଅର୍ଥକୁ ନଭେମ୍ବର ମାସ ମଧରେ କାର୍ଯ୍ୟ ଶେଷ କରିବା ପରାମର୍ଶ ଦେଇଛନ୍ତି। ନଭେମ୍ବର ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଏାକୁ ଉଦ୍‌ଘାଟନ କରିବେ ବୋଲି କହିଛନ୍ତି। ଏବଂ ଛାତ୍ରଛାତ୍ରୀ ମାନଙ୍କୁ ନିଜର ୱାଟସାପ ନମ୍ବର ୭୦୦୮୩୪୬୪୨୬ ମାଧ୍ୟମରେ କାର୍ଯ୍ୟ ସଂପର୍କରେ ଭିଡିଓ କ୍ଲିପ କରି ଜଣାଇବା ପାଇଁ ପରାମର୍ଶ ଦେଇଛନ୍ତି। ଉକ୍ତ ସହାୟତା ମାଧ୍ୟମରେ ତୁରନ୍ତ କଲେଜର ୪ ଗୋଟି କାର୍ଯ୍ୟ ଉପରେ ଯଥା ୧) କ୍ଲାସ୍ ରୁମ ରୂପାନ୍ତରୀକରଣ କରିବା, ୨) ବିଜ୍ଞାନ ଗୃହ, ୩) ପାନୀୟ ଜଳ, ଶୌଚାଳୟ, ୪) ଖେଳ ପଡିଆ ଓ ଆବଶ୍ୟକ ଥିବା ଓ ଅନ୍ୟାନ୍ୟ ସମସ୍ୟାକୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ପ୍ରତ୍ୟେକ କଲେଜର ଦୁଇ ତିନୋଟି ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କର ଆଭିମୁଖ୍ୟ ଓ ଲକ୍ଷ୍ୟ ସଂପର୍କରେ ମତାମତ ନେବା ସହ ଜୀବନରେ ସଫଳ ହେବାପାଇଁ ଆଶିର୍ବାଦ ପ୍ରଦାନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ବିଡିଓ ବନ୍ଦନା ଖଟୁଆଙ୍କ ସହ ଏବିଡିଓ ଅନିରୁଦ୍ଧ ବେହେରା, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ରାଜେଶ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବଡ଼ଗମଡ଼ା ଗାଁର ଭୀମ ଭୋଇ ଛକଠାରେ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବଲାଙ୍ଗୀର, ୦୬/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ପଂଚାୟତ ବଡ଼ଗମଡା ଗାଁର ଭୀମ ଭୋଇ ଛକଠାରେ ଆଜି ସନ୍ଥକବି ଭୀମ ଭୋଇ ଗ୍ରାମ ଉନ୍ନୟନ ସମିତି ପକ୍ଷରୁ ଆଜି କ୍ରାନ୍ତିକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ମୁଖ୍ୟବକ୍ତା ଭାବେ ଆଦିବାସୀ ସଂସ୍କୃତି ଗବେଷକ ଅଜିତ ଭୋଇ, ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ପୂର୍ବତନ ଭାଲୁମୁଣ୍ଡା ସରପଂଚ ଉପେନ୍ଦ୍ର ମେହେର, ପୂର୍ବତନ ବେଲପଡା ସରପଂଚ ଅଞ୍ଜନା ମେହେର, ବେଲପଡା ସମିତି ସଭ୍ୟ ହର ମେହେର, କିଶୋର ବଘେଲ, ଜିଲ୍ଲା କନ୍ଧ ସମାଜ ଯୁବ ସଂଗଠନ ସଭାପତି ସୁରେଶ ଭୋଇ, ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ସାହୁ, ସନ୍ତୋଷ ମେହେର, ସମାଜସେବୀ ମକରନ୍ଦ ପୋଢ଼, ଯୁବନେତା ଧନେଶ୍ୱର ମାଝୀ, ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ଉପସଭାପତି ଅଶୋକ ନାରାୟଣ ଭୋଇ, କଂଟାବାଞ୍ଜି ସାମ୍ବାଦିକ ସଂଘର ସହ ସମ୍ପାଦକ ହୁଲେଶ୍ୱର ହଂସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସନ୍ଥକବି ଭୀମ ଭୋଇଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

# ଶିଶୁ ଓ ମହିଳା ବିକାଶ ସୋସାଇଟି ତରଫରୁ କୁଷ୍ଠାଶ୍ରମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ସୋନପୁର, ୦୬/୦୫ (ନି.ପ୍ର): ସୋନପୁର ସହର ସ୍ଥିତ କୁଷ୍ଠାଶ୍ରମରେ ଆଜି ଶିଶୁ ଓ ମହିଳା ବିକାଶ ସୋସାଇଟି ତରଫରୁ ସ୍ୱାସ୍ଥ୍ୟ ସମ୍ପର୍କୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ୍)ର ଅଧକ୍ଷ ମେଜର ଡା. କଳ୍ପନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ପ୍ରତାପପୁର ବିଦ୍ୟାଳୟର ଶିକ୍ଷକ ତଥା ସୋସାଇଟିର ସଭ୍ୟ ଗୋପେଶ ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସମାଜସେବୀ ଶ୍ରୀବସ୍ତ ମଲ୍ଲିକ ଓ ମାୟାବର୍ହା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରବିଚନ୍ଦ୍ର ପଶାୟତ ଯୋଗ ଦେଇଥିଲେ। ବାହ୍ୟ ପରିବେଶ ସଫାସୁତୁରା ତଥା ବ୍ୟକ୍ତିଗତ ସ୍ୱାସ୍ଥ୍ୟକୁ ଠିକ ରଖିବା ପାଇଁ ସମ୍ମାନୀତ ଅତିଥି ଶ୍ରୀ ମଲ୍ଲିକ ମତ ରଖିଥିଲେ। ଅନ୍ୟତମ ଅତିଥି ରବିଚନ୍ଦ୍ର ପଶାୟତ ହାତ ଧୋଇବାର ୬ଟି ପ୍ରଣାଳୀକୁ ପ୍ରଦର୍ଶନ ମାଧ୍ୟମରେ ଅନ୍ତେବାସୀଙ୍କୁ ଅବଗତ କରିବା ସହିତ ଏହାକୁ ପ୍ରତିଦିନ ଜାରି ରଖିବା ପାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ଆବେଗିକ ବିକାଶ ପାଇଁ ସଙ୍ଗୀତଗାନ କାର୍ଯ୍ୟକ୍ରମ ହୋଇଥିଲା। ପରେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ପାଉଁରୁଟି, ବିସ୍କୁଟ, ଫଳ, କଦଳୀ, ସେଓ, ଅଙ୍ଗୁର, ମାସ୍କ, ହାତ ଧୁଆ ସାବୁନ ଆଦି ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ଓ ମହିଳା ବିକାଶ ସୋସାଇଟିର ସଭ୍ୟ ରାମ ନାରାୟଣ ଦାଶ, ପ୍ରଭାକର ଛନ୍ଦ, ରଞ୍ଜିତା ମିଶ୍ର, ପ୍ରଭାକର ଛନ୍ଦ, ଅନୁଭବ ବେହେରା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସୋସାଇଟିର ସଭ୍ୟ ଚନ୍ଦ୍ର ଶେଖର ମହାପାତ୍ର ପରିଚାଳନା କରିଥିବା ବେଳେ ଗୁଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାମ ମନ୍ଦିର ପ୍ରତିଷ୍ଠା ଓ ୧୦୮ ଫୁଟ ଉଚ୍ଚତାର ହନୁମାନ ବିଗ୍ରହ ନିର୍ମାଣ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୦୬/୦୫ (ନି.ପ୍ର): ବୁଦ୍ଧ ପୂର୍ଣ୍ଣିମା ଅବସରରେ ଗୀତ ଭବନ ଠାରେ ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଆବାହକ ହିମାଂଶୁ ମହାପାତ୍ରଙ୍କ ଦ୍ୱାରା ଏହି ବୈଠକର ପରିଚାଳନା ଓ ଆଗାମୀ ଦିନରେ ନାକ୍ଟି ଡଙ୍ଗର ପାହାଡ ଉପରେ ଏକ ଭବ୍ୟ ରାମ ମନ୍ଦିର ଓ ୧୦୮ ଫୁଟ ଉଚ୍ଚତାର ଏକ ହନୁମାନଙ୍କ ବିଗ୍ରହ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଛି। ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବାପାଇଁ ସାମୁହିକ ମତାମତ ନିଆଯାଇଛି। ଶଙ୍କରାଚାର୍ଯ୍ୟ ପୀଠରୁ ନିର୍ଦ୍ଦେଶ କ୍ରମେ ମାତୃ ପ୍ରସାଦ ଭାଇଙ୍କ ସହିତ ବି ଯୋଗାଯୋଗ କରାଯାଇ ଏହି ସ୍ୱରୂପର ନିର୍ଦ୍ଦେଶ ନିଆଯାଇଥିଲା। ଆଗାମୀ ଦିନରେ ଏହି ମନ୍ଦିର ନିର୍ମାଣ ନିମନ୍ତେ ପୁଣି କେମିତି ରୂପରେଖ ତିଆରି କରାଯିବ ଓ ଏହା ନିମନ୍ତେ କମିଟି ନିର୍ମାଣ କରାଯିବ ତତ୍ ସହିତ ଗ୍ରୀନ ଟ୍ରିବୁନାଲ, ଆଡମିନିଷ୍ଟ୍ରେଟିଭ ଆପ୍ରୁଭାଲ, ଡିଜାଇନ ଓ କିପରି ଜନ ସଂପର୍କ କରାଯିବ ତାହାର ରୂପରେଖ ତିଆରି କରାଯାଇଛି। ଆଗାମୀ ଦିନରେ ଏକ ବିରାଟ ରାମ ଭକ୍ତ ବନ୍ଧୁ ସମାଗମ କରାଯିବ ଓ ସେହିଠାରେ ଶ୍ରୀରାମ ମନ୍ଦିର ନିର୍ମାଣ କମିଟି ଓ ଜନ ସହଯୋଗରେ ମନ୍ଦିର ଓ ବିଗ୍ରହ ନିର୍ମାଣର କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଏହି ବୈଠକରେ ରାମ ଚନ୍ଦ୍ର ନିସଙ୍କଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ୧୦୮ ଫୁଟ ର ହନୁମାନ ମୂର୍ତ୍ତି ନିର୍ମାଣ ହେବ। ଜୟପୁର ନିକଟ ନାକଟି ଡ଼ଙ୍ଗର ପାହାଡ଼ ଉପରେ ଏହି ହନୁମାନ ମୂର୍ତ୍ତି ସ୍ଥାପନ କରାଯିବ। ଅଯୋଧ୍ୟା ଭଳି ରାମ ମନ୍ଦିର ତିଆରି କରାଯିବ। ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ହିମାଂଶୁ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଧିରେନ ମୋହନ ପଟ୍ଟନାୟକ, ସୁରେଶ ହୋତା, କମଳାକାନ୍ତ ରଥ, ବାଦଲ ସନ୍ତ୍ରା ପାତ୍ର, ରାଜେନ୍ଦ୍ର ସାହୁ, ରଂଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗରନାଳୀ ଗ୍ରାମ୍ୟ ରାସ୍ତା ଜବରଦଖଲ : ଥାନାର ଦ୍ୱାରସ୍ଥ ଗ୍ରାମବାସୀ

ଚମ୍ପୁଆ, ୦୬/୦୫ (ନି.ପ୍ର): ଗାଁ ରାସ୍ତାକୁ ଜନୈକ ବ୍ୟକ୍ତି ଜବରଦଖଲ କରିବା ନେଇ ଗ୍ରାମବାସୀ ବାରିଆ ଥାନା ର ଦ୍ୱାରସ୍ଥ ହୋଇଛନ୍ତି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ପଂଚାୟତର ଟାଙ୍ଗରନାଳୀ ବାଙ୍କୀ ସାହିର ମୁଖ୍ୟ ଦାଣ୍ଡକୁ ଗ୍ରାମର ଜନୈକ ବ୍ୟକ୍ତି ଦଖଲ କରିବା ଅଭିପ୍ରାୟରେ କଂକ୍ରିଟ ରାସ୍ତାକୁ ତାଡି ରାସ୍ତାକୁ ସଂକୁଚିତ କରି ଦେଇଛନ୍ତି। ଯାହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। ଏସମ୍ପର୍କରେ ଗ୍ରାମର ୱାର୍ଡ ମେମ୍ବର ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ ମଧ ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ଆଜି ଗ୍ରାମବାସୀ ବାଧ ହୋଇ ବାରିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗାଁ ରାସ୍ତାକୁ ମଝିରେ ପାଚେରୀ ନିର୍ମାଣ ପୂର୍ବକ ଜବର ଦଖଲ ଉଦ୍ୟମ କରୁଥିବାବେଳେ ରାସ୍ତା ସଂକୁଚିତ ହେବାସହ ଲୋକେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଗ୍ରାମକୁ ଆମ୍ବୁଲାନ୍ସ ଯିବା ଆସିବା କରିବାରେ ମଧ ସମସ୍ୟା ଦେଖାଦେଇଛି।

# ନରସିଂହଙ୍କ ବଲାଙ୍ଗୀର ଓ ଦେଓଗାଁ ବ୍ଲକ ଗସ୍ତ : ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗୀର, ୦୬/୦୫ (ନି.ପ୍ର): ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ନିଜ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଉଭୟ ଦେଓଗାଁ ଓ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁ ଗସ୍ତ କରି ସେଠାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ସାମାଜିକ, ଧାର୍ମିକ ତଥା ରାଜନୈତିକ କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେବା ସହ ଲୋକଙ୍କ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଆଇନ ଶୃଙ୍ଖଳା, ରାସ୍ତାଘାଟ, ପଇବା ପାଣି, ବିଜୁଳି ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଥିବା ସମସ୍ୟା ଗୁଡିକୁ ନେଇ ଲୋକେ ଶ୍ରୀ ମିଶ୍ରଙ୍କ ସମ୍ମୁଖରେ ବିଭିନ୍ନ ଆପତି ଅଭିଯୋଗ କରିଥିଲେ। ବଘାପାଲି, ଦୁଆନପାଲି ଏବଂ ସିନଖମନ ଠାରେ ଜଳ ସମସ୍ୟା, ଆଇନ ଶୃଙ୍ଖଳାକୁ ନେଇ ଲୋକେ ଅଭିଯୋଗ କରିଥିଲେ ଯାହାକୁ ଶ୍ରୀ ମିଶ୍ର ତତକ୍ଷଣାତ ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇ ସେହି ଅଂଚଳଗୁଡିକୁ ସ୍ୱତନ୍ତ୍ର ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଦର ବ୍ଲକ ସ୍ଥିତ ବୈଦିପାଲି ଓ ଫଟକରା ଠାରେ ଦୁଇଟି କମ୍ୟୁନିଟି ସେଂଟରକୁ ବିଧାୟକ ଶ୍ରୀ ମିଶ୍ର ଉଦଘାଟନ କରିଥିଲେ। ପରେ ବିଧାୟକ ଶିବତଲା ଗସ୍ତ କରି ସେଠାରେ ଏକ ମଣ୍ଡପର ଭିତିପ୍ରସ୍ତର ଦେଇଥିଲେ। ସେହିପରି ବିଧାୟକ ଶ୍ରୀ ମିଶ୍ର ଦେଓଗାଁ ବ୍ଲକ ସ୍ଥିତ ସାଲେପାଲି ଠାରେ ବିଧାୟକ ପାଣ୍ଠିରୁ ଦୁଇଟି ହାଇମାଷ୍ଟ ଲାଇଟର ଶୁଭ ଉଦଘାଟନ କରିଥିଲେ। ଏଠାରେ ଆଲୋଛନା ମସୟରେ ଉପସ୍ଥିତ ଲୋକେ ଶାଲେପାଲି ଏକ ପୁରାତନ ଗ୍ରାମ ହୋଇଥିବା ବେଳେ ଏଠାରେ ଏକ କଲ୍ୟାଣ ମଣ୍ଡପର ଆବଶ୍ୟକତାକୁ ନେଇ ବିଧାୟକ ଶ୍ରୀ ମିଶ୍ରଙ୍କୁ ଦାବି ଜଣାଇଥିଲେ। ଅନ୍ୟାନ୍ୟ ସମସ୍ୟା ମଧରେ ରାସ୍ତା ଓ ନାଳି ସମସ୍ୟାକୁ ନେଇ ମଧ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଜମିଦାର ଦୁର୍ଗାପ୍ରସାଦ ସିଂ ଦେଓ, ସେବା ଦଳ ମୁଖ୍ୟ ଅସିତ ମିଶ୍ର, ବିରେନ୍ଦ୍ର ମିଶ୍ରମ ଅନନ୍ତ ବେହେରା, ରାମଜୀ ଚୌଧୁରି, ସରୋଜ ରଥ, କାନ୍ତେଶ୍ୱର ପ୍ରଧାନ, ଗୋପ ମେହେର, କୋଶଲ ବେହେରା, ଉମାକାନ୍ତ ନାଏକ, ସଚ୍ଚିଦାନନ୍ଦ କୁରେଇ, ଅମିତ ତ୍ରିପାଠୀ, ଦୁର୍ଯୋଧନ ମେହେର, କରୁଣା ମେହେର, ତୁଳାମଣୀ ମେହେର, ଉଦୟନାଥ ସାମଲ, ବାସୁଦେବ ଭୋଇ, ହେମସାଗର ଭୋଇ, ବୁଦ୍ଧଦେବ ସାମଲ, ଭରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଙ୍ଗିବାର ୩ ବର୍ଷ ପରେ ବି ନିର୍ମାଣ ହେଉନାହିଁ ପୋଲ

ମାଲକାନଗିରି, ୦୬/୦୫ (ନି.ପ୍ର): ମାଲକାନଗିରି ଜିଲା ମାଥିଲି ବ୍ଲକ କୁଟୁନିପାଲି ପଂଚାୟତ ଖଡକିଆଝଡି ଗ୍ରାମ ନିକଟ ଦେଇ ଯାଇଥିବା ନଦୀ ଉପରେ ନିର୍ମିତ ଏକ ପୋଲ ୩ ବର୍ଷ ହେଲା ଭୁଶୁଡ଼ି ପଡ଼ିଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ପ୍ରଶାସନର ନଜର ନାହିଁ। ସମସ୍ୟା ସମାଧାନ ପାଇଁ ଅଂଚଳବାସୀ ବାରମ୍ବାର ପ୍ରଶାସନକୁ ଜଣେଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଖଡକିଆଝଡି ଗ୍ରାମ ନିକଟ ନଦୀ ଉପରେ ହୋଇଥିବା ପୋଲ ଦେଇ ୩ଟି ଗ୍ରାମର ଲୋକେ ଯାତାୟତ କରି ଆସୁଥିଲେ। ପୋଲ ନ ଥିବା ସମୟରେ ଏହି ଅଂଚଳର ଲୋକେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗର୍ଭବତୀ କିମ୍ବା ଅନ୍ୟ କୌଣସି ରୋଗୀକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହେଲେ ଭାରରେ ବୋହି ନଦୀ ପାର କରାଯାଉଥିଲା। ବର୍ଷା ଦିନ ଆସିଲେ ୩ଟି ଗ୍ରାମର ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଥିଲେ।
ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଏକ ପୋଲ ନିର୍ମାଣ କରାଗଲା। କିନ୍ତୁ, ଏହା ନିର୍ମାଣର ବର୍ଷେ ନ ଯାଉଣୁ ଭୁଶୁଡ଼ି ପଡ଼ିଲା। ଅଂଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜିଲା ପ୍ରଶାସନ ମଧ ଅଂଚଳର ଉନ୍ନତି ଲାଗି ଧ୍ୟାନ ଦେଉଛନ୍ତି। ହେଲେ କେତେଜଣ ଅସାଧୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଅତି ନିମ୍ନମାନର କାମ ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ୩ ବର୍ଷ ହେଲା ପୋଲ ଭୁଶୁଡ଼ି ଥିଲେ ମଧ ଆଉ ନିର୍ମାଣ କରାଯାଉନି। ଏହି ଅଞ୍ଚଳର ଦୁଃଖ ପ୍ରଶାସନ କେବେ ବୁଝୁଛି ତାହା ଦେଖିବାକୁ ବାକି ରହିଲା।

# ଗଞ୍ଜେଇ ଚୋରା ଚାଲାଣ ମାମଲା: ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଗଞ୍ଜାମ, ୦୬/୦୫ (ନି.ପ୍ର): ବ୍ରହ୍ମପୁର ଏଡିଜେ -୩ ରାଜକୁମାର ଦାଶ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଆଜି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ବିହାରର ଶିବଜୀ ତୁରା (୨୮)। ୨୦୧୮ ମସିହାରେ ବ୍ରହ୍ମପୁର ରେଳ ଷ୍ଟେସନର ୪ ନଂ ପ୍ଲାଟଫର୍ମ ନିକଟ ଗୁଡସ୍ ସେଡ୍ ରୋଡ଼ର ଏକ ଗଛ ମୂଳେ ଶିବଜୀ ୨ଟି ବ୍ୟାଗ୍ ଧରି ଛିଡା ହୋଇଥିବା ବେଳେ ଅବକାରୀ ବିଭାଗର କର୍ମଚାରୀ ମାନେ ସନ୍ଦେହରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ତାଙ୍କ ନିକଟରୁ ୨୯ କେଜି ଗଞ୍ଜେଇ ଜବତ କରାଯିବା ସହ ଏକ ମାମଲା ରୁଜୁ କରି ଶିବଜୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ୨୦୧୯ ନଭେମ୍ବର ୨୧ ରେ ଶିବଜୀଙ୍କୁ କୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିବା ପରେ ସେ ଜେଲ୍ ରୁ ମୁକୁଳି ଥିଲେ। କିନ୍ତୁ, ସେ କୋର୍ଟରେ ଚାଲିଥିବା ମାମଲାର ବିଚାରଣା ପ୍ରକ୍ରିୟାରେ ସହଯୋଗ ନକରି ଫେରାର୍ ହୋଇଯାଇଥିଲେ। ତେଣୁ କୋର୍ଟ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରୀ କରିଥିଲେ। ପୋଲିସ ତାଙ୍କୁ ଗତ ମାର୍ଚ୍ଚ ୨୭ ରେ ପୁଣି ଥରେ ଗିରଫ କରି କୋର୍ଟଚାଲାଣ କରିଥିଲା।

# ରାଉରକେଲା ଇସ୍ପାତ କାରଖାନାର ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦଘାଟିତ




ରାଉରକେଲା, ୦୬/୦୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର କ୍ରୀଡା ବିଭାଗ ଆନୁକୁଲ୍ୟରେ ଆୟୋଜିତ ୩୫ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ମଇ ୫ ତାରିଖରେ ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି। ଆରଏସପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଶିବିରର ଉଦଘାଟନ କରିଥିଲେ। ଏହି ଅବସରରେ ସହର ସେବା ବିଭାଗର ସିଜିଏମ, ଶ୍ରୀ ପି କେ ସ୍ୱାଇଁ, ହସ୍ପିଟାଲ ପ୍ରଶାସନ, କ୍ରୀଡା ଓ ବିମାନବନ୍ଦରର ଜିଏମ, ଶ୍ରୀ ଆର କେ ବର୍ମା ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ଶିବିରରେ ୧୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି।

ଏହିପରି ଗ୍ରୀଷ୍ମ କ୍ରୀଡା ଶିବିରରେ ସେମାନଙ୍କ ପିଲାମାନଙ୍କୁ ନାମ ପଞ୍ଜୀକରଣରେ ଅଭିଭାବକଙ୍କ ଆଗ୍ରହର ଶ୍ରୀ ଶତପଥୀ ପ୍ରଶଂସା କରିଥିଲେ। ଯୁବମାନସ ଏବଂ ପ୍ରତିଭା ଗଢିବାରେ କ୍ରୀଡାର ଭୂମିକା ଉପରେ ମଧ ସେ ଆଲୋକପାତ କରିଥିଲେ। କ୍ରୀଡା ତଥା ସ୍ୱତନ୍ତ୍ର ଗ୍ରୀଷ୍ମ କ୍ରୀଡା ତାଲିମ ଶିବିରର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ଶତପଥୀ ଅଂଶଗ୍ରହଣକାରୀଙ୍କୁ ଏହି ବାର୍ଷିକ କ୍ରୀଡା ଉତ୍ସବର ସର୍ବୋତ୍ତମ ଉପଯୋଗ କରିବାକୁ ଉତ୍ସାହିତ କରି କହିଥିଲେ ଯେ, "କ୍ରୀଡା ଶୃଙ୍ଖଳା ଶିକ୍ଷା ଦେଇଥାଏ, ଦଳଗତ ଭାବନାକୁ ଉତ୍ସାହିତ କରିବା ସଙ୍ଗେସଙ୍ଗେ ନେତୃତ୍ୱ ଗୁଣରେ ବୃଦ୍ଧି ଆଣେ ଏବଂ ସାମଗ୍ରିକ ବିକାଶରେ ସାହାଯ୍ୟ କରେ ଯାହା ପିଲାଙ୍କର ବ୍ୟକ୍ତିତ୍ୱ ବିକାଶ ତଥା ପାଠ୍ୟ ଏବଂ ବୃତ୍ତିଗତ ଅଭିବୃଦ୍ଧିରେ ସହାୟକ ହୋଇଥାଏ।"

ପରେପରେ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିମାନେ ଅଫିସିଆଲ ଓ ଅଂଶଗ୍ରହଣକାରୀଙ୍କ ସହ ପରିଚିତ ହୋଇଥିଲେ।

ପ୍ରାରମ୍ଭରେ ଶ୍ରୀ ଆର କେ ବର୍ମା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡା ବିଭାଗର ସହକାରୀ ପ୍ରବନ୍ଧକ, ଶ୍ରୀ ଆର ଏନ ପାଢୀ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଆରଏମ ବିଭାଗର ସିନିୟର ଟେକନିସିଆନ, ଶ୍ରୀ ଏ କେ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ପ୍ରଶିକ୍ଷଣ ଶିବିରରେ ଛାତ୍ରଛାତ୍ରୀମାନେ ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକସିଙ୍ଗ, ଚେସ, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡି, ଟେବୁଲ ଟେନିସ, ଭଲିବଲ, ଭାରୋତ୍ତୋଳନ ଏବଂ ଯୋଗ ଆଦି ୧୪ ଟି କ୍ରୀଡାବର୍ଗରେ ତାଲିମ ଗ୍ରହଣ କରିବେ। ବିଭିନ୍ନ କ୍ରୀଡାବର୍ଗରେ ଅଭିଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ କ୍ରୀଡା ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ସମସ୍ତ ପ୍ରଶିକ୍ଷଣ ଇସ୍ପାତ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମରେ ଚେସ ହଲରେ ଅନୁଷ୍ଠିତ ହେଉଛି। ସୀମିତ ଅଂଶଗ୍ରହଣକାରୀଙ୍କୁ ନେଇ ୧୯୮୬ ମସିହାରେ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ସମ୍ପ୍ରତି ବିଶେଷ ରୂପେ ବୃଦ୍ଧି ପାଇଛି। ଏହା ଅତୀତରେ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡାବିତ ସୃଷ୍ଟି କରିବା ସହିତ ସମ୍ପ୍ରତି ବହୁ ପ୍ରତିଭା ସମ୍ପନ୍ନ କ୍ରୀଡା ତାରକାଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରୟାସ ଜାରିରଖିଛି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ମଇ ୨୦୨୩
email : rabibarachayan2015@gmail.com

ର ବି ବା ର ଚ



ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୩**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଲକ୍ଷ୍ମଣ ରଥ ବାହି ଚାଲିଥା'ନ୍ତି । କେତେ ପଥ ଅତିକ୍ରାନ୍ତ କରି ରଥ ଆସି ସୂର୍ଯ୍ୟାସ୍ତ ପୂର୍ବରୁ ଏକ ଅରଣ୍ୟରେ ପ୍ରବେଶ କରିଥିଲା। ଲକ୍ଷ୍ମଣ ସହସା ମୋତେ ରଥରୁ ଓହ୍ଲାଇ ଦେଇ ମୋର ପାଦଧରି କାନ୍ଦିକାନ୍ଦି କହିଥିଲେ, "ମୋର ଦୋଷମାର୍ଜନା କରିବେ ମାତା । ମୁଁ ନାଚାର । ବଡ଼ଭାଇଙ୍କ ଆଜ୍ଞା ମୋ ପାଇଁ ଦେବତାଙ୍କ ଆଜ୍ଞାଠାରୁ ବଳି । ତାଙ୍କରି ଆଦେଶରେ ମୁଁ ଆପଣଙ୍କୁ ବାଲ୍ମିକୀଙ୍କ ଆଶ୍ରମ ନିକଟକୁ ନେଇ ଆସିଛି । ପ୍ରଭୁ ରାମଚନ୍ଦ୍ର ଆପଣଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି । ମୁଁ ଏହିଠାରେ ଆପଣଙ୍କୁ ଛାଡ଼ିଦେଇ ଯାଉଛି ।" ଏତକ କହିଦେଇ ଲକ୍ଷ୍ମଣ ସହସା ରଥକୁ ଚାଳି ଦେଇଥିଲେ ।

ଚତୁର୍ଦ୍ଦିଗ ମୋତେ ଅନ୍ଧାର ଦେଖା ଯାଇଥିଲା । ପ୍ରଭୁ ପ୍ରଭୁ କହି ମୁଁ ସେହିଠାରେ ଟଳି ପଡ଼ିଥିଲି । ବନପ୍ରକୃତିର ଶୀତଳ ପବନ ସ୍ପର୍ଶ ମୋର ସଂଜ୍ଞା ଆଣି ଦେଇଥିଲା । କଣ ପାଇଁ ଆପଣ ମୋତେ ଏ ଦଣ୍ଡ ଦେଲେ ପ୍ରଭୁ । ଗର୍ଭରେ ଏ ଅମୂଲ୍ୟ ରତ୍ନଙ୍କୁ ଧରି ମୁଁ କିପରି ଜୀବନ କାଟିବି । ମୁଁ ଏ ଅରଣ୍ୟରେ ସବୁଠିଁ ଆପଣଙ୍କୁ ଦେଖୁଛି । ଏ ବୃକ୍ଷଲତାରେ, ଏ ପାଷାଣରେ, ସର୍ବତ୍ର ଆପଣଙ୍କ କାନ୍ଦକାନ୍ଦ ମୁଖମଣ୍ଡଳ ମୋତେ ଦେଖା ଯାଉଛି । ଆକାଶର ଦିନନାଥ କୋଳରେ ଆପଣ, ଅରଣ୍ୟ ଘୂରି ବୁଲୁଥିବା ଏ ମୃଗଶିଶୁଙ୍କ ଦେହରେ ଆପଣ, ବୃକ୍ଷର ଫୁଲ ଫଳରେ ଆପଣ, ପକ୍ଷୀର କାକଳିରେ ଆପଣଙ୍କ କଣ୍ଠସ୍ୱର । ଆପଣ ମୋର ଚାରିପାରୁଶରେ ବେଢ଼ି ରହିଛନ୍ତି ପ୍ରଭୁ । କ'ଣ ପାଇଁ ମୋତେ ଏ ଦଣ୍ଡ ଦେଲେ ସ୍ୱାମୀ । ଏହିକଥା କହୁକହୁ ସୀତା ଭୋ ଭୋ ହୋଇ କାନ୍ଦିବାକୁ ଲାଗିଥିଲେ । ସେ ଏମିତି କାନ୍ଦିଥିଲେ ଯେ ତାଙ୍କ କ୍ରନ୍ଦନ ଧ୍ୱନିରେ ବନଭୂମି କମ୍ପି ଉଠିଥିଲା । ବୃକ୍ଷଡାଳରେ ବସି ରାବୁଥିବା ପକ୍ଷୀକୁଳଙ୍କ ଧ୍ୱନି ହୋଇ ଯାଇଥିଲା ରହିତ । ତୃଣଚରଣ କରୁଥିବା ହରିଣ ହରିଣୀ ଗ୍ରୀବାଟୋଳି ଏଣେତେଣେ ଅନାଇବାକୁ ଲାଗିଲେ । କୋମଳ ଦୁବାଙ୍କୁରକୁ ତୁଣ୍ଡରେ ଧାରଣ କରି ଚକିତ ହୋଇ ଯାଇଥିଲେ ଗାଈମାନେ । ବାଛୁରୀମାନେ ମା' ଚିରକୁ ଟାଣି ପାଟିକୁ ନେଉଥିବା କ୍ଷୀରକୁ କଣ୍ଠ ଆରପାରି କରିନପାରିବାରୁ ଦୁଇକଳ ଦେଇ ତାହା ବହି ଯାଉଥିଲା । ପବନରେ ଦୋହଲି ଉଠୁଥିବା ବୃକ୍ଷଲତା ସ୍ଥିର ହୋଇ ଯାଇଥିଲେ । କ'ଣ ଘଟିଗଲା ଏ ଶାନ୍ତ ବନାନୀରେ । ଏ କରୁଣ କ୍ରନ୍ଦନ ସ୍ୱର କାହାର ? କିଏ ସେହି କ୍ରନ୍ଦନରତା ନାରୀ, ଯାହାର କ୍ରନ୍ଦନରେ ଏତେ ଦୁଃଖ ଏତେ ବୁକୁଫଟା ଦରଦ ଭରି ରହିଛି ଯେ ଯାହା ବୃକ୍ଷ, ଲତା, ଜଳ, ପବନ, ବନାଚରୀ ଜୀବଜନ୍ତୁ ସମସ୍ତଙ୍କୁ ସ୍ଥବିର କରାଇଦେଲା ।

ହା'ରାମ, ହା'ରାମ, ହା' ସ୍ୱାମୀ କହି କାନ୍ଦୁଥାନ୍ତି ଜାନକୀ । ଦୁଇନେତ୍ରରୁ ବହିଯାଉଥାଏ ଶ୍ରାବଣର ଜଳଧାରା ପରି ଅଶ୍ରୁ । ସେ କ୍ରନ୍ଦନର ଧ୍ୱନି ଶୁଣି ପଶୁପକ୍ଷୀ ମୃଗ, ମୃଗୀ, ଗାଈ, ବାଛୁରୀ ସମସ୍ତେ ଧୀରେଧୀରେ ଆସି ତାଙ୍କୁ ଚାରିପାରୁଶରୁ ବେଢ଼ିଗଲେଣି । ଗାଈମାନେ ତାଙ୍କୁ ଅନାଇ ସମବେଦନା ଜଣାଇ ତାଙ୍କ ସମ ନୟନରୁ ଅଶ୍ରୁଧାରା ବୁହାଇବାକୁ ଲାଗିଲେଣି । ମୃଗଶାବକ, ବାଛୁରୀମାନେ ଯାଇ ତାଙ୍କ ଦେହରେ ଘଷି ହୋଇ ତାଙ୍କ ପଣତକୁ ନିଜର କୋମଳ ପାଟିରେ ଟାଣି କ'ଣ ପାଇଁ ତାଙ୍କର ଏ ଦୁଃଖ ତାହା ଜାଣିବାକୁ ଚାହୁଁଛନ୍ତି । ଦୁଷ୍ଟ ବାନରମାନେ ଯେଉଁମାନେ କିଛିକ୍ଷଣ ପୂର୍ବରୁ ବୃକ୍ଷର ଏ ଡାଳରୁ ସେ ଡାଳକୁ ଡେଇଁ ଆନନ୍ଦରେ ମାତି ଉଠୁଥିଲେ ସେମାନେ ମଧ୍ୟ ଆସି ସୀତାଦେବୀଙ୍କୁ ଚାରିପାରୁଶରୁ ବେଢ଼ିଗଲେଣି । ପକ୍ଷୀମାନେ ବୃକ୍ଷଡାଳରୁ ଉଡ଼ିଆସି ତାଙ୍କୁ ବେଢ଼ିଗଲେଣି । ସଭିଙ୍କ ମନରେ ଭରିରହିଛି ଉତ୍କଣ୍ଠା । କିଏ ଏହି ଅନନ୍ୟା, ଅପରୂପା ନାରୀ ? ଏ ତ ମର୍ତ୍ତ୍ୟର ସାଧାରଣ ମାନବୀ ପରି ଦେଖାଯାଉ ନାହାନ୍ତି । ସ୍ୱର୍ଗପୁରରୁ କେଉଁ ଦେବୀ ଆଉ ଅଭିଶାପ ପାଇ ଏ ଆଶ୍ରମକୁ ଚାଲି ଆସିଛନ୍ତିକି ? ସମସ୍ତଙ୍କ ମନରେ କୌତୁହଳ । ସମସ୍ତେ ଦେବୀଙ୍କ ଦୁଃଖରେ ଦୁଃଖିତ । ପଶୁପକ୍ଷୀ ସମସ୍ତଙ୍କ ଚକ୍ଷୁରେ ଅଶ୍ରୁ । ଅବୋଧ ଶିଶୁଭଳି ସମସ୍ତେ ସେହି ଦେବୀଙ୍କ ମୁହଁକୁ ଅନାଇ ରହିଛନ୍ତି । କେହି କିଛି ପଚାରିପାରୁ ନାହାନ୍ତି । କେମିତିବା ସେମାନେ ପଚାରିବେ । ମଣିଷ ମୁହଁର ଭାଷା ତ ତାଙ୍କ ତୁଣ୍ଡରେ ନାହିଁ । ଚାରିପାରୁଶରୁ ବେଢ଼ି ଦୁଃଖୀ ହେବା ବ୍ୟତିରେକେ ସେମାନେ ବା ଆଉ କ'ଣ କରିପାରିବେ ? କାନ୍ଦିକାନ୍ଦି ବନଭୂମିକୁ ଅଶ୍ରୁଜଳରେ ତିନ୍ତାଇ ଦେଲେଣି ଜନକ ନନ୍ଦିନୀ । ତାଙ୍କୁ ଚାରିପାରୁଶରୁ ବେଢ଼ି ରହିଥିବା ପଶୁପକ୍ଷୀଙ୍କୁ ଦେଖି ତାଙ୍କର କୋହ ଦ୍ୱିଗୁଣିତ ହେବାକୁ ଲାଗିଲା । ହେ ସ୍ୱାମୀ, ହେ ରଘୁକୁଳ ତିଳକ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଚନ୍ଦ୍ର, କେଉଁ ଦୋଷ ପାଇଁ ଆପଣ ମୋତେ ଏ ଦଣ୍ଡ ଦେଲେ ପ୍ରଭୁ ? କ'ଣ ପାଇଁ ଦାସୀକୁ ଏ ନିର୍ବାସନ ? ରଘୁକୁଳ ବଧୂଙ୍କର ଏ ଦୁର୍ଦ୍ଦଶା ଦେଖି ସୂର୍ଯ୍ୟଦେବ ଅସ୍ଥିର ହୋଇ ଅସ୍ତାଚଳକୁ ଢଳି ପଡ଼ିଲେଣି । ଆଉ କିଛିସମୟ ପରେ ସନ୍ଧ୍ୟା ଆସିଯିବ । ଏହାପରେ କ'ଣ ହେବ ? କେଉଁଠାକୁ ଯିବେ ସୀତା । କେମିତି ଏ ଅରଣ୍ୟରେ ରାତ୍ରିଯାପନ କରିବେ । ଏହିକଥା ଚିନ୍ତାକରି ସେ ଏମିତି କାନ୍ଦିଥିଲେ ଯେ, ତାହା ଦେଖି କିଛି ମୃଗଶାବକ ଆଶ୍ରମକୁ ଦ୍ରୁତଗତିରେ ଧାଇଁ ଯାଇଥିଲେ । ତାଙ୍କ ସହ ତାଳଦେଇ ବାଛୁରୀମାନେ ମଧ୍ୟ ଧାଇଁଥିଲେ । ଗାଈମାନେ ହମ୍ବାରଡ଼ି କରି ବନଭୂମିକୁ କମ୍ପାଇଦେଲେ । ଅସ୍ଥିର ହୋଇଉଠିଲା ବନ ପ୍ରକୃତି । ଖୁବ୍‌ବେଗରେ ପବନ ବହିବାକୁ ଲାଗିଲା । ଆନ୍ଦୋଳିତ ହୋଇ ଉଠିଲା ତମସାର ଜଳ । ପକ୍ଷୀମାନେ କଣ୍ଠଫଟାଇ କଳରବ କରିବାକୁ ଲାଗିଲେ ।

ଆଶ୍ରମରେ ହଠାତ୍ ଏପରି ଅଘଟଣ କାହିଁକି ? କାହିଁକି କିଛି ନଥାଇ ପବନର ବେଗ ଏତେ ବଢ଼ିଗଲା । ବୃକ୍ଷଲତା ଅଥୟ କାହିଁକି ? ମୃଗଶାବକ, ବାଛୁରୀମାନେ କ'ଣ ପାଇଁ ଏତେ ସଂଖ୍ୟାରେ ଏକତ୍ର ଆଶ୍ରମକୁ ଧାଇଁ ଆସୁଛନ୍ତି । ଦୂରରୁ ଶୁଭୁଛି ଗାଈମାନଙ୍କର ହମ୍ବାରଡ଼ି । ପବନରେ ଭାସି ଆସୁଛି ଏକ ନାରୀର କ୍ରନ୍ଦନଧ୍ୱନି । କଣ ହୋଇଛି ଆଜି ଆଶ୍ରମରେ । ଆଶ୍ରମବାସିନୀ ମୁନିକନ୍ୟା ମାନେ ବୃକ୍ଷ ଆଳବାଳରେ ପାଣି ଦେଉଥିଲେ । ଏପ୍ରକାର ଅଘଟଣ କାହିଁକି ଘଟୁଛି ତାହା ସେମାନେ ବୁଝିବା ଆଗରୁ ବାଛୁରୀମାନେ ଆସି ତାଙ୍କ ପିନ୍ଧା ବସନକୁ ଦାନ୍ତରେ କାମୁଡ଼ି ଟାଣିବାକୁ ଲାଗିଲେ । ମୃଗଶାବକମାନେ ଆଗକୁ ଡେଇଁଡେଇଁ ବାଟ କଢ଼ାଇବାକୁ ଲାଗିଲେ । ଏ ସବୁ ଦୃଶ୍ୟ ଦେଖି ଆଶ୍ରମର ବୃଦ୍ଧା ତପସ୍ୱିନୀ ଅନୁକମ୍ପା କହିଥିଲେ, 'ମୁନିକନ୍ୟାଗଣ ମୁଁ ଯାହା ଜାଣୁଛି ଆଶ୍ରମ ବାହାରେ କିଛି ଅଘଟଣ ଘଟିଛି । ତାହା ନହେଲେ ଏ ସନ୍ଧ୍ୟା ସମୟରେ ଏ ବାଛୁରୀମାନେ ତୁମକୁ ଆଶ୍ରମ ବାହାରକୁ ଯିବାପାଇଁ ସଂକେତ ଦେଉଛନ୍ତି କାହିଁକି ? କ'ଣପାଇଁ ହରିଣ ଶାବକମାନେ ଆଗକୁ ଡେଇଁଡେଇଁ ଯିବାପାଇଁ ଇଂଗିତ ଦେଉଛନ୍ତି । ଆଶ୍ରମ ବାହାରେ କିଛି ଗୋଟାଏ ଦୁର୍ଘଟଣା ଘଟିଛି ନିଶ୍ଚୟ । କେହି ଜଣେ ନାରୀ ଅତି କରୁଣ ଭାବରେ କାନ୍ଦୁଥିବାର ଧ୍ୱନି ତୁମେମାନେ ଶୁଣି ପାରୁଥିବ ନିଶ୍ଚୟ । ଚାଲ ଆଉ କାଳବିଳମ୍ବ ନକରି ଆମେ ଏ ବାଛୁରୀ, ମୃଗଶିଶୁଙ୍କ ପଛେପଛେ ଯିବା । ଅଳ୍ପ ଦୂର ଗଲେ ଆମେ ଜାଣିପାରିବା ଆଶ୍ରମ ବାହାରେ କ'ଣ ଘଟିଛି ? ଏହାକହି ତପସ୍ୱିନୀ ଅନୁକମ୍ପା ଆଶ୍ରମ ବାହାରକୁ ପାଦ ପକାନ୍ତେ ତାଙ୍କ ସହିତ ମୁନିକନ୍ୟାମାନେ ଧାଡ଼ି ଲଗାଇଥିଲେ ।

ଅସ୍ତାଚଳକୁ ଧୀରେଧୀରେ ଚାଲି ଯାଉଛନ୍ତି ଦିନନାଥ । ଲଜ୍ଜା, ସଂକୋଚରେ ତାଙ୍କ ମୁଖ ମଳିନ ପଡ଼ିଯାଇଛି । ସୂର୍ଯ୍ୟବଂଶର କୁଳଲକ୍ଷ୍ମୀ, ରାଜା ଦଶରଥଙ୍କ ପୁତ୍ରବଧୂ, ପରଂବ୍ରହ୍ମ ରାମଚନ୍ଦ୍ରଙ୍କ ପତ୍ନୀର ଏ କି ଦଶା । ଜନକ ତନୟାଙ୍କର ଏ ଦୁଃଖ ଦେଖି ସୂର୍ଯ୍ୟଦେବ ଅସ୍ତାଚଳକୁ ଯିବାପାଇଁ ଚାହୁଁନଥିଲେ ବି ପ୍ରକୃତିର ନିୟମକୁ ସେ ଲଙ୍ଘନ କରିପାରିବେ କେମିତି ? ଧୀର, ମନ୍ଥର ଗତିରେ ପଶ୍ଚିମାଚଳକୁ ସେ ଛୁଇଁବାକୁ ଯାଉଥିବା ସମୟରେ ଦେଖିଲେ ଆଶ୍ରମ ଭିତରୁ ମୁନିକନ୍ୟାମାନେ କ୍ରନ୍ଦନ ଧ୍ୱନି ଶୁଣି ଧାଇଁ ଆସୁଛନ୍ତି ।

(କ୍ରମଶଃ)

♥ ଦର୍ଜୀ ପୋଖରୀ, ରାଣୀପାଟଣା, ବାଲେଶ୍ୱର

# ନୀତି-ଅନୀତି-ଦୁର୍ନୀତି

### ଡ. ଶିଶିର କୁମାର କର

ମଣିଷର ଜୀବନଧାରଣ ପଦ୍ଧତି ଅନୁସାରେ ଦେଶର ବିଭିନ୍ନ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ଭିନ୍ନ ଭିନ୍ନ ନୀତି ନିୟମକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଥାଏ । କେତେକ ବୁଦ୍ଧିଜୀବୀଙ୍କ ମତରେ ଏହି ନୀତି ହେଉଛି ଏକ ଆପେକ୍ଷିକ ଶବ୍ଦ । ଆଜି ଯାହା ନୀତି କାଲି ହୁଏତ ତାହା ବଦଳି ଯାଇପାରେ । ଅତୀତରେ ରାଜା ମହାରାଜାମାନେ ବହୁ ପତ୍ନୀ ବ୍ରତ ଗ୍ରହଣ କରୁଥିଲେ । ହେଲେ ସାଧାରଣ ମଣିଷ ପାଇଁ ତାହା ନୀତି ନଥିଲା । ଯାଜ୍ଞସେନୀ ଅବସ୍ଥା ଚକ୍ରରେ ପଡ଼ି ବହୁ ପତିବ୍ରତ ଗ୍ରହଣ କରିରବାକୁ ବାଧ୍ୟ ହୋଇଥିଲେ । ତାହା ତଦାନୀନ୍ତନ ସମୟରେ ନୀତିନିଷ୍ଠ ନଥିଲା । ବରଂ ସେ ପଞ୍ଚଭୋଗ୍ୟା ବୋଲି ନିନ୍ଦିତା ହୋଇଥିଲେ । କାରଣ ତାହା ନାରୀଧର୍ମର ବିପରୀତ ଥିଲା । ମହାଭାରତରେ ନିୟୋଗ ପ୍ରଥା ମାଧ୍ୟମରେ ଭ୍ରାତୃବଧୂମାନେ ଦେଢ଼ଶୂରଙ୍କ ସହିତ ସଙ୍ଗମ କରି ସନ୍ତାନବତୀ ହେବା ବୋଧହୁଏ ସେ ସମୟରେ ଏକ ବ୍ୟତିକ୍ରମ ଥିଲା ।

ପୂର୍ବକାଳରେ ଆମ ରାଜ୍ୟରେ ବଧୂନିର୍ବାଚନ ସମୟରେ କ୍ଷୁଦ୍ରକାୟ ହୃଷ୍ଟପୁଷ୍ଟ ନିତମ୍ବିନୀକୁ ଅଗ୍ରାଧିକାର ଦିଆ ଯାଉଥିଲା । ଏବେ ଡେଙ୍ଗୀ, ପତଳା, ନିତମ୍ବହୀନ ଝିଅଟିକୁ ବୋହୂ କରିବା ପାଇଁ ସମସ୍ତେ ଆଗ୍ରହୀ । ଅତୀତରେ କୁଟାବଦାଡ଼ି, ଆମ୍ବତୋଟା, ଗଡ଼ିଆ ଓ ଚାଷବାସକୁ ଦେଖି ବରଘର ନିର୍ବାଚନ କରାଯାଉଥିଲା । ବର୍ତ୍ତମାନ ଏସବୁ ନଥାଇ ଚାକିରିଟିଏ ଥିଲେ ସବୁ ଅଛି ବୋଲି ଗ୍ରହଣ କରାଯାଉଛି । ଆଗରୁ ନାରୀକୁ ଚାକିରି କରିବା ପାଇଁ ସୁଯୋଗ ଦିଆ ଯାଉନଥିଲା । ବରଂ ଗୁରୁଜନମାନେ କହୁଥିଲେ

"ଜଳ ନାଶ ଯାଏ ଫାଟରେ
ନାରୀ ନାଶ ଯାଏ ହାଟରେ ।"

ବର୍ତ୍ତମାନ ଚାକିରିଆ ବୋହୂଟିଏ କରିବା ପାଇଁ ସବୁ ଶ୍ୱଶୁର ଶାଶୁ ବ୍ୟାକୁଳ । କାରଣ ସ୍ୱାମୀ-ସ୍ତ୍ରୀ ଉଭୟ ରୋଜଗାର ନକଲେ ଘର ଚଳାଇ ହେବନାହିଁ । ଫଳରେ ନବାଗତ ସନ୍ତାନଟିଏ ମାତୃସ୍ତନ୍ୟ ନପାଇ ଆୟା, ଚାକରାଣୀ ହାତରେ ଲାଳିତ ପାଳିତ ହୋଇ ଅମଣିଷ ହେବାର ଦେଖାଯାଏ । ସମୟକ୍ରମେ ନୀତି, ନିୟମ, ପରଂପରା, ଲୋକବିଶ୍ୱାସକୁ ଆମକୁ ଛାଡ଼ିବାକୁ ପଡ଼ିଛି । ତେଣୁ ଯୌଥ ପରିବାର ଆଉ ନାହିଁ । ଫଳରେ ଭାବୀ ବଂଶଧରମାନେ ଏକାନ୍ତ ଭାବେ ଆତ୍ମକୈନ୍ଦ୍ରିକ ସ୍ୱାର୍ଥପର ହୋଇ ଯାଉଛନ୍ତି । ସେକାଳ ପଖାଳ ଆଜି ଖଟା ଲାଗୁଛି । ଏପରି ପରିମାଣରେ 'ସ୍ନେହ-ପ୍ରେମ-ମମତା' ଉଭେଇ ଯାଇଛି । ଛୋଟ ଛୋଟ ପିଲାମାନେ ଆଜି ଜେଜେ- ଜେଜିମାଠାରୁ ଗପ ଶୁଣିବାର ସୁଯୋଗ ପାଉ ନାହାନ୍ତି । ବେଳେବେଳେ ଯଦିବା ଦେଖାସାକ୍ଷାତ୍ ହେଉଛି ଇନ୍‌ଫେକ୍‌ସନ୍ ହୋଇଯିବ ଭାବି ସେହି ମାଟିର ମଣିଷଙ୍କ ସାଙ୍ଗରେ ମିଶିବାକୁ ପିଲାର ବାପା ମାଆ ବାରଣ କରୁଛନ୍ତି । ଆଜି ସେହି ପକ୍ଷହୀନ ପକ୍ଷୀ, ତାର ଛିଡ଼ି ଯାଇଥିବା ବୀଣା ଓ ଶୁଖି ଯାଇଥିବା ନଦୀମାନେ ଅଲଗା ପୃଥିବୀର ମଣିଷ ବୋଲି ବୋଧ କରୁଛନ୍ତି ।

ତା ହେଲେ ଅନୀତି କଣ? ପୁରୁଣା ବିଚାରଧାରାକୁ ଭାଙ୍ଗି ଏକ ନୂଆ ସନ୍ଦେଶ ଦେବା କ'ଣ ଅନୀତି? ସକ୍ରେଟିସ୍, ରାଜା ରାରମମୋହନ ରାୟ, ଶ୍ରୀ ଅରବିନ୍ଦ, ଦୟାନନ୍ଦ ସରସ୍ୱତୀଙ୍କ ଭଳି ଚିନ୍ତାନାୟକ ଓ ସମାଜ ସଂସ୍କାରକମାନେ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଲେ ତାହା କ'ଣ ଭୁଲ୍? ନାଁ ତାହା ହେଉଛି ଯୁଗଯୁଗର ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢେଇ, ଅମାନବିକତା ବିରୁଦ୍ଧରେ ମାନବିକତାର ଜୟଯାତ୍ରା । ଏହା ସମାଜ ବ୍ୟବସ୍ଥା ଓ ମଣିଷ ପଣିଆକୁ ମଜବୁତ କରିଛି ।

କବିବର ରାଧାନାଥ ରାୟ ତେପନ ବର୍ଷ ବୟସରେ ନଗେନ୍ଦ୍ରବାଳାଙ୍କ ପ୍ରେମରେ ପଡ଼ିବା, କଥାସମ୍ରାଟ ଫକୀରମୋହନ ନିଜର କନ୍ୟା ସନ୍ତାନ ଥିବା ସତ୍ତ୍ୱେ କୃଷ୍ଣାକୁମାରୀକୁ ଦ୍ୱିତୀୟ ବିବାହ କରିବା, ମଧୁସୂଦନ ଦାସ ହିନ୍ଦୁଧର୍ମ ପରିତ୍ୟାଗ କରି ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବା ଅନୀତି ନାଁ ନୂତନ ଦିଗ୍‌ଦର୍ଶନ ତାହା ବୁଝିହୁଏ ନାହିଁ । ବହୁ ସମୟରେ ବଡ଼ବଡ଼ ଲୋକଙ୍କର ସାମାନ୍ୟ ଦୋଷତ୍ରୁଟିକୁ ଦେଖି ପଛ ଗୋଡ଼ାଣିଆ ମାନେ ସିଧାସଳଖ ଅନୀତି କରନ୍ତି । ତାଙ୍କ ମୁହଁରେ ବାଡ଼ବତା ଦେଇ ହୁଏନାହିଁ । ଫଳରେ ନୀତି ସ୍ଥାନରେ ଅନୀତି ହୋଇଯାଏ । ସେଥିପାଇଁ ବିମାନରେ ସହଯାତ୍ରିଣୀଙ୍କ ଉପରେ ପରିସ୍ରା କରିବାକୁ ବ୍ୟକ୍ତି ପଛାଉ ନାହିଁ । ମହିଳା କୁସ୍ତିବତ୍‌ମାନଙ୍କୁ କୋଚ୍‌ମାନେ ଯୌନ ନିର୍ଯ୍ୟାତନା ଦେଉଛନ୍ତି ।

ସମାଜ ଗୋଟିଏ ରେଖା ଟାଣେ । ଏହାକୁ ଡେଇଁଲେ ଅନୀତି, ରେଖା ପଛରେ ରହିଲେ ନୀତି । 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସରେ ବାରିଷ୍ଟର ଗୋବିନ୍ଦ ଦାସ ଲେଖିଛନ୍ତି- ଅଙ୍ଗୁର ଖାଅ, ସ୍ୱାସ୍ଥ୍ୟପକ୍ଷେ ହିତକର, କିନ୍ତୁ ଅଙ୍ଗୁର ରସକୁ ସିଦ୍ଧକରି ଗିଲାସ ଭିତରେ ପିଅ, ତୁମେ ହେବ ମଦ୍ୟପ । (କ୍ରମଶଃ)

♥ ଶ୍ରୀ ନିବାସ, ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ: ୯୭୭୮୫୪୩୮୯୭

## ଆମ ସମୟର କବିତା.....

### ॥ କ୍ଷରରୁ ଅକ୍ଷର ॥

**ନକୁଳ ଚନ୍ଦ୍ର ସାହୁ**



କ'ଣ ଜଳାଇବ
ଚିତା ନା' ଦୀପ, କ୍ଳାନ୍ତ ଲୁବ୍ଧକ
ସାଂଧ୍ୟ ପବନ ତିଆରି କରିଛି ଆରତୀ
ବାଜୁଛି ଶଂଖ, ସ୍ଫୁଲିଙ୍ଗ ଦୀପ୍ତ !

ସନ୍ନ୍ୟାସ ଓ ସମର୍ପଣ
ଏକ ପ୍ରକାର ଶବ୍ଦ ବସାଣ
ମୂଳ ସ୍ରୋତ ଭାବଟିଏ ଜନ୍ମିଛି
ବଂଶୀଟିଏ ବାଜୁଛି

ତୁମେ ଫୁଙ୍କୁଚ ବଂଶୀ
ସବୁ ଛିଦ୍ରକୁ ଚିପି ଧରିଛି ଆଂଗୁଠି
ପ୍ରଣୟ ରାଗିଣୀ ବାଜିବ କେମିତି
ସ୍ୱର ବାହାରିବ ? କାଳ କଂଠ ଡାକିବ ?

ମୁଁ ଏଇଠି ଅଛି
ଧର୍ମଠୁ ମୁକ୍ତ ହୋଇ ଯାଇଛି
ମୋକ୍ଷ ଧାରଣା ସୌନ୍ଦର୍ଯ୍ୟର ଧାରଣା
ମୋ ଭିତରେ ପ୍ରସାଦପୂର୍ଣ୍ଣ କରିଛି !

ପ୍ରସାଦ ? ଯାହା ନୁହେଁ 'ହଁ' କିଂବା 'ନା'
ଜୀବନର ମୀମାଂସା
ଅଦେଖା ସହିତ ମୋର ହୋଇଗଲା ଦେଖା
ଅକ୍ଷର ସଜା ଅଲେଖା

କ୍ଷରକୁ ଲେଖି ଲେଖି
ଏବେ ମୁଁ ଲେଖିଦେଲି ଅକ୍ଷର
ଶବ୍ଦକୁ ଲେଖୁଲେଖୁ ହୋଇଗଲା ନିଃଶବ୍ଦ
ତୁମରି ନାମର !

♥ ଶବ୍ଦଘର, ଗୋଡ଼ିସାହି
କଟକ-୭୫୪୦୦୬
ମୋ: ୯୪୩୭୭୪୦୨୬୪

### ॥ ସୁନ୍ଦରଗଡ଼ -୬ ॥

**ଡ. ମମତା ପ୍ରିୟଦର୍ଶିନୀ ସାହୁ**



ମାମାର ସୁନ୍ଦରଗଡ଼ .........
ସରିଯାଉଛି ଏଠି ପ୍ରତି ମୁହୂର୍ତ୍ତରେ
ସମୟର ଭଗ୍ନାଂଶ,
ମୁହାଁ ମୁହିଁ ହେଉଥାଏ
ସବୁବେଳେ ଅଚିହ୍ନା ମୃତ୍ୟୁ
ଗୋପାଳପୁର ଠାରୁ ସୁନ୍ଦରଗଡ଼ ସହର ଯାଏ
ଲମ୍ବିଯାଇଥିବା ସଡ଼କ ପଥରେ ।

ହେଇତ !
ଦି'ଦିନ ତଳେ କିଛି ସ୍ୱପ୍ନର ଇଲାକା
ଭୁଷୁଡ଼ି ଗଲା ଦଶଚକିଆ ଯାନର
ବଡ଼ ବଡ଼ ଟାୟାର ତଳେ ,
ଅଚାନକ ବିଷାଦର ଦାରୁଣ କାୟାକଳ୍ପଟେ
ଫିଙ୍ଗିଦେଲା ଅନ୍ଧାରୀ ଗୁହାରେ ।

ମାମାର ପ୍ରିୟ ସୁନ୍ଦରଗଡ଼
ପାଲଟି ଯାଉଛି ନଷ୍ଟ ଭୂମିର ନକ୍ସା

ମୁଖାପିନ୍ଧା ନ୍ୟସ୍ତ ସ୍ୱାର୍ଥର ମଣିଷ ଏଠି
ଶୁଣି ପାରୁନି ପୀଡ଼ିତ ଆତ୍ମାର
କରୁଣ ଆର୍ତ୍ତନାଦ ।

କଳିକାକା, ବିତୁଲ ଦାଦାଙ୍କ
ଦୋଷ କଣ ଥିଲା ?
ଏ ପଥର ଯାତ୍ରୀ ହେବା କଣ
ଦୁର୍ଭାଗ୍ୟର ବିଷୟ କି ?

ମିଛ ସୌଭାଗ୍ୟର ଛଳନା
ବିକାଶ ନାଁ ରେ ଅଣ୍ଟିରେ ଭରୁଛି
କାଗଜଫୁଲର ବାସ୍ନା ,
ନିଜକୁ ହଜେଇ
ଜହ୍ନ ତାରା ତୋଳିବା
ସୁନ୍ଦରଗଡ଼ୀୟ ମଣିଷ ଜୀବନରେ
ଏକ ସରଳ ବାହାନା ।

ସିଝି ଗଲାଣି ରକ୍ତ ମାଂସର
କୋଇଲା ଧାରୀ ଜୀବନ ସବୁ ,
ସ୍ୱୟଂ ଈଶ୍ୱର ବି ଏଠି ରୁଷ୍ଟ ପ୍ରାୟ

ଏ ରାସ୍ତାର ଗୋପନ ଦୁଃଖରେ ।

ସରୁନି ଏ ପଥେ ଦରଦୀ ମହୋତ୍ସବ
ତଥାପି ପଢାଚାଲିଛି ନିଇତି
ଜୀବନ ଭାଗବତ ,
ଅପେକ୍ଷା କେବଳ
ଦଶଚକିଆ ଚକ ମାନେ
କେବେ ସୃଜିବେ ଅନ୍ୟତ୍ର ପଥ ।

♥ ସୁନ୍ଦରଗଡ



### ॥ ମୁଣ୍ଡ ॥

**ଅକ୍ଷୟ ପାତ୍ର**

ମୁଣ୍ଡ ପାଇଁ ଶିରୀପା ଲୋଡ଼ାପଡ଼େ
ନା ଶିରୀପା ପାଇଁ ମୁଣ୍ଡ ?

ଶିରୀପା କଣ କେବେ
ମୁଣ୍ଡର ପରିଚୟ ସାଜିପାରେ ?

ନା ମୁଣ୍ଡ ଶିରୀପା ବିନା
ତା' ଟେକ କେବେ ହରେଇପାରେ ?

ତେବେ ମୁଣ୍ଡ ମାପର ଶିରୀପା ପାଇଁ
ଶିରୀପା ମାପର ମୁଣ୍ଡ ଗଜୁରେଇବା ପାଇଁ
ଏତେ ଫିକର ଚାଲେ କାହିଁକି ?

ଶିରୀପା ମୁଣ୍ଡ ପାଇଁ ଏକ ସୁଦୃଶ୍ୟ ବୋଝ,
ଶିରୀପା ଟେକହୀନ ମୁଣ୍ଡର ଏକ
ସହଜ ଲଭ୍ୟ ପ୍ରାଚୁର୍ଯ୍ୟ,
ଶିରୀପା ଏକ ଲୋକାଚାର
ଅହଂପୂର୍ତ୍ତିର ଏକ ସୁଲଭ ଗାମ୍ଭୀର୍ଯ୍ୟ !

ଆହା !
ମୁଣ୍ଡ ଯେ ବିବର୍ତ୍ତନଶୀଳ ଚେତନାର
ଅମାପ ଦୃଷ୍ଟାନ୍ତ-
ଚର୍ଚ୍ଚିତ ଅତିମାନସ,

ମୁଣ୍ଡ ଯେ ନିତ୍ୟ ବର୍ତ୍ତମାନ-
ଯା' ନିକଟେ ଅର୍ଥହୀନ
ଅତୀତ- ଭବିଷ୍ୟ,

ମୁଣ୍ଡ ଯେ
ଅମାପ, ଅଶେଷ ସମ୍ଭାବନାର
ଅନିନ୍ଦ୍ୟ ଆକାଶ-
ଯା'କୁ ଶିରୀପା ଭିଡ଼ି
କେବେବି ବନେଇ ହୁଏନା
ଏକ ନାଚାର ଦୀର୍ଘଶ୍ୱାସ ।

♥ ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଢେଙ୍କାନାଳ-୨୦
ମୋ: ୮୮୯୫୮୮୪୯୬୦

### ॥ ସତରେ କ'ଣ ସେଦିନ ଆସିବ ॥

**କ୍ଷମାନିଧି ଭୋଇ**



ସତରେ କ'ଣ ସେଦିନ ଆସିବ !
ଯେଉଁଦିନ ଏ ସଂସାରଟା
ସମ୍ପୂର୍ଣ୍ଣ ସ୍ୱର୍ଗ ସମ ଅନୁଭୂତ ହେଉଥିବ ।

ପାପତାପ ଯନ୍ତ୍ରଣା କୁକର୍ମରେ ନୁହେଁ
ବରଂ ମଣିଷତ୍ୱ ଅନ୍ତର୍ନିହିତ ଥିବ ମଣିଷ ଭିତରେ
ଶାନ୍ତ ସମୃଦ୍ଧ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ।
ଆଶୀର୍ବାଦ ମୁଦ୍ରାରେ ଦଣ୍ଡାୟମାନ ଥିବେ ଈଶ୍ୱର
କେବଳ ଧର୍ମପୀଠଗୁଡ଼ିକରେ ନୁହେଁ
ବରଂ ଗାଆଁଗଣ୍ଡା ସହର ବଜାରର ପ୍ରତିଟି ଛକରେ ।

ସକାଳର କଅଁଳ ଖରା ପରି
ଖୁବ୍ ଚିତ୍ତାକର୍ଷକ ପାଲଟି ଯାଇଥିବ
ଆତ୍ମୀୟତାପୂର୍ଣ୍ଣ ସୁମଧୁର ମନୋଭାବ
ପରିଷ୍କାର ପରିଚ୍ଛନ୍ନ ପରିପୂର୍ଣ୍ଣ ଥିବ
ସ୍ୱାର୍ଥପରତାର ଅଳନ୍ଧୁଶୂନ୍ୟ ମଣିଷ ଜୀବନ ।

ଯୁଆଡ଼େ ଦେଖିବ ଲମ୍ବିଆସୁଥିବ
ସାହାଯ୍ୟ ସହଯୋଗର ବଳିଷ୍ଠ ହାତ
ଦ୍ୱିଧା ସଙ୍କଟହୀନ ନିରପେକ୍ଷ ବିଚାର
ବର୍ଷାଭିଜା ମାଟି ପରି
ଇଚ୍ଛୁକ ଥିବ ପ୍ରକୃତିରାଣୀର ପ୍ରାଣ
ଭଳିକିଭଳି ଶସ୍ୟ ଉତ୍ପାଦନେ କରିବାକୁ ଗର୍ଭଧାରଣ ।

ଚାରିଆଡେ ଶତ୍ରୁତାଶୂନ୍ୟ
ବୃଥା ଅହମିକା ରାଗ ଅଭିମାନ ହିଂସା କପଟତାଶୂନ୍ୟ
ଆଉ ଅସୀମ ସ୍ନେହ ପ୍ରେମ ଭଲପାଇବା ରେ ଭର୍ତ୍ତି
ସଭିଙ୍କୁ ଆକୃଷ୍ଟ କରୁଥିବ ଏଠି ଦେଦୀପ୍ୟମାନ ପୃଥିବୀ ।

ଜୀବନର କଠିନ ଗାଣିତିକ କାର୍ଯ୍ୟସବୁ
ଲାଗୁଥିବ ସହଜ ଓ ସରଳ
କାହିଁକି ନା, ସଭିଏଁ ଥିବେ ଅତ୍ୟନ୍ତ ଆପଣାର
ଏ ସମାଜର ଆବାଳବୃଦ୍ଧବନିତା
ସାଧାରଣ ଜନତାଠୁ ଏଠିକାର ସବୁ ବଡ଼ବଡିଆ ।

ତା' ହେଲେ, ସତରେ କ'ଣ ସେଦିନ ଆସିବ !
ଯେଉଁଦିନ ମଣିଷ ଭିତରେ ମଣିଷତ୍ୱ ସଦା ରହିଥିବ
ମୁଖରିତ ବସନ୍ତ ପରି
ମଣିଷ ଜୀବନଟା ନୈସର୍ଗିକ ଆନନ୍ଦେ ପରିପୂର୍ଣ୍ଣ ଥିବ
ଈଶ୍ୱର ସନ୍ତାନ ଲଭି ସତ୍ କାର୍ଯ୍ୟରେ ଅହର୍ନିଶ ଲିପ୍ତ ଥିବ ।

ଏ ମଣିଷ ହାତେ ସନ୍ନିହିତ ଅସୀମ ସ୍ୱର୍ଗୀୟ ସୁଖ ଆନନ୍ଦ ।

♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ
ଜି : ସୁନ୍ଦରଗଡ଼ ( ଓଡ଼ିଶା ), ପିନ୍ : ୭୭୦୦୧୬
ମୋ : ୯୪୩୮୨୯୨୯୩୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୭ ମଇ ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....(୮୮)



■ ବିପିନ ମହାନ୍ତି




### ।। ଜିଅନ୍ତା ଗୋଟିଏ ଶବ ।।

ଏଇ ଦୁନିଆଟା ଏତେ ସ୍ୱାର୍ଥପର
କେମିତି କହିବି କୁହ,
ଭଲ ପାଇବାର ବଦଳରେ ଏଠି
ମିଳେ ପୋଷପୋଷ ଲୁହ ।

ଜଳି ମୁଁ ନଥିଲେ ତୁମ ବିରହରେ
ହୋଇ ମୁଁ ନଥାନ୍ତି କବି,
ଭାବରେ ନହେଲା ଅଭାବେ ଜଳାଏ
ତୁମ ପ୍ରୀତି ପ୍ରତିଛବି,
ଦେଇ ଗଲା ମୋତେ ତୁମରି ବିରହ
ବଞ୍ଚିବାର ନୂଆ ମୋହ ।

ମୋତେ ଅହରହ ତୁମରି ବିରହ
ଜାଳୁଅଛି ଜାଳୁଥିବ,
ତୁମରି ସ୍ମୃତିରେ ସହରେ ମୁଁ ଆଜି
ଜିଅନ୍ତା ଗୋଟିଏ ଶବ,
ମିଳନ ଯେଉଁଠି ବିରହରେ ଲେଖା
ବିଚ୍ଛେଦରେ ଭରା କୋହ ।


♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ଦୃଷ୍ଟିକୋଣ -୭

# ଜୀବନମୁକ୍ତି ପାଇଁ ମହାନ ଗ୍ରନ୍ଥ : ରାମାୟଣ, ମହାଭାରତ ଓ ଶ୍ରୀମଦ୍‌ଭାଗବତ

### କାଳୀପଦ ପଣ୍ଡା



ଭାରତୀୟ ଜନଜୀବନରେ ଜନ୍ମ-ମୃତ୍ୟୁ ରହସ୍ୟଭେଦଠାରୁ ଆରମ୍ଭକରି ଦୈନନ୍ଦିନ ଜୀବନଚର୍ଯ୍ୟାର ମାର୍ଗଦର୍ଶନ କରିଥାଏ ଭାରତର ତିନି ଅମୂଲ୍ୟ ଗ୍ରନ୍ଥ ଆଦିକବି ବାଲ୍ମୀକିଙ୍କ ରଚିତ ରାମାୟଣ, ବ୍ୟାସଦେବଙ୍କ ରଚିତ ମହାଭାରତ ଏବଂ ଶ୍ରୀମଦ୍‌ଭାଗବତ । ମହାଭାରତ ଅନ୍ତର୍ଗତ ଶ୍ରୀମଦ୍‌ଭଗବତ୍ ଗୀତା ଆଧ୍ୟାତ୍ମତତ୍ତ୍ୱ ସମନ୍ୱିତ ହେତୁ ତାହା ବିଶେଷ ପ୍ରାଧାନ୍ୟ ରଖିଥାଏ ଜନଜୀବନ ପାଇଁ । ଏକ ଶ୍ଳୋକରେ କୁହାଯାଇଛି -

"ଅଷ୍ଟାଦଶ ପୁରାଣସ୍ୟ ବ୍ୟାସସ୍ୟ ବଚନ ଦ୍ୱୟଂ
ପରୋପକାରାୟ ପୁଣ୍ୟାୟ ପାପାୟ ପରପୀଡ଼ନାୟ ।"

ଅର୍ଥାତ୍ ବ୍ୟାସଙ୍କ ମୁଖନିଃସୃତ ଏହି ବାଣୀ ସମଗ୍ର ମାନବଜାତି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶନ କରିଥାଏ, ମାନବଜନ୍ମର ସାର୍ଥକତା ପାଇଁ । ପରର ହିତସାଧନ ବା ଉପକାର ହେଲା ଭଳି କର୍ମ ହିଁ ପୁଣ୍ୟ ଓ ଧର୍ମ ଭାବେ ବିବେଚିତ । ମାତ୍ର ପରର କ୍ଷତିସାଧନ ହେଲାଭଳି ପୀଡ଼ାଦାୟକ କର୍ମ ପାପ ପର୍ଯ୍ୟାୟର । ଏଣୁ 'ମାନବ ସେବା, ମାଧବ ସେବା' ଏହି ଆହ୍ୱାନ ଭାରତଭୂମିରୁ ଝଙ୍କୃତ ହୋଇଥିବାରୁ ମଣିଷ ହିଁ ମଣିଷର ହିତସାଧନ ସାଧ୍ୟମତେ କରିଲେ ତାହା ହୁଏ ଶ୍ରେଷ୍ଠ ଧର୍ମକାର୍ଯ୍ୟ ।

ବ୍ୟାସଦେବଙ୍କ ରଚିତ ମହାଭାରତ ମଧ୍ୟରେ ଦେଖିବାକୁ ମିଳିଥାଏ - ନୀତି ଓ ନୈତିକତାର ଶତଶତ ଜ୍ୱଳନ୍ତ ଉଦାହରଣ ସହ ଲୋକଚରିତ୍ରର ବର୍ଣ୍ଣନା । ତନ୍ମଧ୍ୟରେ ଯୁଦ୍ଧଭୂମିରେ ତୃତୀୟ ପାଣ୍ଡବ ଅର୍ଜୁନ ଯେତେବେଳେ ନିଜର ପରିବାରବର୍ଗ, ଆତ୍ମୀୟପରିଜନ ଆଦିଙ୍କୁ ହତ୍ୟା କରି ରାଜ୍ୟ ହାସଲ କରିବାକୁ ପଡ଼ିବ ଅନୁଭବ କଲେ, ସେତେବେଳେ ସେ ଯୁଦ୍ଧ ନ କରିବାକୁ ଯୁଦ୍ଧ ନ କରିବାକୁ ଚାହିଁଲେ ସେତେବେଳେ ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ତାଙ୍କୁ ବ୍ୟକ୍ତିର କର୍ମ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇବାକୁ ଯାଇ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ବିଭିନ୍ନ ଶୀର୍ଷକରେ ଯେଉଁ ଜ୍ଞାନଚକ୍ଷୁ ପ୍ରଦାନ କରିଥିଲେ, ତାହାହିଁ ସମଗ୍ର ମନୁଷ୍ୟଜଗତ ପାଇଁ ମହାନ ଜ୍ଞାନଗ୍ରନ୍ଥ 'ଶ୍ରୀମଦ୍‌ଭଗବଦ୍‌ଗୀତା' ରୂପେ ପରିଗଣିତ ହୋଇଥିଲା ।

ଶ୍ରୀମଦ୍‌ଭଗବଦ୍‌ଗୀତାରେ ଭଗବାନଙ୍କ ମୁଖନିଃସୃତବାଣୀ ହଜାର ହଜାର ବର୍ଷ ଧରି ଏହି ମାନବଜାତି ଶ୍ରବଣ କରୁଛି ଓ ତଦ୍‌ନୁଯାୟୀ ନିଜର ଜ୍ଞାନଜଗତକୁ ପରିବର୍ଦ୍ଧନ କରୁଛି । ସେହିଭଳି ଭାବେ ଶ୍ରୀମଦ୍‌ଭାଗବତରେ ମହାପ୍ରଭୁଙ୍କର ମଧୁର ଲୀଳାର ପରିବେଷଣ ହୋଇଥିବାରୁ ବିଶେଷ ଭାବେ ଭକ୍ତ ଓ ଭଗବାନଙ୍କର ଯେଉଁ ଅନାବିଳ ସମ୍ପର୍କ ତାହାର ବର୍ଣ୍ଣନାରେ ପରିପୁଷ୍ଟ ହେତୁ ତାହା 'ଭକ୍ତି ପ୍ରଧାନ' ଗ୍ରନ୍ଥ ଭାବେ ସୁବିଦିତ । ଭକ୍ତ ପାଇଁ ଭଗବାନ କେତେ କଷ୍ଟ ସ୍ୱୀକାର କରିପାରନ୍ତି ଏବଂ ଭକ୍ତ ନିକଟକୁ ଭଗବାନ ସମସ୍ତ ପଦମର୍ଯ୍ୟାଦାକୁ ଭୁଲି ଭକ୍ତର ଡାକରେ ଧାଇଁ ଆସନ୍ତି, ସେହି ସମର୍ପଣର ଅନନ୍ୟ ଭକ୍ତିରସ ବିଭିନ୍ନ ଘଟଣାକ୍ରମରେ ପରିବେଷିତ ହୋଇଛି ।

ଆଦିକବି ବାଲ୍ମୀକିଙ୍କ ରଚିତ 'ରାମାୟଣ' ଭଳି ମହାନ ଗ୍ରନ୍ଥରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ତାଙ୍କର ବାଲ୍ୟକାଳରୁ ମର୍ତ୍ତ୍ୟଲୀଳା ଅବସାନ ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟାବାଳୀର ପ୍ରତିପାଦନ କରିଛନ୍ତି, ତାହା 'କର୍ମପ୍ରଧାନ' ଗ୍ରନ୍ଥ ରୂପେ ବିବେଚିତ ହୋଇଛି । ପିତୃଭକ୍ତି, ମାତୃଭକ୍ତି, ଭ୍ରାତୃଭକ୍ତି, ସଖା ପ୍ରତି କର୍ତ୍ତବ୍ୟ, ଗୁରୁଗୁରୁଜନଙ୍କ ପ୍ରତି ଭକ୍ତିଭାବ, ସ୍ୱାଧର୍ମ, ପତିଧର୍ମ ସହ ଭକ୍ତ-ଭଗବାନର ଅଭେଦ୍ୟ ସମ୍ପର୍କର ବିଜୟଗାଥା ରାମାୟଣ ମଧ୍ୟ ଦେଇ ଜନସମାଜ ଶିଖି ଥାଆନ୍ତି । ସେହିପରି ଭାବେ ମହାଭାରତରୁ ଶିଖିବାକୁ ମିଳେ କୂଟନୀତି, ଅର୍ଥନୀତି, ଭେଦନୀତି ମଧ୍ୟରେ ନୀତି ଓ ଅନୀତିର ବିଚାରବିମର୍ଶରେ ଥିବା ସତ୍ୟର ପ୍ରତିଷ୍ଠା । ରାମାୟଣରେ କୃଷ୍ଣ ସଖା ସୁଦାମା, ଯେ କି ବାଲ୍ୟବନ୍ଧୁ ତାଙ୍କପାଇଁ ଯେଉଁ ଅପୂର୍ବ ଲୀଳା ରଚିଲେ ତଥା ସଖାଙ୍କ ହାତରୁ ତଣ୍ଡୁଳକୁ ମହାନନ୍ଦରେ ଗ୍ରହଣ କରି ଯେଉଁ ଅଲୌକିକ ଲୀଳାର ପ୍ରଦର୍ଶନ କରିଥିଲେ ତାହା ସହସ୍ର ବର୍ଷ ଧରି ମାନବଜାତିକୁ ପ୍ରେରିତ କରିଆସୁଛି ।

ବନ୍ଧନ ହିଁ ଜୀବନ । ସେହି ଅତୁଟ ବନ୍ଧନ ଭିତରେ ବନ୍ଧା ପଡ଼ି ଥାନ୍ତି ସଭିଏଁ । ବନ୍ଧନରେ ଯଦିଓ କେବେ ଯନ୍ତ୍ରଣା ଆସେ, ଲୁହର ବନ୍ୟା ଛୁଟେ, କିନ୍ତୁ ତାହା ଦୃଢ଼ ବିଶ୍ୱାସ ଓ ସମର୍ପଣରେ ସଦା ମଜବୁତ୍ ହେଉଥାଏ । ବନ୍ଧନ ଭିତରେ ହିଁ ପରିବାର ଓ ଜଗତ ତିଷ୍ଠି ଆସିଥାଏ । ପାରିବାରିକ, ସାମାଜିକ ଓ ସାଂସ୍କୃତିକ ବନ୍ଧନ ଭିତରେ ମାନବ ସହାବସ୍ଥାନ କରିଆସୁଛି ସବୁ କାଳରେ । ଏହି ବନ୍ଧନ ରୂପୀ ମହାମନ୍ତ୍ରର ଶିକ୍ଷା ଆମେ ତିନି ମହାନ ଗ୍ରନ୍ଥ ଭିତରୁ ପାଇଥାଉ । ସବୁ ବନ୍ଧନର ଉର୍ଦ୍ଧ୍ୱରେ ଆତ୍ମାରାମ ବାନ୍ଧି ହେବାକୁ ଚାହେଁ ପରମାତ୍ମାଙ୍କ ସହିତ । ଯେଉଁଥିରେ ମୁକ୍ତିର ଦ୍ୱାର ନିହିତ ଥାଏ ବୋଲି ବିଶ୍ୱାସ କରାଯାଏ । ସେହି ବନ୍ଧନ ବ୍ୟକ୍ତି ଭିତରେ ଥିବା ଜୀବାତ୍ମାରୁ ପରମାତ୍ମାଙ୍କ ସହ ଯୋଡ଼ି ହେବାର ମାର୍ଗ । ଯାହା ସତ୍‌କର୍ମ, ସତ୍‌ଚିନ୍ତନ, ସତ୍‌ପଥାନୁସରଣ ଭିତରେ ନିହିତ ବୋଲି ଉପରୋକ୍ତ ତିନି ମହାନ ଗ୍ରନ୍ଥ ମଧ୍ୟରୁ ଆମେ ଶିକ୍ଷାଲାଭ କରିଥାଉ । ଏହି ତିନି ଗ୍ରନ୍ଥ ଆମକୁ ସଦା ଶିକ୍ଷା ଦେଇଥାଏ ବିବେକାନୁମୋଦିତ କାର୍ଯ୍ୟ କରିବା ପାଇଁ । କାରଣ ସମସ୍ତ ବିଦ୍ୟା, ବୁଦ୍ଧି ଓ ଜ୍ଞାନର ସଠିକ୍ ପରିଚାଳନା କରିବାରେ ବିବେକ ହିଁ ଜାଗ୍ରତପ୍ରହରୀ ସଦୃଶ କାର୍ଯ୍ୟ କରିଥାଏ । ଓଡ଼ିଆଜାତିର ପ୍ରଣମ୍ୟ କବି ଭୀମଭୋଇଙ୍କ ଭାଷାରେ -

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ ।"

ଏହି କାଳଜୟୀ ପଙ୍‌କ୍ତି ଯାହା ଭାରତର ମହାନ ଗ୍ରନ୍ଥତ୍ରୟୀର ସାରବତ୍ତାକୁ ଧରି ରଖିବାରେ ସମର୍ଥ ହୋଇଛି । ତାହାକୁ ବୁଝିଗଲେ ଏବଂ ନିଜ ଜୀବନରେ ପ୍ରତିଫଳନ କରାଇପାରିଲେ, ବ୍ୟକ୍ତିସତ୍ତାର ମୁକ୍ତିର ପଥ ଉନ୍ମୁକ୍ତ ହୋଇପାରେ । 'କର୍ମପ୍ରଧାନ' ରାମାୟଣ, 'ଜ୍ଞାନପ୍ରଧାନ' ମହାଭାରତ ଓ ଶ୍ରୀମଦ୍‌ଭଗବଦ୍ ଗୀତା ଏବଂ 'ଭକ୍ତିପ୍ରଧାନ' ଶ୍ରୀମଦ୍‌ଭାଗବତ ଭିତରେ ମଣିଷର ଆଗମନ ଓ ପ୍ରତ୍ୟାଗମନର ଅସଲ ରହସ୍ୟକୁ ପ୍ରାଞ୍ଜଳ ଭାବେ କୁହାଯାଇଛି । ବ୍ୟକ୍ତି କେବଳ ସେଗୁଡ଼ିକ ଅଧ୍ୟୟନ କରି ତନ୍ମଧ୍ୟରୁ ନିଜର ବିବେକାନୁମୋଦିତ କାର୍ଯ୍ୟକ୍ଷେତ୍ରର ପ୍ରତିଫଳନ କରିଆରେ ନିଜକୁ ଈଶ୍ୱରଙ୍କର ସର୍ବୋତ୍ତମ ସନ୍ତାନ ଭାବେ ପରିଗଣିତ କରିବାର ପ୍ରକ୍ରିୟା ତା' ଉପରେ ନିର୍ଭରଶୀଳ ।


ଜୀବନ ଅଳୀକ, ଏଇ ଅଛି ଏଇ ନାହିଁ । ଯିବା ଓ ଆସିବା ସବୁ ଆକସ୍ମିକ । ଆମେ ଲୀଳାକ୍ରମରେ କେତେବାର ଧରାପୃଷ୍ଠକୁ କେଉଁ ରୂପରେ ଆସୁଛେ ପୁଣି ଫେରୁଛେ, ସେହି ରହସ୍ୟର ପ୍ରମାଣ ମାନବଜାତି ପକ୍ଷେ ଜ୍ଞାତ ହେବା କେବେ ସମ୍ଭବ ହୋଇନାହିଁ ବା ହୋଇ ନ ପାରେ । ଏଣୁ, ଏହି ଜନ୍ମ ହିଁ ଏକମାତ୍ର ସତ୍ୟ ହୋଇଥିବାରୁ ଆମକୁ ବିବେକ ଭଳି ସତର୍କ ପ୍ରହରୀର ଡାକରେ ନିଜର ଜ୍ଞାନଜଗତକୁ ପରିବର୍ଦ୍ଧନ କରି ସତ୍‌କର୍ମାନୁସାରେ ଈଶ୍ୱରଭକ୍ତି ସହ ନିଜକୁ ଯୋଡ଼ି ପାରିଲେ ହୁଏତ ଜୀବାତ୍ମାର ମୁକ୍ତିର ପଥ ଆଲୋକିତ ହୋଇପାରେ ।


ସୂନାରୁଇ, ବି.କଟିସାହି, ସିଂଲା, ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ବୋ).:୯୪୩୭୦୮୯୨୪୧


# ଦୋଷ

### କାଳିକିଙ୍କର





ବାହାଘର ଦିନର କଥା ମନେ ପକେଇ ଖୁସି ହେଉଥିଲେ ଅର୍ଜିତା ଓ ଅନୁପମ । କେଡ଼େ ଧୁମଧାମରେ ସତରେ ବାହାଘର ହୋଇଥିଲା । ବାପଘରେ କେତେ ଅଲିଅଳି ହୋଇ ବଢିଥିଲେ ଅର୍ଜିତା । ତେଣୁ ସମସ୍ତଙ୍କର ସେଇ ଗୋଟିଏ ଚିନ୍ତା ଯେ ଶାଶୁଘରେ କେମିତି ଚଳିବ ? ଅଜଣା ଅଚିହ୍ନା ପୁରୁଷ ସହ କେମିତି ଠିକ ଠିକରେ ସେ ରହିବ ? ଘର ସଂସାର କରିବ ।

ପିଲା ଦୁଇଜଣ ଅଗଣାରେ ଖେଳୁଥିଲେ । ଦୁଇପୁଅ, ଦୁଇଜଣ ବଡ଼ ଦୁଷ୍ଟ । ସବୁଦିନ କିଛିନା କିଛି ଦୋଷ ତ୍ରୁଟି କରିଥାନ୍ତି । ଘରେ ଯାହା ଦେଖିବେ ତାକୁ ଫିଙ୍ଗାଫିଙ୍ଗି କରିବେ । ସବୁଦିନ ଦି' ଭାଇ କିଛି ନା କିଛି ଭାଙ୍ଗୁଥିବେ ।

ତେବେ ତାଙ୍କର ଦୋଷକୁ କେହି ଧରନ୍ତି ନାହିଁ । ପିଲାମାନେ ଦୋଷ କରିବେ ନାହିଁ ତ କିଏ କରିବ ? ତାଙ୍କ ଦୋଷ, ଦୋଷ ନୁହେଁ । ଯାହା କରିବେ ତାକୁ କ୍ଷମା କରିବାକୁ ହେବ ।

ବଡ଼ ପୁଅ ଭୁନୁ ଓ ସାନପୁଅ କୁନୁ ଯିଏ ଯାହାଙ୍କୁ ବଳି । ସ୍କୁଲରେ ମଧ୍ୟ ସେମାନେ ଦୋଷ କରନ୍ତି, ଘରକୁ ଅଭିଯୋଗ ଆସେ । ଅନୁପମ ଓ ଅର୍ଜିତା ସ୍କୁଲ ଯାଆନ୍ତି, ଭାଙ୍ଗିଥିବା ଜିନିଷପାଇଁ ଅର୍ଥ ଦଣ୍ଡ ଦିଅନ୍ତି । ଅନ୍ୟ ପିଲାଙ୍କ ସହ ଗଣ୍ଡଗୋଳ ଅତି ସାଧାରଣ କଥା । ସେଥିପାଇଁ ସ୍କୁଲରେ ଦଣ୍ଡ ମଧ୍ୟ ପାଆନ୍ତି । ଘରେ ଆସି ବାପା ମାଆଙ୍କୁ କହନ୍ତି ସ୍କୁଲ ଭଲ ନୁହେଁ, ଦିଦି ଓ ସାର୍‌ମାନେ ଭଲ ନୁହଁନ୍ତି ।

ସ୍କୁଲ ବଦଳ ହୁଏ ତେବେ ସବୁଠି ସେହି ଗୋଟିଏ ଦୋଷ । ଅର୍ଜିତା ଓ ଅନୁପମ କଣ ଅବା କରିବେ ? ପିଲା ଦୁଇଜଣଙ୍କ ପାଇଁ ଅନେକ କଥା ଶୁଣନ୍ତି, ନିନ୍ଦା ଅପମାନ ମଧ୍ୟ ସେମାନଙ୍କୁ ମିଳେ ତେବେ ସେମାନେ ରାଗନ୍ତି ନାହିଁ, ଭୁନୁ ଓ କୁନୁଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତି । ସେମାନେ ବୁଝନ୍ତି କିନ୍ତୁ ସେ ବୁଝିବା ମାତ୍ର କିଛି କ୍ଷଣର । ତାପରେ ପୁଣି ସେହି ଗୋଟିଏ କଥା । ସେହି ଦୋଷ ।

ପିଲାଙ୍କ ଦୋଷ କଥା ଭାବୁ ଭାବୁ ଟିକିଏ ହସିଲେ ଅର୍ଜିତା । ତାଙ୍କର ଏହି ହସ ଦେଖି ଅନୁପମ ପଚାରିଲେ 'କଣ ପାଇଁ ଏ ସୁନ୍ଦରିଆ ହସ ଯେ ? କେଉଁ ଦୋଷର ତର୍ଜମା କରୁ କରୁ ଏମିତି ପ୍ରସନ୍ନତା ?'

ନାହିଁ ଯେ, ମୁଁ ଟିକିଏ ଆମର ଅତୀତକୁ ଫେରିଯାଇଥିଲି । ଆମର ସେହି ବିବାହ ବେଳର କଥା । ମୁଁ ଯେ ଅନେକ ଦୋଷ କରେ ସେଥିପାଇଁ ମୋର ବାପା, ମାଆ, ଜେଜେ ଜେଜେମା ଆଦି ବହୁତ ଚିନ୍ତାରେ ଥିଲେ । ତୁମଠୁ କେଉଁ ଶାସ୍ତ୍ରର ବିଧି ଅନୁସାରେ ବ୍ରାହ୍ମଣ ଅଗ୍ନି ଦେବତାଙ୍କୁ ସାକ୍ଷୀରଖି ମୋର ଦଶ ଦୋଷ କ୍ଷମା କରିବାର ବଚନ ତୁମଠୁ ନେଲେ । ତୁମର ସେ କଥା ମନେ ଅଛି ? ପଚାରିଲେ ଅର୍ଜିତା ।

କେବେ ମନେ ରଖିନାହିଁ । କାରଣ ମନେ ରଖିବାର ଆବଶ୍ୟକତା ମୁଁ କେବେ ଅନୁଭବ କରିନାହିଁ । ଅବଶ୍ୟ ଏହା ମୋର ନିଜପାଇଁ । କାରଣ ମୁଁ ନିଜେ ଶହେ ଦୋଷ କରୁଥିଲି ତେଣୁ ତୁମର ଦଶ ଦୋଷ ତା' ତୁଳନାରେ ସାମାନ୍ୟ ଜଣାଯାଉଥିଲା । ମୋର ସବୁ ଦୋଷକୁ ତୁମେ ଘଣ୍ଟ ଘୋଡେଇ ରଖୁଥିଲ ଓ ମୋତେ ଅବାଟରୁ ବାଟକୁ ଆଣିଥିଲ । କହିଲେ ଅନୁପମ ।

ଛାଡ଼ ସେ ସବୁ କଥା । ବାପା, ମାଆ, ସ୍ୱାମୀ ଆଦି ହେଲେ ଦେବୀ ଦେବତାଙ୍କ ଭଳି । ତାଙ୍କ ଦୋଷ ଏ ପିଲାଙ୍କ ଦୋଷ ଭଳି ଧରିବା ଠିକ ନୁହେଁ । ଆମେ ବାପା ମାଆ ବୁଢା ବୁଢ଼ୀ ହେଲେ ନିଶ୍ଚୟ ଆମର ଭୁଲ ହେବ । ଆମର ସ୍ମରଣ ଶକ୍ତି ଦୁର୍ବଳ ହେବ । ଦେହରେ ବଳ କମିବ । ହାତରୁ ଜିନିଷ ଖସି ଭାଙ୍ଗିବ । ଏଣେ ତେଣେ ଅପରିଷ୍କାର ହେବ- ତେବେ ସେ ଭୁଲକୁ ଦୋଷ ବୋଲି ଧରିବା କଥା ନୁହେଁ । ଯେମିତି ପିଲାମାନେ କେତେ କେତେ ଦୋଷ କରନ୍ତି କିନ୍ତୁ ବାପା ମାଆ ସେ ସବୁ ନ ଧରି ସେମାନଙ୍କର ଯତ୍ନ ନିଅନ୍ତି, ଭଲ ପାଆନ୍ତି । ମୁଁ ତ ତୁମକୁ ବହୁତ ଭଲ ପାଉଥିଲି - ଅବଶ୍ୟ ସଂସାରରେ ପ୍ରତ୍ୟେକ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଜୀବନର ଶେଷ ପର୍ଯ୍ୟନ୍ତ ଭଲପାଇବା ଦରକାର । କହିଲେ ଅର୍ଜିତା ।

ହୃଦୟର ଅନୁତାପକୁ ପରିପ୍ରକାଶ କରିବାକୁ ଯାଇ କହିଲେ ଅନୁପମ- ମୁଁ ଥିଲି ଏ ଗାଁର ବାରବୁଲା ଉଦ୍ଧତ ଷଣ୍ଢ । ରାତିଦିନ ବୁଲୁଥିଲି- ଏ ବାଡ଼ ସେ ବାଡ଼ ଭାଙ୍ଗୁଥିଲି- ଏ ଗଳି ସେ ଗଳିରେ ଡ଼ିଆଁ ମାରୁଥିଲି । ଯେତେ ଦୁଷ୍ଟ ପ୍ରକୃତିର ଯୁବକଙ୍କର ମୁଁ ସାଥି ଥିଲି । ମଦ, ଜୁଆ, ଭାଙ୍ଗ ସବୁର ମୁଁ ଅଭ୍ୟସ୍ତ ହୋଇ ଯାଇଥିଲି । ମୋର ବାପା ମାଆ ଓ ପରିବାର ଲୋକ ମୋ ଉପରୁ ସବୁ ଆଶା ଭରସା ତୁଟେଇ ସାରିଥିଲେ । ସେମାନେ ମୋର ସବୁ ଖରାପ ଗୁଣ ଲୁଚେଇ ତୁମ ସହ ମୋର ବିବାହ କରିଦେଇଥିଲେ । ପ୍ରଥମ ରାତିରେ ହିଁ ମୁଁ ଟାଙ୍କିଏ ପିଇ ଦେଇଥିଲି ମୋ ସାଙ୍ଗମାନଙ୍କ ସହ । ରୁମରେ ବାନ୍ତି ମଧ୍ୟ କରିଦେଲି । କିନ୍ତୁ ତୁମେ ସେ ସବୁ ଦେଖି ମୋତେ କିଛି କହିଲ ନାହିଁ, ବାନ୍ତି ସଫା କଲ, ମୋର ସେବା କଲ । ଘରେ କେହି କିଛି ଏ ବିଷୟରେ ଜାଣିଲେ ନାହିଁ । ଏମିତି ମୋର ଶହେ ଦୋଷ ସହି ତୁମେ ମୋତେ ବଦଳେଇ ଦେଲ ଅର୍ଜିତା ।

ଏ ତ ଥିଲା ଚାଳିଶ ପଚାଶ ବର୍ଷ ତଳର କଥା । ସେଦିନ ଦୋଷପାଇଁ କାହାକୁ ଦୋଷୀ ସାବ୍ୟସ୍ତ କରି କୌଣସି ଦଣ୍ଡ ବିଧାନ ହୋଇ ନ ଥିଲା । ସେଦିନର ଭାନୁ ଓ କୁନୁ ବଡ଼ ହୋଇ ଘର ସଂସାର କରିଛନ୍ତି । ଦୁଇଜଣଙ୍କ ସ୍ତ୍ରୀଙ୍କର ସମାନ ଅଭିଯୋଗ ବୁଢ଼ାବୁଢ଼ୀ ଶାଶୁ ଶଶୁରଙ୍କପାଇଁ । ସିଧା ସିଧା ଦୋଷ ଉପରେ ଦୋଷ ଲଦି ଚାଲିଛନ୍ତି ଭାନୁ ଓ କୁନୁଙ୍କର ସ୍ତ୍ରୀ ଦୁଇଜଣ ।

"ଆଜି ଗୋଟିଏ ଫଇସଲା ଦରକାର । ଏତେ ଦୋଷ ଆମେ ସହି ପାରିବୁନି । ବିଛଣା ଓ ଯେଣେ ତେଣେ ଅପରିଷ୍କାର କରିବ ଆଉ ଆମେ କେତେ ସଫା କରିବୁ ? ଜଣକୁ ଭାତ ଖାଇଲେ ଯାଉନି ତ ଜଣକୁ ରୁଟି ଖାଇଲେ ଯାଉନି । ରୋଜରୋଜ ସେମାନଙ୍କପାଇଁ ଅଲଗା ପଥୀ ପାଣି କିଏ ତିଆରି କରିବ ଯେ ? ଘରେ କଣ ଆଉ କିଛି କାମ ନାହିଁ ।'

ସାନ ବୋହୂ କହିଲେ 'ଜଣେ ରାତିସାରା ଏତେ ଖୁଁ ଖୁଁ କାଶୁଛନ୍ତି ଯେ ଠିକରେ ଶୋଇ ହେଉନାହିଁ ରାତିରେ । ଅନିଦ୍ରା ଦୋଷ ଦୁଇ ଜଣଙ୍କୁ ଧରିଛି । ପୁଣି ପ୍ରତି ଦୁଇ ତିନି ଦିନକୁ କଫ ସର୍ଦ୍ଦି । ନିଜେ ଟିକିଏ କଣ୍ଟ୍ରୋଲ କଲେ ହୁଅନ୍ତାନି ? ଯେମିତି ଆମେ କେଉଁ ଭାଗ୍ୟ ଦୋଷରେ ଏଠାକୁ ପୋଇଲି ହୋଇ ଆସିଛୁ ? ଆଉ ଆମକୁ ଯେମିତି ଦରମା ଏଠାରେ ମିଳୁଛି !"

ବିଚାର ବସିଛି । ବୁଢା ଅନୁପମ ଓ ବୁଢ଼ୀ ଅର୍ଜିତାଙ୍କର ଦୋଷାଦୋଷର ବିଚାର କରିବାପାଇଁ । ବିଚାରକ ନିଯୁକ୍ତ ହେଲେ ବଡ଼ ପୁଅ ବୋହୂଙ୍କର ଏକମାତ୍ର ପୁଅ କୋଡିଏ ବାଇଶ ବର୍ଷର କିରଣ ଓ ସାନ ପୁଅ ବୋହୂଙ୍କର ଝିଅ ଈପ୍ସିତା । ଭାନୁ ଓ କୁନୁ କହିଲେ ଯେ କିରଣ ଓ ଈପ୍ସିତା ଯେଉଁ ରାୟ ଦେବେ ତାହା ସମସ୍ତେ ମାନିବେ ।

ବୋହୂମାନେ ଆନନ୍ଦର ସହ କହିଲେ 'ହଁ, ଆମେ ରାଜି ଅଛୁ । ତାଙ୍କ ପୁଅଝିଅ ଠିକ୍ ଦୋଷର ଠିକ୍ ବିଚାର କରିବେ ।

ବିଚାର ଆରମ୍ଭ ହେଲା । ଦୁଇ ବୋହୂ ଜଣେ ପରେ ଜଣେ ସବୁ ଦୋଷ ବୁଢ଼ା ବୁଢ଼ୀଙ୍କର ଉପରେ ଲଦିଦେଲେ । ଏବେ ଦୁଇପୁଅଙ୍କ ପାଳି । କିରଣ ଓ ଈପ୍ସିତା ବୋହୂମାନଙ୍କ ଦ୍ୱାରା ଦୋଷୀ ହୋଇଥିବା ବୁଢ଼ାବୁଢ଼ୀଙ୍କର ଦୁଇ ପୁଅକୁ ପଚାରିଲେ । ସେମାନେ ଦୁଇଜଣ ନିରବ ରହି ସମସ୍ତ ସମ୍ପତ୍ତିର କାଗଜ ଜଜ୍‌ମାନଙ୍କ ପାଖରେ ଦାଖଲ କଲେ । ଜଜ୍‌ମାନେ କାଗଜ ସବୁ ଯାଂଚକଲେ ଓ ତାପରେ ନିଜର ରାୟ ଶୁଣାଇବେ ବୋଲି ଘୋଷଣା କଲେ ।

ଦୁଇ ବୋହୂ ବ୍ୟାକୁଳ ହୋଇ ଦୋଷ କରିଥିବା ଶାଶୁ ଶଶୁରଙ୍କ ବିରୁଦ୍ଧରେ ରାୟର ଅପେକ୍ଷା କରୁଥିଲେ । ସେମାନେ ଏ ବୁଢ଼ାବୁଢ଼ୀଙ୍କୁ ଆଉ ରଖିପାରିବେ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ । ଆଉ ସେମାନେ ଏତେ ଦୋଷ ସହିପାରିବେ ନାହିଁ ବରଂ ଘରଛାଡି ବାପଘରକୁ ଚାଲିଯିବେ ବୋଲି ଧମକ ମଧ୍ୟ ଦେଇଥିଲେ ।

ରାୟ ଦୁଇ ବୋହୂଙ୍କର ସପକ୍ଷରେ ଘୋଷଣାକଲେ କିରଣ ଓ ଈପ୍ସିତା । କହିଲେ, ସମସ୍ତ ସାକ୍ଷୀ ଓ ଅଭିଯୋଗ ଶୁଣିଲା ପରେ ଆମେ ଏହି ସିଦ୍ଧାନ୍ତରେ ପହଂଚିଲୁ ଯେ ସମସ୍ତ ଅଭିଯୋଗ ସତ୍ୟ ଓ ଅନୁପମ ମହାନ୍ତି ଓରଫ ବୃଦ୍ଧ ଓ ଅର୍ଜିତା ମହାନ୍ତି ଓରଫ ବୃଦ୍ଧା ଦୋଷ କରିଛନ୍ତି ।

ତେବେ ସମସ୍ତ କାଗଜାତ ତଦାରଖ କଲାପରେ ଜଣାପଡିଲା ଏ ସମସ୍ତ ସମ୍ପତ୍ତି ମଧ୍ୟ ଅଭିଯୋଗକାରୀଙ୍କର ନୁହେଁ । ବୃଦ୍ଧ ଓ ବୃଦ୍ଧା ତାଙ୍କର ଏ ସମସ୍ତ ସମ୍ପତ୍ତି ସେ ତାଙ୍କର ନାତି ଓ ନାତୁଣି କିରଣ ମହାନ୍ତି ଓ ଈପ୍ସିତା ମହାନ୍ତିଙ୍କ ନାଁରେ କରି ସାରିଛନ୍ତି ।

ଦୁଇ ବୋହୂ ପ୍ରଥମେ ଡରି ଯାଇଥିଲେ ଯେତେବେଳେ ଜାଣିଲେ ଯେ ସେମାନେ ଯେଉଁ ଘରେ ରହୁଛନ୍ତି ସେ ଘରର ମାଲିକ ତାଙ୍କ ସ୍ୱାମୀମାନେ ନୁହଁନ୍ତି ବା ଯେଉଁ ସମ୍ପତ୍ତି ସେମାନେ ଉପଭୋଗ କରୁଛନ୍ତି ତାହା ମଧ୍ୟ ସେମାନଙ୍କର ନୁହେଁ !

ତେବେ ଏବେ ଟିକିଏ ସେମାନେ ଆଶ୍ୱସ୍ତ ଯେ ଯାହାହେଉ ବୁଢ଼ା ବୁଢ଼ୀ ମରିବା ଆଗରୁ ଆମ ପୁଅଝିଅଙ୍କ ନାଁରେ କରି ଦେଇଛନ୍ତି । ଯା' ହଉ ଆଉ ଚିନ୍ତା ନାହିଁ ।

କୀରଣ ଓ ଈପ୍ସିତା କହିଲେ ଯେ ଯେହେତୁ ଏ ସମ୍ପତ୍ତି ଆମ ନାଁରେ ଆମ ଜେଜେବାପା ଓ ଜେଜେମା ଲେଖି ଦେଇଛନ୍ତି ତେଣୁ ଆମେ ସେମାନଙ୍କୁ ଦୋଷ ମୁକ୍ତ କଲୁ । ତେବେ ତାଙ୍କ ସମ୍ପତ୍ତିରେ ରହି ତାଙ୍କ ସମ୍ପତ୍ତି ଉପଭୋଗ କରି ତାଙ୍କର ଦୁଇ ବୋହୂ ତାଙ୍କ ଉପରେ ଅଭିଯୋଗ କରିଥିବାରୁ ଓ ସେମାନଙ୍କ ଇଚ୍ଛା ମୁତାବକ ସେମାନଙ୍କୁ ଏ ଘର ଛାଡ଼ି ତାଙ୍କମାନଙ୍କ ବାପ ଘରକୁ ଯିବାର ଆଦେଶ ଦେଉଛୁ । ଅନ୍ୟ ସମସ୍ତେ ଏ ଘରେ ରହିପାରିବେ ।

ନାତି କିରଣ ଓ ନାତୁଣୀ ଈପ୍‌ସିତାଙ୍କ ନ୍ୟାୟରେ ଦୋଷମୁକ୍ତ ହେବାର ଶୁଣି ଅର୍ଜିତା ଓ ଅନୁପମଙ୍କ ଆଖିରୁ ଲୁହ ଝରି ଆସିଲା ।

ନାତି କିରଣ ଓ ନାତୁଣୀ ଈପ୍ସିତା ତାଙ୍କ ପାଖକୁ ଆସି ତାଙ୍କ ଆଖିର ଲୁହ ପୋଛୁଥିଲା ବେଳେ ବୃଦ୍ଧ ଅନୁପମ ନାତୁଣୀ ଈପ୍ସିତା ଓ ବୃଦ୍ଧା ଅର୍ଜିତା ନାତି କିରଣର କୋଳରେ ମୁଣ୍ଡଗୁଞ୍ଜି ଶୋଇପଡିଲେ ଶାନ୍ତିର ଦୀର୍ଘଶ୍ୱାସଟିଏ ନେଇ ।


♥♥ ସୌଭାଗିନୀ ନିବାସ, ରଟିଲୋ, ରେଞ୍ଜ, ପୁରୀ-୭୫୨୧୧୪, ମୋ-୮୨୪୯୨୧୭୦୬୭


## ଛୋଟ ଗପ

# ବନ୍ଦ ଦରଜା

### ଶ୍ରୀନିବାସ ସେଠୀ





ଭିତରେ ମୁଁ । ଦରଜା ଭିତର ପଟୁ ବନ୍ଦ କରି ଦେଇଛି । ବାହାରକୁ କିଛି ଶବ୍ଦ ଯାଇପାରିବ ନାହିଁ ଭିତର ପଟୁ । ମୁଁ ବନ୍ଦ ଦରଜା ଭିତରେ କ'ଣ ନିର୍ଣ୍ଣୟ ନେଉଛି, ସେତକ ମୁଁ ଜାଣିନାହିଁ ।

ସ୍ତ୍ରୀ ଆସି କବାଟ ବାଡେଇଲା । ତା ଆଘାତ ଶବ୍ଦଟି ଦୁମ୍ ଦୁମ୍ , ରାଗିଗଲେ ତା ପାଦ ଚାଲିର ଦୁମ୍ ଦୁମ୍ ଶବ୍ଦ ପରି । ତା ଭଙ୍ଗୀରେ କହିଗଲା , 'କାହିଁକି ପିଲାଙ୍କ ଭଳିଆ ହେଉଛ ? ବେଶି ନାଟକ ଭଲ ନୁହେଁ । ନିଜ ଜୀବନ ନେଇ ନିଜେ ଯଦି ଚାଲିଯାଅ, ଦୁଇ ତିନି ଦିନ କଷ୍ଟ ହେବ । ପୁଣି ସମସ୍ତେ ଧିରେଧିରେ ଭୁଲିଯିବେ ।'

ମୁଁ ଜାଣେ, ସେ ଠିକ୍ କହୁଛି । ସେ ଏତକ କହି ଫେରିଗଲା । ତା ମନର ଦୃଢ଼ତା ଚେତାଇ ସେ ଚାଲିଗଲା ।

ପୁଣି ବନ୍ଦ ଦରଜା ପାଖରେ କିଛି ସମୟ ନିରବ ।

ପୁଅ ବଡ, ସେ ଆସିଲା । କବାଟରେ ଜୋର୍ ଜୋରରେ ବାଡେଇଲା । ସେ 'ବାପା, ବାପା' ଡାକୁଥିଲା । ସେ ଡାକୁଥିଲା କମ୍, କବାଟରେ ଆଘାତ କରୁଥିଲା ବେଶି । ମୁଁ ତା ହାତକୁ ଚିହ୍ନେ, ଛୋଟବେଳେ ତା ପାପୁଲିକୁ ମୋ ମୁଠାରେ ଧରି ଭିଡ଼ ଭିତରେ ଅନେକ ଥର କଡେଇ ନେଇଛି ବାଟ । ଛୋଟବେଳେ ମଣିଷ ଗହଳି ଭିତରେ ଲୁଚିଯାଇ କିଛି ଦେଖି ପାରେନି ବୋଲି, ତାକୁ କାନ୍ଧରେ ବସାଇ ଦୁର୍ଗା ପୂଜାଭିଡ ଭିତରୁ ପୂଜା ମଣ୍ଡପ ଦେଖାଇଛି । ସରୁ ମାଟି ନଇବନ୍ଧ ପାରହେଲା ବେଳେ ତା ପାଦରୁ ନିଜ ହାତରେ ବାଲି ଝାଡି ଦେଇ କୋଳରେ ବସାଇଛି । ଏବେ ସେ ବଡ ହେଲାଣି । ତା ହାତ ଓ ପାଦ ମଜବୁତ ହେଲାଣି । ସେ ଶେଷକୁ କହିଲା, 'ବୋଉ ! କବାଟ ଭାଙ୍ଗି ଦେବାକୁ ପଡ଼ିବ । ସେ ଜୋରରେ କେତେ ଥର ଧକ୍କା ମାରିଲା, ପରେ ରାଗି ଯାଇ ଦୁଇ ତିନି ଲାତ ମାରିଥିଲା କବାଟରେ । ମଜବୁତ କବାଟ, ତାକୁ ଭାଙ୍ଗିବା କ'ଣ ଏତେ ସହଜ !

ସେ ଜାଣି ନଥିଲା, କବାଟ ଯଦି ବା ଭାଙ୍ଗିଯାଏ, ମୋ ଭିତରର ଆହୁରି ମଜବୁତ କବାଟ କ'ଣ ଭାଙ୍ଗି ପାରିବ ଏଇମିତି ଲାତରେ ? ସେ ଫେରିଗଲା । ମୋ ସ୍ତ୍ରୀ ଡାକି ଫେରିଯାଇଥିଲା । ଏବେ ସବୁ ନିରବ । ବାହାରେ ଏବେ ଖୁବ୍ ଶୁନ୍ ଶାନ୍ । ମୋ ମଥା ଉପରେ ଫେନ୍ ଝୁଲୁଥିଲା । ମୋ ଝରକା ପାଖରୁ ପାରାମାନେ ଉଡି ଯାଇଥିଲେ । ବେଡ୍ ଉପରେ ବେଡ୍ ସିଟ୍‌ଟିଏ ଗୋଟେଇ ପଡ଼ି ରହିଥିଲା ।

ହଠାତ୍ କବାଟରେ ପବନ ଛୁଇଁଲା ପରି ଖୁବ୍ କୋମଳ ପାପୁଲି ଛୁଇଁବା ଶବ୍ଦ ଶୁଭିଲା । କାହାର ? ମାତ୍ର ଗୋଟିଏ ପଦ , 'ବାପା !' କଣ୍ଠରେ ଭିଜା ଭିଜା ସ୍ୱର । ହେଇ ତ ସେହି, ଭିତରକୁ ପଶି ଆସୁଛି ? । ଏତେ କୋମଳ ହାତ ପାପୁଲିର ଆଘାତରେ ଫିଟିଗଲା ଏତେ ମଜବୁତ କବାଟ ! କୁଣ୍ଢେଇ ଧରି ଛାତିରେ ଓଜାଡି ପଡି କହୁଛି , 'ଆଉ କେବେ ବି ଭିତର ପଟୁ ବନ୍ଦ କରନି ନିଜକୁ ବାପା ! ମୋତେ ଖୁବ୍ ଡର ଲାଗେ । କ୍ଷଣିକ ପାଇଁ ଲାଗେ ତୁମକୁ ଛାଡ଼ି ଯେମିତି କେହି ନାହାନ୍ତି । ଭଗବାନ ମଧ୍ୟ ।'

ତା ଆଖିରୁ ଝରି ପଡୁଥିଲା ଲୁହ ନିରବରେ । ମୁଁ ଭିଜି ଯାଇଥିଲି । ସେ ହୃଦୟର ଦରଜା ଭାଙ୍ଗି ଗରମ ପବନରେ ଜଳୁଥିବା ଶୁଖିଲା ମରୁଭୂମିରେ ଜଳପ୍ରପାତଟିଏ ସୃଷ୍ଟି କରିସାରିଥିଲା । ମୁଁ ତାକୁ ଛାତିରେ ଜଡାଇ ଧରି କହିଲି,


' ମୋ ସୁନା ଝିଅଟା ପରା ! ଆଉ କାନ୍ଦନା । ତୋତେ ଛାଡ଼ି ବାପା କୁଆଡ଼େ ଯାଇପାରେ ରେ !'

ମୁଁ ଦେଖିଲି, ପୁଅ ଓ ସ୍ତ୍ରୀ ଛିଡ଼ା ହୋଇଛନ୍ତି । କିଛି ତ ହୋଇନାହିଁ । କବାଟ ଖୋଲି ଗଲାଣି । ବାପାର ଛାତି ଭିତରେ ଝିଅ ମୁହଁ ଗୁଞ୍ଜିଥିବା ମୁଗ୍ଧ ଦୃଶ୍ୟ ଦେଖି ସେମାନେ ତଥାପି କାନ୍ଦୁଛନ୍ତି କାହିଁକି ?


♥ ରେଲ୍ ମିନାର , କୋଜେସ୍ କୋର୍ଟ ରୋଡ, କଲିକତା -୨୭

ପୁଣ୍ୟ ଜୟନ୍ତୀ ଅବସରରେ...

# 'ରବିନ୍ଦ୍ରନାଥ ଠାକୁର'ଙ୍କର ଓଡିଶା ସହ ସମ୍ପର୍କ



## ପ୍ରତାପ ଚନ୍ଦ୍ର ସାହୁ

ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର କଲିକତାର ଜୋରାସଙ୍କ ଗ୍ରାମରେ ୧୮୬୧ ମସିହା ମେ ମାସ ୭ ତାରିଖରେ ଏକ ଖ୍ୟାତି ସମ୍ପନ୍ନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ସେ ତାଙ୍କର ପିତା ମାତାଙ୍କର କନିଷ୍ଠ ସନ୍ତାନ ଥିଲେ। ତାଙ୍କ ପିତାଙ୍କ ନାମ ମହର୍ଷୀ ଦେବେନ୍ଦ୍ର ନାଥ ଠାକୁର ଓ ମାତାଙ୍କ ନାମ ଶରାଦେବୀ। ରବିନ୍ଦ୍ର ନାଥ ବିଶିଷ୍ଟ କବି ଦ୍ୱାରୀକା ନାଥ ଠାକୁରଙ୍କର ନାତି ଥିଲେ। ରବିନ୍ଦ୍ର ନାଥଙ୍କର ପିତା ଥିଲେ ଜଣେ ଆଧ୍ୟାତ୍ମିକ ଚେତନଶୀଳ ବ୍ୟକ୍ତି , ପଣ୍ଡିତ ଓ ବ୍ରହ୍ମ ସମାଜର ଅଧକ୍ଷ। ରବିନ୍ଦ୍ର ନାଥ ଠାକୁର ଥିଲେ ଏକାଧାରରେ ଜଣେ ଲେଖକ, କବି, ପ୍ରାବନ୍ଧିକ, ଔପନାସିକ, କଳାକାର, ଚିତ୍ରକର, ଜନ ହିତୈଷୀ, ନାଟ୍ୟକାର, ଦେଶ ହିତୈଷୀ, ପଣ୍ଡିତ, ବାଗ୍ମୀ ବ୍ୟକ୍ତି ବିଶେଷ। ସେ ଥିଲେ ବହୁ ପ୍ରତିଭାର ଅଧିକାରୀ। ସେ ଭାରତର ସ୍ୱାଧିନତା ସଂଗ୍ରାସ ଲଢେଇ ପାଇଁ ଭାରତ ସପକ୍ଷରେ ଓକିଲାତି ମଧ କରିଥିଲେ। ୧୯୦୩ ମସିହା ରେ 'ଗୀତାଞ୍ଜଳୀ' କବିତା ପାଇଁ ରବିନ୍ଦ୍ରନାଥ ଠାକୁର ନୋବେଲ୍ ପୁରସ୍କାର ପାଇଥିଲେ। ୧୯୧୭ ମସିହାରେ ଗାନ୍ଧୀଜୀ ତାଙ୍କୁ ବିଶ୍ୱ କବି ପଦରେ ଭୂଷିତ କରାଇ ଥିଲେ। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ଲାଭ କରିବାକୁ ପସନ୍ଦ କରିନଥିଲେ। ସେ ମୁଖ୍ୟତ ଘରୋଇ ଟ୍ୟୁସନ ଜରିଆରେ ଶିକ୍ଷା ଲାଭ କରିଥିଲେ। ମାତ୍ର ୧୨ ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ଏକ ମାଗାଜିନ୍‌ରେ ପ୍ରକାଶିତ ହୋଇଥିଲା। ତାଙ୍କୁ ତାଙ୍କ ପିତା ଲଣ୍ଡନ ପଠାଇଥିଲେ ଆନୁଷ୍ଠାନିକ ଶିକ୍ଷା ଲାଭ କରିବା ଉଦ୍ଦେଶ୍ୟରେ ମାତ୍ର ୧୭ ବର୍ଷ ବୟସରେ। କିନ୍ତୁ ସେ ସେଇଠି ନିଜର ପଢା କମ୍ପ୍ଲିଟ ନ କରି ଫେରି ଆସିଥିଲେ। ତାଙ୍କ ମତରେ ଆନୁଷ୍ଠାନିକ ଶିକ୍ଷା ଲାଭ ଦ୍ୱାରା ଦୁନିଆ ସମ୍ବନ୍ଧରେ ଅଧିକା କିଛି ଜାଣି ହେବନି।


ରବିନ୍ଦ୍ରନାଥ ଠାକୁରଙ୍କର ମୃଣାଲିନୀ ଦେବୀ ରାୟ ଚୌଧୁରୀଙ୍କ ସହ ବିବାହ ହୋଇଥିଲା। ତାଙ୍କର ଦୁଇ ପୁଅ ଓ ତିନି ଝିଅ। ସେ ଅନେକ ସାହିତ୍ୟ ସଂଘଟିତ କାର୍ଯ୍ୟକ୍ରମ ସହ ଜଡିତ ଥିଲେ ମଧ ପରିବାର ପ୍ରତି କେବେହେଲେ ଅବହେଳା ପ୍ରଦର୍ଶନ କରିନଥିଲେ। ସେ ତାଙ୍କର ପରିବାରକୁ ବଙ୍ଗଳା ଦେଶର ଶିଲାଇଡ ସହରରେ ଅବସ୍ଥାନ କରାଇ ଦେଖାଶୁଣା କରୁଥିଲେ। ତାଙ୍କର ଲେଖା ଗୁଡିକ ମୁଖ୍ୟତଃ ପଣ୍ଡିତ, ଜ୍ଞାନୀ, ଗୁଣି, ସାଧାରଣ ଜନତା ଏପରିକି ସ୍ୱାଧିନତା ସଂଗ୍ରାମୀ ସମସ୍ତଙ୍କୁ ପ୍ରଭାବିତ କରିପାରିଥିଲା। ରବିନ୍ଦ୍ରନାଥ ଠାକୁର ଜାତୀୟ ସଙ୍ଗୀତ 'ଜନଗଣ ମନ ଅଧିନାୟକ' ରଚନା କରିଥିଲେ। ସେ ବଙ୍ଗଳାଦେଶ ପାଇଁ 'ଆମର ସୋନାର ବାଙ୍ଗାଲା ' ଜାତୀୟ ସଙ୍ଗୀତ ରଚନା କରିଥିଲେ। ୧୯୦୧ ମସିହାରେ ସେ ଏକ ଭିନ୍ନ ଧରଣର ସ୍କୁଲ 'ଶାନ୍ତି ନିକେତନ ' ପ୍ରତିଷ୍ଠା କରିଥିଲେ। ବୈଦିକ ଶିକ୍ଷାର ପ୍ରଚଳନ ସେ ସେଇଠି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାହା 'ବିଶ୍ୱ ଭାରତୀ ବିଶ୍ୱ ବିଦ୍ୟାଳୟ' ଭାବେ ଖ୍ୟାତି ଅର୍ଜନ କରିଥିଲା। ୧୯୧୫ ମସିହାରେ ବ୍ରିଟିଶ୍ କ୍ରାଉନ୍‌ଙ୍କ ଦ୍ୱାରା କିଙ୍ଗ୍ ହୁଡ୍ ପଦବୀରେ ଭୂଷିତ ହୋଇଥିଲେ।

ଓଡିଶାର ପୁରୀ ସହର ସମୂଦ୍ରକୂଳ ନିକଟସ୍ଥ ରକ୍ତ ତୀର୍ଥ ରୋଡରେ ରହିଛି ବ୍ରିଟିଶ୍ର ଅମଳର 'ପାଥେର୍ ପୁରୀ'। ସେଠାରେ ରବିନ୍ଦ୍ର ନାଥ ଠାକୁରଙ୍କର ଏକ ବଙ୍ଗଳା ତିଆରି କରାଯିବା ନିମନ୍ତେ ଏହାର ନାମ ରଖା ଯାଇଥିଲା ପାଥେର ପୁରୀ।ଏଇଠି ଏକ ପୁରାତନ ଛାତ୍ରାବାସ ରହିଛି। ଏହି ଛାତ୍ରାବାସ ସହ ରହିଛି ରବିନ୍ଦ୍ରନାଥଙ୍କର ନିବିଡ ସମ୍ପର୍କ। ଏଇ କୋଠା (ଛାତ୍ରାବାସ) ରବିନ୍ଦ୍ରନାଥ ଠାକୁରଙ୍କର ଓଡିଶା ଆଗମନର ଓ ରହଣିର ସ୍ମୃତି ବହନ କରୁଛି। ଏହାର ମୂକସାକ୍ଷୀ ସ୍ୱରୁପ ପାର୍ଶ୍ୱରେ ଦଣ୍ଡାୟ ମାନ ରବିନ୍ଦ୍ରନାଥ ଠାକୁରଙ୍କର ପ୍ରତିମୂର୍ତ୍ତୀ। ସେଇ କୋଠାରେ ବସି ରବିନ୍ଦ୍ରନାଥ ଠାକୁର 'ସାଗର କବିତା' ରଚି ଥିଲେ। ରାଜ୍ୟର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଆଶ୍ରୟ ଦେଇ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଥିଲା ଏଇ ପାଥେର୍ ପୁରୀ। ସେଠାରେ ଅବସ୍ଥାନ କରୁଥିବା ସମୟରେ ରବିନ୍ଦ୍ରନାଥ ଠାକୁର ପଛପାର୍ଶ୍ୱରେ ଥିବା ସମୂଦ୍ରରେ କୂଳ କୂଳକୁ ବୁଲିବାକୁ ଯାଉଥିଲେ। ସ୍ୱର୍ଣ୍ଣାଭ ବେଳାଭୂମିରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ 'ସମୂଦ୍ର ପ୍ରତି, ସିନ୍ଧୁ ତରଙ୍ଗ, ମହାମାନବର ସାଗର ତୀର' ଆଦି ଅନେକ କବିତା ରଚନା କରିଛନ୍ତି। କୋଣାର୍କ ମନ୍ଦିରର କାରୁକାର୍ଯ୍ୟକୁ ଅନୁଧ୍ୟାନ କରି 'ପ୍ରତୀକ୍ଷା' କବିତା ରଚିଥିଲେ। ରବିନ୍ଦ୍ରନାଥ ଠାକୁର ୧୯୪୧ ମସିହା ଅଗଷ୍ଟ ମାସ ୭ ତାରିଖ ରେ ଇହଲୀଳା ସମ୍ବରଣ କରିଥିଲେ। ଆଜି ସେ ନଥିଲେ ମଧ ତାଙ୍କର କୃତି ପାଇଁ ସେ ସମସ୍ତଙ୍କ ହୃଦୟରେ ଅଛନ୍ତି।

**୧୯୦୩ ମସିହାରେ 'ଗୀତାଞ୍ଜଳୀ' କବିତା ପୁସ୍ତକ ପାଇଁ ରବିନ୍ଦ୍ରନାଥ ଠାକୁର ନୋବେଲ୍ ପୁରସ୍କାର ପାଇଥିଲେ। ୧୯୧୭ ମସିହାରେ ଗାନ୍ଧୀଜୀ ତାଙ୍କୁ 'ବିଶ୍ୱ କବି' ପଦରେ ଭୂଷିତ କରାଇଥିଲେ।**

+ନବରଙ୍ଗପୁର
(ମୋ) ୯୪୩୭୭୮୮୮୬୦

## ପାଇଛୁ...ପଢିଛୁ...




"ଏହି ବୃକ୍ଷର ଡାଳରେ ଅନେକ ପ୍ରତିଷ୍ଠିତ ଲେଖକଙ୍କ ଅନୁଭବର ସୁବାସ ସ୍ନିଗ୍ଧ ଫୁଲମାନେ ତ ସୌରଭ ବୁଣିଛନ୍ତି... ଅନେକ କୁନି କୁନି ପ୍ରତିଭା, ପ୍ରଭାତ ପରର କଅଁଳ ଅରୁଣ- ଚିରାଗ ସୃଷ୍ଟି କରିଛନ୍ତି । ଏହି ପ୍ରତିଭାମାନେ ଆଗାମୀ ମଧାହ୍ନର ମାର୍ତ୍ତଣ୍ଡ ପରି ଜ୍ଞାନର ଆଲୋକ ଝରିଲାବେଳେ, ତାଙ୍କ ସ୍କୁଲ ଦିନର ଲେଖାକୁ ଦେଖନ୍ତୁ... ଅତୀତ ଓ ବର୍ତ୍ତମାନର ଶବ୍ଦ ବସାଣ ଓ ଭାବ-ବ୍ୟଞ୍ଜନାରେ ଯେଉଁ ପାର୍ଥକ୍ୟ ଅଛି- ତା' ପଛର ନିରନ୍ତର ସାଧନାର ପରିଣାମକୁ ଅନୁଭବ କରି, ଦିନେ ସାହିତ୍ୟ ଆକାଶର ସମୁଜ୍ଜଳ ଦୀପ୍ତିମାନ୍/ ଦୀପ୍ତୀମତୀ ତାରକା ହେଉନ୍ତୁ... ଏପରି ଇଚ୍ଛା ଆମେ ସଂପାଦନା ସହିତ ଜଡିତ ସମସ୍ତେ ଆଶା କରୁଛୁ..."

ଓଳାଭର ନୋଡାଲ ଉଚ୍ଚ ବିଦ୍ୟାଳୟର 'ହୀରକ ଜୟନ୍ତୀ' ସ୍ମୃତିଲିପି ୨୦୨୨-୨୦୨୩ ଶିକ୍ଷାବର୍ଷର 'ଅମ୍ଳାନ ଜ୍ୟୋତି'ର ସମ୍ପାଦକୀୟ ପୃଷ୍ଠାରେ ଏତକ ବକ୍ତବ୍ୟ ରଖଛନ୍ତି ମୁଖ୍ୟ ସଂପାଦକ ତଥା ବିଶିଷ୍ଟ କଥାକାର ଲକ୍ଷ୍ମୀଧର ନାୟକ ଆଦିସ୍ୟ ।

ଶିକ୍ଷାନୁଷ୍ଠାନର ଭୂମିକା ବିକାଶ ଯାତ୍ରାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ପରିପ୍ରେକ୍ଷୀରେ ଏହା ବ୍ୟକ୍ତିଜୀବନରେ ବହୁବିଧ ସଂସ୍କାର ଆଣିବାରେ ସହାୟକ ହୋଇଥାଏ । ବିଦ୍ୟାଳୟରୁ ଶିକ୍ଷା ଲାଭ କରିବା ପରେ ବିଦ୍ୟାର୍ଥୀମାନେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ସାମାଜିକ- ସାଂସ୍କୃତିକ - ଅର୍ଥନୈତିକ କ୍ଷେତ୍ରରେ ସାମିଲ ହେଲେ ମଧ ଶିକ୍ଷାୟତନର ସ୍ମୃତି ସେମାନଙ୍କ ନିକଟରେ ଅମୂଲ୍ୟ ହୋଇ ରହିଥାଏ ବୋଲି ସେହି ଅବସରରେ ପ୍ରକାଶ ପାଇଥିବା 'ଅମ୍ଳାନ ଜ୍ୟୋତି' ରେ ସ୍କୁଲ ସହିତ ସଂପୃକ୍ତ ସମସ୍ତେ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସେମାନଙ୍କ ଲେଖାରେ ପ୍ରକାଶ କରିଛନ୍ତି । ଏଥିରେ ସଭାପତି, ସଂପାଦକ, ମୁଖ୍ୟ ସଂପାଦକ, ପ୍ରଧାନ ଶିକ୍ଷକଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ମଧ ବିଦ୍ୟାଳୟକୁ ନେଇ ସେମାନଙ୍କ ସ୍ମୃତିକଥାରେ ପ୍ରକାଶ କରିଛନ୍ତି ।

ଏଥିରେ ଇଂ ଶ୍ରୀକାନ୍ତ ସେନାପତି, ବଂଶୀଧର ସେନାପତି, ପ୍ରଭାତ କୁମାର ଜଗତୀ, ହରେକୃଷ୍ଣ ଦାସ, ଧ୍ରିତିସୁନ୍ଦର ଆଚାର୍ଯ୍ୟ, ସନାତନ ପୃଷ୍ଟି, ଗଦାଧର ଦାସ, ଲକ୍ଷ୍ମଣକୁମାର ପୃଷ୍ଟି, ବରେନ୍ଦ୍ର କୁମାର ପତ୍ର, ପ୍ରଦୀପ କୁମାର ଦାସ, ସୁକାନ୍ତି ପ୍ରଧାନ (ରାଉତ), ସୁବ୍ରତ ପଢିଆରୀ, ଧର୍ମଜ୍ୟୋତି ରାଉତ, ଚନ୍ଦ୍ରଶେଖର ଜଗତୀ, ମୂରଲୀଧର ପରିଡା, ଲିଲୀ, ଉତ୍ସବ ଆନନ୍ଦ ବିଶ୍ୱାଳ, ରମାକାନ୍ତ ଦାସ, ପୂର୍ବତନ ଶିକ୍ଷକ ଧନେଶ୍ୱର ସାମଲ ପ୍ରମୁଖ ଶତାଧିକ ଲେଖକ ଏହି ସ୍ମରଣିକାରେ ବହୁ ଉପାଦେୟ ଲେଖା ଲେଖଥିବା ବେଳେ ପୁସ୍ତକଟି ନିଶ୍ଚତ ଭାବରେ ବିଦ୍ୟାଳୟର ଛାତ୍ରଛାତ୍ରଙ୍କ ଜୀବନ ଗଢିବାରେ ସହାୟକ ହୋଇପାରିବ ବୋଲି ଆମେ ଆଶା କରିପାରିବା ।


**ଅମ୍ଳାନ ଜ୍ୟୋତି**
**ହୀରକ ଜୟନ୍ତୀ ୨-୨୩**
**ଓଳାଭର ଉଚ୍ଚ ବିଦ୍ୟାଳୟ ଓ ଓଳାଭର ମଧ ଇଂରାଜୀ ବିଦ୍ୟାଳୟର ଯୁଗ୍ମ ସ୍ୱରୂପ**
**ଓଳାଭର , କେନ୍ଦ୍ରାପଡା- ୭୫୪୨୨୭**

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ

---

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ପେଶାଓ୍ୱର କାଣ୍ଡର ମହାନାୟକ



୭୨

ଦୀପକ ରଂଜନ ମିଶ୍ର

(ସଂକ୍ଷିପ୍ତ ଜୀବନ ଚରିତ)

## ॥ ବୀର ଚନ୍ଦ୍ରସିଂହ ଗଢ଼ବାଲୀ - ୭ ॥

ଚନ୍ଦ୍ରସିଂହ ଇଂରେଜ ସିପାହୀର ଧମକ୍‌କୁ ଖାତିର୍ ନକରି ଧାଇଁ ଧାଇଁ ଯାଇ ନିଜ ସେକ୍ସନ୍‌ର ସୈନିକଙ୍କ ସହ ମିଶି ଯାଆନ୍ତି । ତୁର୍କ ସେନା ଛପିଥିବା ଖାଇର ଏତେ ନିକଟରେ ସେମାନେ ପହଞ୍ଚିଯାଆନ୍ତି ଯେ ଆଉ ବନ୍ଧୁକ ଧରି ଗୁଳି ଫୁଟାଇବା ଉଭୟ ସେନାଙ୍କ ପକ୍ଷରେ ସମ୍ଭବ ହୋଇ ପାରେନି । ତୁର୍କ ସେନାର କେତେଜଣ ସଙ୍ଗୀନ୍ ଧରି ଏମାନଙ୍କ ମୁକାବିଲା କଲାବେଳକୁ ଆଉ କେତେ ଧାଇଁ ଧାଇଁ ପଛକୁ ପଳେଇ ଯାଆନ୍ତି । ଗଢ଼ବାଲୀ ସିପାହୀମାନେ ନିଜ ନିଜ ଭୁଜାଲୀ ବାହାର କରି ଶତ୍ରୁଙ୍କୁ ଗଡ଼ ଗଡ଼ କରି ହାଣିବାରେ ଲାଗିପଡ଼ନ୍ତି । ହାତ, ଗୋଡ଼, ମୁଣ୍ଡ ଛିଟ୍‌କି ପଡୁଥାଏ । ରକ୍ତ ପିଚ୍‌କାରୀ ମାରିଲା ଭଳି ଓଦା କରି ଦେଉଥାଏ ମାଟି । ଚନ୍ଦ୍ରସିଂହ ସେଦିନ ନିଜ ଭୁଜାଲୀରେ ପ୍ରାୟ ୪୦ ଲୋକଙ୍କୁ ହାଣିଥିବେ । ଟଳି ପଡୁଥିବା ପ୍ରତ୍ୟେକ ଶବ ତାଙ୍କ ଭିତରର ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରି ଚାଲିଥାଏ । ଗଢ଼ବାଲୀଙ୍କ ଭୀଷଣ ଆକ୍ରମଣର ସାମ୍ନା କରି ନପାରି ତୁର୍କ ସେନା ସେଇ ସ୍ଥାନ ଛାଡ଼ି ପଛକୁ ପଳାୟନ କରନ୍ତି । ସେମାନଙ୍କ ପଛରେ ଗଢ଼ବାଲୀ ସେନା ଅନେକ ଦୂରଯାଏ ଯାଆନ୍ତି । ସେଇଠୁ ଫେରିଲା ବେଳେ ଗୋଟେ ନାଳ ଭିତରେ ସେମାନେ ତୁର୍କ ସେନାର ରୋଷେଇଶାଳ ଦେଖିବାକୁ ପାଆନ୍ତି । ବଡ଼ ବଡ଼ ହଣ୍ଡାରେ ଭାତ ରନ୍ଧା ହୋଇ ରହିଥାଏ । ଥାକ ଥାକ ହୋଇ ରଖା ହୋଇଥାଏ ରୁଟି । ବିସ୍କୁଟ, ଖଜୁର ଇତ୍ୟାଦି ବସ୍ତା ବସ୍ତା ରଖାହୋଇଥାଏ । ପ୍ରାଣ ବିକଳରେ ସେମାନେ ଏସବୁ ଖାଦ୍ୟ ପଦାର୍ଥ ଛାଡ଼ି ପଛକୁ ପଳାଇ ଯାଇଥାନ୍ତି । ଗଢ଼ବାଲୀ ସିପାହୀ ଭୋକ ଶୋଷରେ ଖୁବ୍ ବିଚଳିତ ଥାଆନ୍ତି । ମୁସଲମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଯେ ହିନ୍ଦୁଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ସେଇ କଥା ସେତେବେଳେ ଆଉ ତାଙ୍କ ମନକୁ ଆସେନାହିଁ । ସାମ୍ନାରେ ଖାଦ୍ୟ ପାଇ ସେମାନେ ତା' ଉପରେ ଝାମ୍ପି ପଡ଼ନ୍ତି । ଚନ୍ଦ୍ରସିଂହ ଗୋଟେ ଚମଡ଼ା ଥଳୀରୁ ଢକ୍ ଢକ୍ କରି ପାଣି ପିଇଯିବା ପରେ ରୁଟି ଛିଣ୍ଡାଇ ପାଟିରେ ପୂରାନ୍ତି । ପୁଣି ସ୍ୱାଦିଷ୍ଟ ଖଜୁର ଓ ବିସ୍କୁଟ ଖାଆନ୍ତି ପେଟ ଭରିବାକୁ । କ୍ଷୁଧା ଟିକିଏ ଶାନ୍ତ ହେବା ପରେ ତାଙ୍କର ନଜର ନିଜ ଶରୀର ଉପରେ ପଡ଼େ । ସେ ପିନ୍ଧିଥିବା କପଡ଼ା ଗୋଟାପଣେ ଭିଜି ଯାଇଥାଏ ରକ୍ତରେ ।

ଏମାନେ ଖାଉଥିବା ବେଳେ ଡାହାଣ ଓ ବାମ ପଟୁ ଭାରତୀୟ ସିପାହୀମାନେ ଆଗକୁ ବଢ଼ିଯାଆନ୍ତି । ନିଜ ଦୁଇ ସାଥୀଙ୍କ ସହ ଚନ୍ଦ୍ରସିଂହ ବି ସେଆଡ଼କୁ ପ୍ରାଣମୂର୍ଚ୍ଛା ଧାଇଁବାକୁ ଲାଗନ୍ତି । ସେଇଠୁ ଅଳ୍ପ ଦୂରରେ ତୁର୍କୀ ସେନାର ଜେନେରାଲ ହେଡ଼କ୍ୱାର୍ଟର୍ସ ଥାଏ । ସେଠାରେ ତାଙ୍କର ଜେନେରାଲ ଷ୍ଟାଫ୍ ରହୁଥିବା ବେଳେ ସେନାର ଉପଯୋଗ ପାଇଁ ଥାଏ ଡାକ୍ତରଖାନା ତଥା ଭୋଜନାଳୟ । ସୁରକ୍ଷା ପାଇଁ ଗୋଟେ କମ୍ପାନୀ ମଧ୍ୟ ଥାଏ ମୁତୟନ । ଏଇ ତିନିଜଣ ଧାଇଁ ଧାଇଁ ଅତି ନିକଟକୁ ଚାଲିଯିବାରୁ ସେମାନଙ୍କ ହାବୁଡ଼ରେ ପଡ଼ି ବନ୍ଧା ହୁଅନ୍ତି । ତାଙ୍କ ପାଖରୁ ରାଇଫଲ୍ ଓ ଅସ୍ତ୍ରଶସ୍ତ୍ର ଛଡ଼ାଇ ନିଆଯାଏ । ଅନ୍ତ ସମୟ ଆସିଗଲା ଭାବି ତିନିହେଁ ପରସ୍ପରକୁ ଚାହିଁ ଆଗକୁ ସେମାନଙ୍କ ସହ କେଉଁଭଳି ବ୍ୟବହାର କରାଯିବ ତାହା ଭାବିବାକୁ ଲାଗନ୍ତି । ଦଶପନ୍ଦର ମିନିଟ ଯାଇଥିବ କି ନାହିଁ ଚନ୍ଦ୍ରସିଂହ ଦେଖନ୍ତି ଡାହାଣ ପଟୁ ଦଳେ ଭାରତୀୟ ସୈନିକ ସେମାନଙ୍କ ଆଡ଼କୁ ଛପି ଛପି ଆସୁଥିବାର । ବାଁ ପଟୁ ମଧ ଦଳେ ଇଂରେଜ ସୈନିକ ସେଆଡ଼କୁ ଆସୁଥାନ୍ତି ତୁର୍କୀ ହେଡ଼କ୍ୱାର୍ଟର୍ସକୁ ଘେରାଓ କରିବା ଉଦ୍ଦେଶ୍ୟରେ । ଏତେ ସଂଖ୍ୟାରେ ସୈନିକ ତାଙ୍କ ଆଡ଼କୁ ମାଡ଼ି ଆସୁଥିବା ଦେଖି ତୁର୍କ ସେନାର ସିପାହୀମାନେ ଡକାଡକି ହୋଇ ଗୋଟେ ସ୍ଥାନରେ ଜମା ହେବାକୁ ଲାଗନ୍ତି । ସେତେବେଳେ ବି ତୁର୍କ ଜେନେରାଲମାନେ ଡାଇନିଂଟେବୁଲ ପାଖରେ ବସି ନିଶ୍ଚିନ୍ତ ମନରେ ଖାଉଥିବା ଓ ତୁର୍କୀ ବ୍ୟାଣ୍ଡ ବାଜୁଥିବାର ଦେଖି ଚନ୍ଦ୍ରସିଂହ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ନିଜ ବେଲ୍ଟ ଓ ରାଇଫଲ୍ ସୁଦ୍ଧା ଖୋଲି ରଖିଦେଇଥାନ୍ତି ଟେବୁଲ ଉପରେ ଶାନ୍ତି ସମୟରେ ସେମାନେ ଛାଉଣୀରେ ବସି ଆରାମରେ ଖାଉଥିବା ଭଳି । ନର୍ସମାନଙ୍କ ଭଳି ଧଳା ପୋଷାକ ପରିହିତା ଚାରିଜଣ ସ୍ତ୍ରୀଲୋକ ମଧ ସେଠାରେ ଉପସ୍ଥିତ ଥାଆନ୍ତି ।

ଗୋଟେ କୋଣରେ ୧୧ ଜଣ ହିନ୍ଦୁସ୍ଥାନୀ ସିପାହୀ ଏମାନଙ୍କ ଭଳି ବନ୍ଦୀ ହୋଇ ବସିଥାନ୍ତି । ଗୋଟେ ପଲଟଣର ୩୦ ଜଣ ସିପାହୀ ଏଇ ତୁର୍କୀ ସେନାଙ୍କ ହାତରେ ଧରା ପଡ଼ିଥାନ୍ତି । ସେମାନଙ୍କ ଭିତରୁ ୧୯ ଜଣ ହିନ୍ଦୁ ଓ ୧୧ ଜଣ ଥାଆନ୍ତି ମୁସଲମାନ । ହିନ୍ଦୁ ସିପାହୀଙ୍କୁ ଜୀବନରେ ମାରିଦେବା ବେଳେ ମୁସଲମାନ ସିପାହୀଙ୍କ ପାଖରୁ ଅସ୍ତ୍ରଶସ୍ତ୍ର ଜବତ୍ କରି ସେମାନଙ୍କୁ ବନ୍ଦୀକରି ରଖା ଯାଇଥାଏ । ସେଇ ୧୧ ଜଣଙ୍କ ଭିତରେ ଲାନ୍ସ-ନାୟକ ଗୁଲାମ୍ ମୁହମ୍ମଦ୍ ବି ଥାଏ । ସେ ଏଇ ତିନିଜଣଙ୍କୁ ହାତଠାରି ପାଖକୁ ଡାକେ । ତୁର୍କ ସିପାହୀମାନେ ଆତ୍ମରକ୍ଷା ଉଦ୍ଦେଶ୍ୟରେ ଧାଁଦଉଡ଼ କରୁଥିବାବେଳେ ଏମାନଙ୍କ ଉପରେ ସେତେଟା ନଜର ରଖି ପାରୁ ନଥିବାରୁ ଏମାନେ ଯାଇ ଗୁଲାମ୍ ମୁହମ୍ମଦ୍ ପାଖରେ ପହଞ୍ଚିଯାଆନ୍ତି । ଏବେ ସେମାନଙ୍କ ଦଳରେ ୧୪ ଜଣ ହିନ୍ଦୁସ୍ତାନୀ ହୋଇଯାଆନ୍ତି ହେଲେ କାହା ପାଖରେ କିଛି ବି ହତିଆର ନଥାଏ । ଏତେବେଳକୁ ତିନିପଟୁ ଇଂରେଜ ସେନା ମୁଖ୍ୟାଳୟକୁ ଘେରି ସାରିଥାଏ । ତୁର୍କ ସେନାସହ ଗୁଳି ବିନିମୟ ଘଟିଲେ ଏମାନେ ବି ମୃତ୍ୟୁବରଣ କରିପାରନ୍ତି ବୋଲି ଆଶଙ୍କା କରି ଯାହା ପାଇଲେ ତାହାର ଆଡୁଆଳରେ ନିଜକୁ ରଖି ଆପଣା ଜୀବନ ବଞ୍ଚାଇବାକୁ ପ୍ରସ୍ତୁତ ରହନ୍ତି ସେମାନେ । ତୁର୍କମାନେ ତାଙ୍କ ହାତହତିଆର ପ୍ରତି ବି ସେତେଟା ସଜାଗ ନଥାନ୍ତି । ତାହା ବିଶୃଙ୍ଖଳଭାବେ ଏଠି ସେଠି ପଡ଼ିଥାଏ । ତହିଁ ଭିତରୁ ଗୋଟେ ଗୋଟେ ରାଇଫଲ୍ ଏଇ ହିନ୍ଦୁସ୍ଥାନୀମାନେ ଉଠାଇ ନିଅନ୍ତି । ହେଲେ ନୂଆ ପ୍ରକାରର ବନ୍ଧୁକ ହୋଇଥିବାରୁ କାହାକୁବି ତାହା ଚଳେଇବା ଆସୁ ନଥାଏ । ଗୁଲାମ୍ ମୁହମ୍ମଦ୍‌ର ପୂର୍ବରୁ ଥରେ ସେଇଭଳି ବନ୍ଧୁକ ବ୍ୟବହାର କରିବାର ଅଭିଜ୍ଞତା ଥିବାରୁ ସେ ସମସ୍ତ ସାଥୀଙ୍କୁ ସେଇ ବନ୍ଧୁକ ଚଳାଇବାର କୌଶଳ ଶୀଘ୍ର ଶୀଘ୍ର ଶିଖାଇବାକୁ ଲାଗିପଡ଼େ ।

ତୁର୍କ ଅଫିସରମାନେ ଖିଆପିଆ ସାରି ଉଠିବା ବେଳକୁ ଦେଖନ୍ତି ଯେ ମୁଖ୍ୟାଳୟକୁ ତିନିପଟରୁ ବ୍ରିଟିଶ୍ ସିପାହୀମାନେ ଘେରି ଗଲେଣି । ଘରବୁଡ଼ି ପାଣି ଆଣ୍ଠୁଏ, ଏବେ ଆଉ ମୁକାବିଲା କରିବାର ସମୟ ନାହିଁ । ସେଇଠୁ ଖସି ପଳାଇବା ହିଁ ବୁଦ୍ଧିମାନୀ ହେବ । ତେଣୁ ତାଙ୍କ କମାଣ୍ଡର ଗୋଟେ ଲମ୍ବା ସିଟି ବଜାନ୍ତି । ସୈନିକଙ୍କ ଉଦ୍ଦେଶ୍ୟରେ ତାହା ଅଫିସରଙ୍କ ଥାଏ ଇଙ୍ଗିତ, ଯେତେ ଶୀଘ୍ର ସମ୍ଭବ ନିଜ ନିଜ ଜିନିଷ ପତ୍ର ସାଉଁଟି ସେଠାରୁ ପଳାୟନ କରିବାର । ତରତର ହୋଇ ଘୋଡ଼ାରେ ଚଢ଼ି କମାଣ୍ଡର ସେଠାରୁ ପଳାଇବା ପୂର୍ବରୁ ଏଇ ହିନ୍ଦୁସ୍ଥାନୀ ବନ୍ଦୀମାନଙ୍କୁ ଜୀବନରେ ମାରିଦେବା ପାଇଁ ଗୁଳି ଫୁଟାଏ । ଏମାନେ କିନ୍ତୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବାରୁ କାହାରି ଦେହରେ ଗୁଳି ବାଜେନି । ହେଲେ ଚନ୍ଦ୍ରସିଂହଙ୍କ ପାଲଟା ଜବାବ୍‌ରେ ଧରାଶାୟି ହୋଇପଡ଼େ ତୁର୍କ କମାଣ୍ଡର । ତା'ର ମୃତ୍ୟୁ ହୋଇଥିବା ଦେଖି ତୁର୍କ ସେନାର ଅଧିକାଂଶ ସିପାହୀ ଆପଣା ଆପଣା ରାଇଫଲ୍ ତଳେ ପକାଇ, ଉପରକୁ ଦୁଇହାତ ଟେକି ଆତ୍ମସମର୍ପଣ କରନ୍ତି । ଆତ୍ମ ସମର୍ପଣ ନକରି କିଛି ସିପାହୀ ସେଠାରୁ ଧାଇଁ ପଳାଇଯିବାକୁ ଉଦ୍ୟମ କରିବାରୁ ସେମାନଙ୍କୁ ବାହାରେ ଘେରି ରହିଥିବା ସେନାଙ୍କ ଦ୍ୱାରା ନିହତ ହୁଅନ୍ତି । ଆଉ କେତେଜଣ ଅଳ୍ପ ଦୂରେ ପ୍ରବାହିତ ହେଉଥିବା ଫୁରାତ୍ ନଦୀରେ ଡେଇଁ, ପହଁରି ପହଁରି ଆରପାରିକୁ ଚାଲିଯାଆନ୍ତି ।

ସେଦିନ ତୁର୍କ ମୁଖ୍ୟାଳୟ କବ୍‌ଜା କରିବା ସହ ପ୍ରାୟ ୧୮୦୦ ତୁର୍କ ସୈନିକଙ୍କୁ ବନ୍ଦୀ କରାଯାଏ । ଗଢ଼ବାଲୀ ପଲଟଣର ୪୦ ଜଣ ସିପାହୀଙ୍କ ଜିମାରେ ସେମାନଙ୍କୁ ଅର୍ପଣ କରିବାର ବିଚାର କରି ତାଙ୍କ ସରଦାର କିଏ ବୋଲି ପଚାରନ୍ତି କ୍ୟାପ୍‌ଟେନ୍ ପାଲ୍ । ସେଇ ୪୦ ଜଣଙ୍କ ଭିତରେ କେହି ବି ପଦସ୍ଥ ସିପାହୀ ନଥିବା ବେଳେ ଚନ୍ଦ୍ରସିଂହ ଥାଆନ୍ତି ଲାନ୍ସ-ନାୟକ । ତାଙ୍କୁ ହୁକୁମ୍ ଦିଆଯାଏ ବନ୍ଦୀମାନଙ୍କୁ, ଯେଉଁବାଟରେ ସେମାନେ ଆସିଥିଲେ ସେଇ ବାଟରେ ନେଇ, ବ୍ରିଗେଡ୍ କ୍ୱାର୍ଟର୍ସର ଷ୍ଟେସନ ଷ୍ଟାଫ୍ ଅଫିସର (ଏସ୍ ଏସ୍ ଓ)ଙ୍କ ପାଖରେ ପହଞ୍ଚାଇ ଦେବା ପାଇଁ । ୧୮୦୦ ତୁର୍କ ସୈନିକଙ୍କୁ ମାତ୍ର ୪୦ ଜଣ ଗଢ଼ବାଲୀ ସିପାହୀ ନେଇକରି ଯିବେ ! ଯଦି ସେମାନେ ବାଟରେ ଏମାନଙ୍କ କଥା ନମାନିଲେ ତେବେ କ'ଣ କ'ଣ କରାଯିବ ବୋଲି ଚନ୍ଦ୍ରସିଂହ ପଚାରନ୍ତି । କ୍ୟାପ୍ଟେନ୍ ପାଲ୍ ବିରକ୍ତ ହୋଇ କହନ୍ତି, "ଏତିକି ଜାଣି ପାରୁନ ଯେ ପଚାରୁଛ ? ଯିଏ ତୁମକଥା ମାନି ଚାଲିବାକୁ ରାଜି ନହେବ କିମ୍ବା ଆଦେଶ ଅବମାନନା କରିବ ତାକୁ ସେଇଠାରେ ତତ୍‌କ୍ଷଣାତ୍ ଗୁଳି କରି ମାରିଦେବ ।" ଚନ୍ଦ୍ରସିଂହ ତାଙ୍କ ସାଥୀମାନଙ୍କୁ ସବୁ ବିଷୟ ବୁଝାଇ କେମିତି ଏତେ ତୁର୍କ ସୈନିକଙ୍କୁ ହେଡ଼କ୍ୱାର୍ଟର୍ସରେ ପହଞ୍ଚାଇବେ ତାହାର ଯୋଜନା କରନ୍ତି । ବନ୍ଦୀଙ୍କ ଭିତରେ ତିନିଜଣ ଉଚ୍ଚ ପଦସ୍ଥ ଅଫିସର ଓ ଦୁଇଜଣ ତରୁଣୀ ଥାଆନ୍ତି । କ୍ୟାପ୍‌ଟେନ୍ ପାଲ୍ ସେମାନଙ୍କୁ ସମସ୍ତଙ୍କ ପଛରେ ଯିବାକୁ ଆଦେଶ ଦିଅନ୍ତି । ତୁର୍କ ଅଫିସରଙ୍କ ହୁକୁମ୍‌ରେ ସବୁ ବନ୍ଦୀ ଆଗକୁ ଚାଲିବା ଆରମ୍ଭ କରନ୍ତି । ଏମାନେ ଥାଆନ୍ତି ଗଢ଼ବାଲୀ ସିପାହୀଙ୍କ ପାଇଁ ଗାଜର ମୂଳା ଭଳି । ଚାଲି ଚାଲି କେହି ଥକିଯାଇ ବସିପଡ଼ିଲେ କିମ୍ବା ଠିଆହୋଇ ଏପଟ ସେପଟ ଅନେଇଲେ ଗଢ଼ବାଲୀ ସିପାହୀମାନେ କିଛି ନକହି ସିଧା ସେମାନଙ୍କୁ ଗୁଳି ମାରି ଦେଉଥାନ୍ତି । ଚନ୍ଦ୍ରସିଂହଙ୍କ ଗୁଳିରେ ସେମିତି ମରନ୍ତି ତିନି ଚାରିଜଣ । ସେମିତି ଆତଙ୍କିତ ନକଲେ ମାତ୍ର ୪୦ ଜଣ ସିପାହୀ ୧୮୦୦ ବନ୍ଦୀଙ୍କୁ ହାଁକି ନେବା କ'ଣ ସହଜ କଥା ।

ଦଶମାଇଲ ଖଣ୍ଡେ ଚାଲିବା ପରେ ତୁର୍କ ଅଫିସର ତାଙ୍କୁ ଭୀଷଣ ଶୋଷ ହେଉଥିବା କଥା ଚନ୍ଦ୍ରସିଂହଙ୍କୁ କହନ୍ତି । ଚନ୍ଦ୍ରସିଂହ ତାଙ୍କ ପରିସ୍ଥିତି ହୃଦୟଙ୍ଗମ କରି ସମସ୍ତଙ୍କୁ ସେଠାରେ ଅଟକିବା ପାଇଁ ହୁକୁମ୍ ଦିଅନ୍ତି । ସେଠାରୁ ଅଳ୍ପ ଦୂରରେ ୟୁନିୟନ୍ ଜ୍ୟାକ୍ ଉଡୁଥିବାର ଦୃଶ୍ୟମାନ ହେଉଥାଏ । ଚନ୍ଦ୍ରସିଂହ ଇଂରାଜୀରେ ଗୋଟେ ଚିଠି ଲେଖି ଦୁଇଜଣ ସିପାହୀଙ୍କ ହାତରେ ତାହା ସେଠିକି ପଠାନ୍ତି । ସେଠିକା ଇଂରେଜ ଅଫିସର ଚିଠିପଢ଼ି ଗୋଟେ ଖଚର ଗାଡ଼ିରେ ପିଇବା ପାଣି ଲଦି ପଠାଇ ଦିଅନ୍ତି । ଚନ୍ଦ୍ରସିଂହ ସେଇ ଗାଡ଼ି ତୁର୍କ ଅଫିସରଙ୍କୁ ହସ୍ତାନ୍ତର କରିବାରୁ ବନ୍ଦୀମାନେ ପାଣି ପିଇ ଭାରି ଖୁସି ହୁଅନ୍ତି । ଏତିକି ବେଳକୁ ଏସ୍. ଏସ୍. ଓ. ମୋଟର ଲରୀ ନେଇ ସେଠାରେ ପହଞ୍ଚନ୍ତି । ଚନ୍ଦ୍ରସିଂହଙ୍କୁ ଆପଣା ପରିଚୟ ତଥା ଗୁପ୍ତ ସାଙ୍କେତିକ ଶବ୍ଦ ଦେବାରୁ ସେ ସମସ୍ତ ବନ୍ଦୀଙ୍କୁ ତାଙ୍କୁ ହସ୍ତାନ୍ତର କରିଦିଅନ୍ତି । ଏସ୍. ଏସ୍. ଓ. ତାଙ୍କ ଗାଡ଼ିରେ ତୁର୍କ ଅଫିସରଙ୍କୁ ବସେଇବା ସହ ଲରୀମାନଙ୍କରେ ବନ୍ଦୀମାନଙ୍କୁ ଚଢ଼ାଇ ହେଡ଼୍‌କ୍ୱାର୍ଟର୍ସକୁ ନେଇଯାଆନ୍ତି । ତୁର୍କ ଅଫିସର ଭାରି ଖୁସି ଥାଆନ୍ତି ଚନ୍ଦ୍ରସିଂହଙ୍କ ବ୍ୟବହାରରେ । ତାଙ୍କୁ ଖଚର ଗାଡ଼ି ହସ୍ତାନ୍ତର କରି ସମସ୍ତ ବନ୍ଦୀଙ୍କୁ ପାଣି ପିଇବାକୁ ସୁଯୋଗ ଦେବାରୁ ଅଫିସର ଅନୁଗୃହୀତ ହୋଇ ନିଜ ହାତରୁ ସୁନା ଘଡ଼ିଟି କାଢ଼ି ବଢ଼ାଇ ଦିଅନ୍ତି ଚନ୍ଦ୍ରସିଂହଙ୍କ ଆଡ଼କୁ । ସେ କିନ୍ତୁ ତାହା ନେବାକୁ ମନା କରିଦିଅନ୍ତି । ତାଙ୍କ ସଚ୍ଚୋଟପଣିଆ ବିଷୟରେ, ତୁର୍କ ଅଫିସର ଗାଡ଼ିରେ ବସିକରି ଗଲାବେଳେ ବ୍ରିଟିଶ୍ ଏସ. ଏସ୍. ଓ.ଙ୍କୁ କହନ୍ତି - "ଯଦି ମୋ ପାଖରେ ଚନ୍ଦ୍ରସିଂହଙ୍କ ଭଳି କିଛି ସଚ୍ଚୋଟ ପଦାଧିକାରୀ ଥାଆନ୍ତେ ତେବେ ଆମେ ଇଂରେଜଙ୍କ ହାତରେ ଏଭଳି ଧରା ପଡ଼ି ନଥାନ୍ତୁ ।" ଏସ. ଏସ୍. ଓ. ଏଇ କଥା ପରେ ଚନ୍ଦ୍ରସିଂହଙ୍କୁ କହିବା ସହ ତାଙ୍କ ନାଁ ଡାଏରୀରେ ଲେଖି ରଖନ୍ତି ଉପରିସ୍ଥ ଅଫିସରଙ୍କୁ ଜଣାଇବା ପାଇଁ ।

ତା' ପରଦିନ ସକାଳୁ ସନ୍ଧ୍ୟା ଯାଏଁ ଯୁଦ୍ଧ ଭୂଇଁରେ ମୃତ୍ୟୁବରଣ କରିଥିବା ସିପାହୀଙ୍କ ଶବକୁ ମାଟିରେ ପୋତିବା କାମରେ ଲାଗିପଡ଼ନ୍ତି ସମସ୍ତେ । ଶବଗୁଡ଼ିକର ପକେଟ ତନଖି କରି ତହିଁରେ ଥିବା ଡାଏରୀ, କ୍ରମିକ ସଂଖ୍ୟା, ନାଁ ତଥା ପଇସା ପତ୍ର ଅଫିସ୍‌ରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆହୋଇଥାଏ । ଆତ୍ମରକ୍ଷା ଉଦ୍ଦେଶ୍ୟରେ ଖୋଳାହୋଇଥିବା ଗାତମାନଙ୍କରେ ହିନ୍ଦୁ, ମୁସଲମାନ, ତୁର୍କ, ଇଂରେଜ୍ ସମସ୍ତଙ୍କୁ ଶୁଆଇ ଦେଇ ତା' ଉପରେ ମାଟି ଘୋଡ଼ାଇ ଦିଆଯାଏ । ଚନ୍ଦ୍ରସିଂହ ସେଦିନ ମୋଟ୍ ୭୫ ଜଣ ଇଂରେଜ ଓ ୩୫ ଜଣ ତୁର୍କଙ୍କୁ ଗାତରେ ପୋତି ସମାଧି ଦିଅନ୍ତି । ଏହା ସହିତ ରମାଦୀର ଲଢ଼େଇ ଶେଷ ହୁଏ । ଏବେ ରମାଦୀ ସହର ଇଂରେଜଙ୍କ କବ୍‌ଜାରେ । ବ୍ରିଟିଶ୍ ସେନା ଦ୍ୱାରା ସାରା ସହରରେ ତଲାସୀ ଅଭିଯାନ ଚଳାଯାଏ । ଗୁଳି, ବନ୍ଧୁକ, ଖଣ୍ଡା, ଭୁଜାଲୀ ଇତ୍ୟାଦି ମାରଣାସ୍ତ୍ର ଯାହା ବି ପାଇଲେ ତାକୁ ଅଫିସ୍‌ରେ ଜମା କରିଦିଆଯାଏ । ଆସ୍ତେ ଆସ୍ତେ ସହର ତା'ର ସ୍ୱାଭାବିକ ସ୍ଥିତିକୁ ଫେରେ । ଏଇ ମେସୋପୋଟାମିଆ ଦେଶ ଆଜିକାଲି ଇରାକ୍ ନାମରେ ପ୍ରସିଦ୍ଧ । ଏଠାରେ ଆରବ୍‌ମାନେ ବସବାସ କରନ୍ତି । ଚନ୍ଦ୍ରସିଂହ ଏଠିକାର ତିନୋଟି ସହର ଦେଖିଥିଲେ - ବସ୍‌ରା, ବାଗ୍‌ଦାଦ୍ ଓ ରମାଦୀ ।

ରମାଦୀ ଅଧିକୃତ ହେବାପରେ ସେଠାରେ ବ୍ରିଟିଶ୍ ସେନାର ଆଉ କିଛି କାମ ନଥାଏ । ପଲଟଣକୁ ଏଥର 'ଏନା' ସହରକୁ ଯିବାକୁ ହୁକୁମ୍ ହୁଏ । ଏନା ସହର ଉପକଣ୍ଠରେ ପୁଣି ଯୁଦ୍ଧ ହୁଏ ତୁର୍କ ସେନା ସହିତ । ଦିନେ ରାତି ଦଶଟା ବେଳେ ଅଚାନକ ଏମାନଙ୍କ ଶିବିର ଉପରେ ତୁର୍କସେନାର ଉଡ଼ାଜାହାଜ ଦ୍ୱାରା ବୋମାବର୍ଷା କରାଯାଏ । ସାମ୍ନା ସାମ୍ନି ଯୁଦ୍ଧରୁ ବର୍ତ୍ତିବା ପାଇଁ ସିନା ସିପାହୀମାନେ ଗାତ ଭିତରେ ଆତ୍ମଗୋପନ କରି ରହିଥାନ୍ତି ହେଲେ ଉପରୁ ବୋମାବର୍ଷା ହେଲେ ତାହାର ଆଉ ପ୍ରତିକାର କ'ଣ । ଅନେକ ସିପାହୀ ସେଇ ବୋମାମାଡ଼ରେ ନିହତ କିମ୍ବା ଆହତ ହୁଅନ୍ତି । ସମସ୍ତେ ନିଜ ଅନ୍ତ ସମୟ ଆସି ଉପସ୍ଥିତ ହୋଇଗଲା ବୋଲି ଭାବିଲା ବେଳେ ହଠାତ୍ ବ୍ରିଟିଶ୍ ଉଡ଼ାଜାହାଜ ସେମାନଙ୍କ ସହାୟତା ପାଇଁ ଆସି ପହଞ୍ଚିଯାଏ । ସେମାନେ ଶତ୍ରୁସେନାଙ୍କ ଉଡ଼ାଜାହାଜକୁ ଆକ୍ରମଣ କରି ଘଉଡ଼େଇ ଦିଅନ୍ତି । ଆସନ୍ନ ମୃତ୍ୟୁରୁ ବର୍ତ୍ତି ଯାଇଥିବାରୁ ସିପାହୀମାନେ ଇଂରେଜ ବିମାନର ଭୁରି ଭୁରି ପ୍ରଶଂସା କରନ୍ତି ।

ରମାଦୀ ଯୁଦ୍ଧରେ ତୁର୍କସେନା ଯେଉଁ ୩୦ ଜଣ ବ୍ରିଟିଶ୍ ସିପାହୀଙ୍କୁ ବନ୍ଦୀ କରିଥିଲେ ଓ ତହିଁରୁ ୧୯ ଜଣ ହିନ୍ଦୁଙ୍କୁ ହତ୍ୟା କରିବା ସହ ୧୧ ଜଣ ମୁସଲମାନଙ୍କୁ ବନ୍ଦୀକରି ତାଙ୍କ ପାଖରେ ରଖିଥିଲେ ସେମାନଙ୍କ ଭିତରେ ଥିଲା ଗୁଲାମ୍ ମୁହମ୍ମଦ୍ । ଚନ୍ଦ୍ରସିଂହ ତାଙ୍କ ପଲଟଣର କର୍ଣ୍ଣେଲ ଫାକ୍ସଙ୍କ ଆଗରେ ଗୁଲାମ୍ ମୁହମ୍ମଦ୍‌ର ଖୁବ୍ ପ୍ରଶଂସା କରି କହନ୍ତି ଯେ ତାଙ୍କ ହୁକୁମ୍‌ରେ ସେ ଓ ତା' ସାଥୀମାନେ ତୁର୍କ ସେନାଙ୍କ ଉପରକୁ ଗୁଳି ଚଳେଇଥିଲେ । ହେଲେ କର୍ଣ୍ଣେଲ ତାଙ୍କ କଥାକୁ ଓଲଟା ବୁଝି ଗୁଲାମ୍ ମୁହମ୍ମଦ୍‌କୁ କୋର୍ଟ ମାର୍ଶଲ କରିଦିଅନ୍ତି । କୋର୍ଟରେ ଚନ୍ଦ୍ରସିଂହଙ୍କୁ ସାକ୍ଷୀ ଭାବେ ପ୍ରସ୍ତୁତ କରିବାରୁ ସେ ସମସ୍ତ ଘଟଣା ବର୍ଣ୍ଣନା କରି ଅସଲ କଥାଟି ବୁଝାଇ ଦିଅନ୍ତି ଜଜ୍‌ଙ୍କୁ । ଘଡ଼ିସନ୍ଧି ମୁହୂର୍ତ୍ତରେ ଜର୍ମାନ ରାଇଫଲ୍ ଚଳାଇବା ଶିଖାଇବା ସହ ଚନ୍ଦ୍ରସିଂହଙ୍କ ଆଦେଶ ମାନି ସେ ଓ ତା'ର ସାଥୀମାନେ ତୁର୍କ ସେନାଙ୍କ ଉପରକୁ ଗୁଳି ଚଳାଇଥିବା କଥା ଜାଣି ଜଜ୍ ଖୁସି ହୋଇ ତାଳି ମାରିବାକୁ ଲାଗନ୍ତି । ଗୁଲାମ୍ ମୁହମ୍ମଦ୍‌କୁ ତା' ସାହସିକ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଏ ...

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ମଇ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆ | ଲୋ | ଚ | ନା

# ଦେଶକୁ ନକଲି ସାର୍ଟିଫିକେଟର ବିପଦ

ଅଧ୍ୟାପକ ଗୋପବନ୍ଧୁ



ସୁଶାସନ ପାଇଁ ଶାସନଗତ ଦୃଢତା ଅତ୍ୟନ୍ତ ଜରୁରୀ। ଶାସନ ବ୍ୟବସ୍ଥା ହୁଗୁଳି ଗଲେ ଅରାଜକତା ଦେଖାଦିଏ। ଚାରିଆଡ଼େ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢିଯାଏ। ବ୍ୟବସ୍ଥା ବିରୋଧି ଅରାଜକ ତତ୍ତ୍ୱ ଆତ୍ମ ପ୍ରକାଶ କରନ୍ତି। ନିଜ ସ୍ୱାର୍ଥପାଇଁ ଏମାନେ ସମାନ୍ତରାଳ ବ୍ୟବସ୍ଥା ଚାଲୁ କରିବାକୁ ଚେଷ୍ଟା କରନ୍ତି। ଏହା ରାଷ୍ଟ୍ର ସତ୍ତାକୁ ଆଞ୍ଚ୍ ପହଞ୍ଚାଏ। ରାଷ୍ଟ୍ର ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଇପାରେ ନାହିଁ। ନାଗରିକମାନେ ନ୍ୟାୟ ପାଇ ପାରନ୍ତି ନାହିଁ। ସରଳ ଓ ଶୃଙ୍ଖଳିତ ଲୋକଙ୍କ ଉପରେ ଅତ୍ୟାଚାର ବଢେ। ସମସ୍ତ କ୍ଷେତ୍ରରେ ସେମାନେ ବଞ୍ଚିତ ହୁଅନ୍ତି। ରାଷ୍ଟ୍ରର ଗୋଟିଏ ବ୍ୟବସ୍ଥା ଦୁର୍ବଳ ହେଲେ ଅନ୍ୟ ବ୍ୟବସ୍ଥାକୁ ଏହା ପ୍ରଭାବିତ କରେ। ଏହା ଅଧିକ ପରିବ୍ୟାପ୍ତ ହେଲେ ରାଷ୍ଟ୍ରସତ୍ତା ଅରାଜକ ତତ୍ତ୍ୱ ହାତକୁ ଚାଲିଯାଏ। ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ବିପଦରେ ପକାଇବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅଣାୟତ୍ତ ପରିସ୍ଥିତିକୁ ସୁଧାରିବାକୁ ପୁଣି ଅନେକ ସମୟ ଲଗିଯାଏ। କାରଣ ଏଥିପାଇଁ ପ୍ରବଳ ଜନମତର ଆବଶ୍ୟକତା ପଡେ। ରାଷ୍ଟ୍ରବାଦୀମାନଙ୍କୁ ଆଗକୁ ଆସିବାକୁ ପଡେ।

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଏକ ଦୃଢ ଶିକ୍ଷାବ୍ୟବସ୍ଥା ଅପରିହାର୍ଯ୍ୟ। ଦେଶରେ ଶିକ୍ଷାବ୍ୟବସ୍ଥାର ଦାୟିତ୍ୱ ହେଉଛି ଏକ ସୁସ୍ଥ ଓ ପାରଦର୍ଶୀ ଶୈକ୍ଷିକ ବାତାବରଣକୁ ବଜାୟୀ ରଖିବା ଓ ସ୍ୱଚ୍ଛ ମୂଲ୍ୟାୟନ ଜରିଆରେ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ପ୍ରମାଣପତ୍ର ବା ସାର୍ଟିଫିକେଟ ମାଧ୍ୟମରେ ସ୍ୱୀକୃତି ଦେବା। ଏହି ପ୍ରମାଣପତ୍ର ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡେ। ମାଟ୍ରିକୁଲେସନ୍ ସାର୍ଟିଫିକେଟ ପାଇଁ ଜଣକୁ ଅନ୍ୟୁନ ଦଶବର୍ଷ ପଢିବାକୁ ହୁଏ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ତାକୁ ପାସ୍‌ର ପ୍ରମାଣ ପତ୍ର ମିଳେ। ଫେଲ ହେଲେ ପୁଣି ଅଧିକ ବର୍ଷ ପଢିବାକୁ ହୁଏ। ସେହିପରି +୨ ପାଇଁ ଅନ୍ୟୁନ ଦୁଇ ବର୍ଷ, +୩ ପାଇଁ ଅନ୍ୟୁନ ତିନି ବର୍ଷ, ପୋଷ୍ଟ ଗ୍ରାଜୁଏସନ ପାଇଁ ଅନ୍ୟୁନ ଦୁଇବର୍ଷ, ଏହିପରି ପ୍ରତି ସ୍ତରର ପାଠ୍ୟକ୍ରମ ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ହିସାବ କଲେ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଅନ୍ୟୁନ ଦଶ ବର୍ଷ, +୨ ପାଇଁ ଅନ୍ୟୁନ ବାର ବର୍ଷ, +୩ ସାର୍ଟିଫିକେଟ ପାଇଁ ଅନ୍ୟୁନ ପନ୍ଦର ବର୍ଷ ଓ ଆହୁରି ଉଚ୍ଚତର ଡିଗ୍ରୀ ପାଇଁ ଆହୁରି ଅଧିକ ବର୍ଷ ପଢିବାକୁ ହୁଏ।

ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସମୟ ଭଲ ପରୀକ୍ଷା ଫଳ ପାଇବା ପାଇଁ ଲଗାଇ ଦିଅନ୍ତି। ରାତି ଅନିଦ୍ରା ରହି ପାଠ ପଢନ୍ତି। ଉତ୍କଣ୍ଠା ଓ ପ୍ରତିଯୋଗିତା ମଧ୍ୟରେ ଅଧ୍ୟୟନ କରନ୍ତି। ଏକ ମାତ୍ର ଲକ୍ଷ୍ୟ ଭଲ ନମ୍ବର ରଖି ଭଲ ଡିଭିଜନରେ ପାସ୍ କରିବା। ଏହି ରେଜାଲ୍ଟ ତାର ସ୍ୱପ୍ନକୁ ସାକାର କରିବ। ଭଲ ଚାକିରିଟିଏ କରିବାରେ ସହାୟକ ହେବ। ପରିବାରର ଆଶା ପୂରଣ କରିବ। ବହୁ କଷ୍ଟ ସ୍ୱୀକାର କରି ପରିବାର ଯେଉଁ ପାଠ ପଢାଇଛନ୍ତି, ସେ ରୋଜଗାର କଲେ ପରିବାର ପ୍ରତି ସହାୟକ ହେବ। ଏ ସମସ୍ତ ବିଷୟ ଆମ ଅନୁଭୂତିର। ଆମେ ସମସ୍ତେ ଏହି ସୋପାନ ଦେଇ ଆସିଛୁ। ପାଢି ସାରିଲା ପରେ ଜଣେ ଯେଉଁ ଶିକ୍ଷା ପ୍ରମାଣପତ୍ର ପାଏ, ତାହା ତାର ତପସ୍ୟାର ଫଳ। ଏହା ତାର ଆତ୍ମତୃପ୍ତି। ଏହି ପ୍ରମାଣ ପତ୍ର ସାରା ଜୀବନ ତାର ବ୍ୟକ୍ତିତ୍ୱର ପ୍ରମାଣ ଦିଏ। ମଲା ପରେବି ପରବର୍ତ୍ତୀ ବଂଶଧରମାନେ ଏହାକୁ ନେଇ ଗର୍ବ କରନ୍ତି। ଆଲୋଚନାବି କରନ୍ତି। ତେଣୁ ଶିକ୍ଷାନୁଷ୍ଠାନ ମାନଙ୍କରେ ପରୀକ୍ଷାର ଯେଉପରି ସ୍ୱତନ୍ତ୍ର ମହତ୍ତ୍ୱ ଥାଏ, ସେଠାରୁ ଯେଉଁ ଶିକ୍ଷା ପ୍ରମାଣ ପତ୍ର ମିଳେ ତାହାର ମହତ୍ତ୍ୱ ଆହୁରି ଅଧିକ ଥାଏ।

ଏହିପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଭୂଲୁଣ୍ଠିତ ହୁଏ ଯେତେବେଳେ ଏହାର ଏକ ଭ୍ରଷ୍ଟ ଓ ବିରୋଧି ବ୍ୟବସ୍ଥା କାୟା ବିସ୍ତାର କରେ। ଶ୍ରେଣୀଶିକ୍ଷା ଉପରୁ ଗୁରୁତ୍ୱ ହ୍ରାସ କରାଯାଏ। ପରୀକ୍ଷା ପଦ୍ଧତିରେ ଅସ୍ୱଚ୍ଛତା ଆସେ। ସାର୍ଟିଫିକେଟ ହାସଲ କରିବା କେବଳ ମାତ୍ର ଲକ୍ଷ୍ୟ ହୋଇଯାଏ। ଛାତ୍ରଛାତ୍ରୀମାନେ ନକଲ ଉପରେ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟରତ କର୍ମଚାରୀମାନେ ପରୀକ୍ଷାରେ ଅସାଧୁ ଉପାୟର ଅବଲମ୍ବନକୁ ପ୍ରୋତ୍ସାହିତ କରନ୍ତି। କପି ମାଫିଆମାନେ ସକ୍ରୀୟ ହୋଇଯାଆନ୍ତି ଓ ବ୍ୟବସ୍ଥା ସହିତ ବୁଝାମଣା କରି ପ୍ରଶ୍ନପତ୍ର ଲିକ୍ ସହିତ, କପି ଯୋଗାଣ, ମୂଲ୍ୟାୟନରେ ହେରଫେର, ଟେବୁଲେସନ୍ ବେଳେ ନମ୍ବର ହେରଫେର ପରି ଅସାଧୁ କାର୍ଯ୍ୟ ବିନା ପ୍ରତିବନ୍ଧକରେ କରିଚାଲନ୍ତି। ଏପରି ସ୍ଥଳେ ପରୀକ୍ଷା ନିୟାମକର ବିରୁଦ୍ଧରେ ଏକ ଭ୍ରଷ୍ଟ ସମାନ୍ତରାଳ ବ୍ୟବସ୍ଥା କାର୍ଯ୍ୟକରେ। ଗୋଟିଏ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାକୁ ସୂଚାରୁରୂପେ ପରିଚାଳିତ କରିବା ପାଇଁ ଯେଉଁସବୁ ନିୟମର ପ୍ରବର୍ତ୍ତନ ହୋଇଥାଏ, ତାହା କ୍ରମେ ମୂଲ୍ୟହୀନ ହୋଇଯାଏ ଏବଂ ମାଫିଆ ଓ ଭ୍ରଷ୍ଟାଚାରୀଙ୍କ ଇଙ୍ଗିତରେ ଦେଶର ବ୍ୟବସ୍ଥା ପରିଚାଳିତ ହୁଏ।

ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଦିଏ ଯେତେବେଳେ ସାର୍ଟିଫିକେଟ ବା ପାଶ୍ ପ୍ରମାଣପତ୍ର ବଜାରରେ କିଣିବାକୁ ମିଳେ। ଶିକ୍ଷା ମାଫିଆ ଓ କଳାବଜାରୀମାନେ ଏହାକୁ ସବୁଠାରୁ ସହଜ ମାଧ୍ୟମ ଭାବେ ଗ୍ରହଣକରି ନେଇଛନ୍ତି। ଏଥିରେ ଶ୍ରେଣୀ ଶିକ୍ଷା ଲାଭକରିବାର ଆବଶ୍ୟକତା ନଥାଏ। ଦଶପନ୍ଦର ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ଝାମେଲା ଏବଂ ଅର୍ଥ ଓ ସମୟ ବ୍ୟୟର ଆବଶ୍ୟକତା ପଡେନାହିଁ। କୋଉ ସ୍କୁଲ ବା କଲେଜରେ ନାମ ଲେଖାଇବାକୁ ପଡେ ନାହିଁ। କେହି ଯଦି ନାମ ଲେଖାଇ ଥାଏ, ତେବେ ସେ ଫେଲ ହୋଇଥିଲେବି ତାକୁ ଅଧିକ ନମ୍ବର ରଖିଥିବା ପାସ୍ ସାର୍ଟିଫିକେଟ ଓ ନମ୍ବର ଫର୍ଦ୍ଦ ବା ମାର୍କସିଟ୍ ମିଳିଯାଏ। ଏହାକୁ ନେଇ ସେ ଭଲ ଚାକିରି ପାଇଯାଏ। ଯିଏ ଜାଲ୍ ସାର୍ଟିଫିକେଟ୍ ଯୋଗାଡ କରିପାରେ ତାପାଇଁ ଚାକିରୀ ଯୋଗାଡ କରିବା କେଉଁ କଷ୍ଟକର କାମ ? କେତେକ ରାଜନେତାଙ୍କ ପାଇଁ ନିଜର ରାଜନୈତିକ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ସାଧାରଣ ଜନତାକୁ ନିଜର ଉଚ୍ଚଶିକ୍ଷା ଯୋଗ୍ୟତାର ପ୍ରଦର୍ଶନ କରିବା ଦିଗରେ ଏହା ଏକ ସହଜ ମାଧ୍ୟମ। ପାଠ ନପଢି ଗୋଟିଏ ଉଚ୍ଚ ଡିଗ୍ରୀ ସାର୍ଟିଫିକେଟ ଯୋଗାଡ କରିନେଲେ ହେଲା। ଏହାକୁ ନେଇ ଏପରିକି ନିର୍ବାଚନ ଅଧିକାରୀ ନିକଟରେ ଏବାବଦକୁ ଏଫିଡେଭିଟ ଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ। ଯଦି ଏପରି ବ୍ୟକ୍ତି ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇ ଯାଆନ୍ତି ଓ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆସେ, ତେବେ ସେ ନିଜର କ୍ଷମତା ବଳରେ ଏପ୍ରକାର ଅଭିଯୋଗକୁ ଚାପିଦେବା ପାଇଁ ଭରପୁର ଚେଷ୍ଟା କରନ୍ତି। ଏହାକୁ ସୂଚୀତ ଅନୁଷ୍ଠାନରେ ରେକର୍ଡଭୁକ୍ତ କରିବାକୁ ଚେଷ୍ଟା କରନ୍ତି ଧରାପଡିବା ଭୟରେ।

ନିକଟରେ ଓଡିଶାରେ ହଜାର ହଜାର ସଂଖ୍ୟାରେ ଜାଲ ସାର୍ଟିଫିକେଟ୍ ଓ ମାର୍କସିଟ୍ ବିକ୍ରୀ ହେବାର ତଥ୍ୟ ପ୍ରଘଟ ହୋଇଛି। ଏହାର ଚେର ଚାରିଆଡ଼େ ଲମ୍ବିଛି ଓ ଚେରର ଗଭୀରତା ବହୁତ ବେଶିବୋଲି ଜଣାପଡିଛି। ଅନେକେ ଏହିପ୍ରକାର ପ୍ରମାଣପତ୍ର ଜରିଆରେ ଚାକିରୀ କରୁଛନ୍ତି। କେତେକେ ଧରା ପଡିଲେଣି। ଏହା ଉପରେ ଖୋଳତାଡ଼ ଚାଲିଛି। ଅନେକଙ୍କ ଧାରଣା ଯେ ଏହା ପଛରେ ରାଜନୈତିକ ନେତାଙ୍କ ପୃଷ୍ଟପୋଷକତା ଥାଇପାରେ। ଏପ୍ରକାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ଚାଲିଛି। ଏତ ସମୁଦ୍ରକୁ ଶଙ୍ଖେ। ଠିକଭାବେ ଇନକ୍ୱାରୀ କଲେ ଅନେକ କଥା ସାମ୍ନାକୁ ଆସିବ ଓ ଅନେକଙ୍କ ମୁଖା ଖୋଲିବ। ତେବେ ସାଧାରଣରେ ଏହାବି ସନ୍ଦେହ ରହିଛି ଯେ ଯେଉଁମାନେ ଏତେ କରିତକର୍ମା, ଯେଉଁମାନେ ପାଠନପଢି ଜାଲ ସାର୍ଟିଫିକେଟ ସଂଗ୍ରହ କରି ଚାକିରୀ କରିପାରୁଛନ୍ତି, ସେମାନେ ଇନକ୍ୱାରୀକୁବି କିଣି ନେବେନିତ ? କାରଣ ଦେଶର ଗୋଟିଏ ବ୍ୟବସ୍ଥାରେ ଘୁଣ ଲାଗିଲେ ତାହା ଅନ୍ୟ ବ୍ୟବସ୍ଥାକୁ ମଧ୍ୟ ସଂକ୍ରମିତ ହୁଏ। ତୁତ ମୁତୁରୀ ମୁଁତ ମୁତୁରୀ ଦୋଷ କାହା ଉପରେ ଲଦିବା ନ୍ୟାୟରେ କେଶ୍ ଦଫାରଫା ହୋଇଯାଏ।


ରାଜନେତାମାନେ ଦେଶର ଦିଗଦର୍ଶକ। କେତେକ ରାଜନେତାଙ୍କ ବିରୁଦ୍ଧରେ ଜାଲ ଶିକ୍ଷାଗତ ଯୋଗ୍ୟତା ରହିଛି ବୋଲି ଗମ୍ଭୀର ଅଭିଯୋଗ ଆସିଛି। ଅତୀତରେ ଦିଲ୍ଲୀର ଆଇନ୍ ମନ୍ତ୍ରୀଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଆସିଥିଲା ଓ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଏବେ ଦେଶର ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ମଧ୍ୟ ଏପ୍ରକାର ଅଭିଯୋଗ କେତେକ ରାଜନୈତିକ ଦଳ ଆଣୁଛନ୍ତି। ଆହୁରି ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସୁଛି। କେବଳ ଏତିକି ନୁହେଁ ଜାଲ ଜାତି ସାର୍ଟିଫିକେଟ, ଜାଲ ଜନ୍ମ ସାର୍ଟିଫିକେଟ, ଜାଲ ସମ୍ପତ୍ତି ପ୍ରମାଣ ପରି ଅଭିଯୋଗ ମଧ୍ୟ ଆସୁଛି। ରାଜନୈତିକ ନେତାମାନେ ଏସମସ୍ତ ଅଭିଯୋଗରୁ ମୁକ୍ତ ହେବା ଉଚିତ। ଅନ୍ୟଥା ଏମାନଙ୍କ ହାତରେ ଦେଶ ସୁରକ୍ଷିତ ରହିବ କିପରି ? ଅଭିଯୋଗ ହେବାମାତ୍ରେ ଏମାନେ ନିଜଆଡ଼ୁ ନିଜର ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଉଚିତ୍। ଏହା ଦ୍ୱାରା ନିଜର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟୀ ରହିବ। ଅନ୍ୟଥା ଲୋକମାନେ ବିଶ୍ୱାସ କରିବେ ଯେ 'ଦାଲ ମେ କୁଛ୍ କାଲା ହେ'।

ଦେଶରେ ଦେଖା ଦେଇଥିବା ଜାଲ ସାର୍ଟିଫିକେଟ ଓ ଜାଲି କାରବାର ଦେଶକୁ ତଳିତଳାନ୍ତ କରିଦେବ। ଦେଶରେ ସଚ୍ଚୋଟ ଓ ସାଧୁଙ୍କ କୌଣସି ସ୍ଥାନ ରହିବ ନାହିଁ। ଦୀର୍ଘବର୍ଷ ଧରି ଭଲ ପରୀକ୍ଷା ଫଳ ପାଇଁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଓ ତାଙ୍କ ଉପରେ ଭରସା ରଖୁଥିବା ଅଭିଭାବକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ। ଲୋକଙ୍କ ଶିକ୍ଷା ବ୍ୟବସ୍ଥା ଉପରୁ ଭରସା ତୁଟିଯିବ। ଏହାଯେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିଦେବ ତାହା ନୁହେଁ ଏହା ସହିତ ଅନ୍ୟ ବ୍ୟବସ୍ଥାଗୁଡିକୁ ମଧ୍ୟ ଦୁର୍ବଳ କରିଦେବ। ତେଣୁ ଏହିପ୍ରକାର କାରବାରରେ ଲିପ୍ତଥିବା କଳାବଜାରୀ ଓ ମାଫିଆମାନଙ୍କୁ କୋଠାର ହସ୍ତରେ ଦମନ କରାଯିବା ଉଚିତ। ଆଉ ସମ୍ପୃକ୍ତ ରାଜନୈତିକ ନେତାମାନେତ ଆଦୌ କ୍ଷମାର ପାତ୍ର ନୁହଁନ୍ତି। ତାଙ୍କୁ ଯେତେ ଭର୍ତ୍ସନା କଲେବି କମ୍ ହେବ। ସାଧୁ ବେଳହୁଁ ସାବଧାନ। କାରଣ ବ୍ୟବସ୍ଥାର ଦୃଢ଼ତା ହିଁ ଦେଶର ଦୃଢତା।

+ ବାରିପଦା, ମୟୂରଭଞ୍ଜ, (ମୋ) ୭୦୦୮୯୭୬୧୮୦

## ସ୍ମୃ ତି ଶ ତ ଦ ଳ ୨୬

### (କବି ସମ୍ମିଳନୀ-୧)



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

**ମୋ ଖଟ ଉପରେ ତକିଆ ସହ ଗୋଟିଏ ମଣିଷ ହାଡ ମାନେ ଖପୁରୀ, ହାତ ଆଉ ଗୋଡର ହାଡ ଏବଂ ଅନ୍ୟ ପଟେ ସୁନ୍ଦର ଡାଏରୀ ଓ ସରସର ଚାଲୁଥିବା ପେନଟିଏ । ମତେ ମୋ ସାଙ୍ଗମାନେ ଥଟ୍ଟାରେ କହୁଥିଲେ ସରୋଜିନୀ ଖପୁରୀରେ ଚେନାଚୁର ଖାଇ କବିତା ଲେଖୁଛି ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟେଲିଭିଜନରେ ଏକାଥରକେ ଅଲଗା ଅଲଗା ଚାନେଲରେ କବି ସମ୍ମିଳନୀ ଓ ଫୁଟବଲ ଖେଳ ହେଉଥିଲା, ମୁଁ କବି ମାନଙ୍କର ଚାନେଲକୁ ଆଗ ଖୋଲି ଦେଇ କବିତା ଶୁଣେ । ଆହୁରି ଖୁସି ହୋଇଯାଏ ଜଣେ ଜଣେ କବିତା ପଢି ସାରିବା ପରେ ଭଲ ହୋଇଥିଲେ ଅନ୍ୟ କବିମାନଙ୍କର ରିମାର୍କ ଥାଏ 'ଆହା ହା , ବଡେ ଅଚ୍ଛେ, ବହୁତ ଅଚ୍ଛେ' ଇତ୍ୟାଦି । ସେତିକିବେଳେ ଘରେ ଅନ୍ୟମାନଙ୍କର ତାଗିଦ ଓ ଥଟ୍ଟାପୂର୍ଣ୍ଣ ରିମାର୍କ ଶୁଣିବାକୁ ମିଳେ 'ଜଲଦି ବନ୍ଦ କର ସେ ଚାନେଲ, ସେମାନେ ତ' ଗୋଟିଏ ଗୋଟିଏ ପାଗଳ, ତା'ସାଙ୍ଗରେ ତୁମେ ବି ପାଗଳ ଭଳି କବିତା ଶୁଣୁଛ !' ଫୁଟବଲ ଖେଳରେ କ'ଣ ଥାଏ କେଜାଣି ଫୁଟବଲ ଖେଳର ଗୋଟିଏ ଗୋଟିଏ ଗୋଲ୍ ସ୍କୋର ହେଲାବେଳେ ପ୍ରବଳ ପାଟିରେ ଘର ଉଚ୍ଛୁଳି ଉଠେ ତଥା ସେ ବାତାବରଣ ମଧ୍ୟ ସରଗରମ ହୋଇଉଠେ।

କବି ସମ୍ମିଳନୀ କଥା ମନେ ପଡିଲେ ମୁଁ ଚାଲିଯାଏ ସେଇ ସୁଦୂର ଅତୀତକୁ ମାନେ ମୋ ସ୍କୁଲ ଓ କଲେଜ ବେଳକୁ । ସ୍କୁଲରେ ପଢିବା ବେଳେ କବିତା ଲେଖୁଥିଲି । ସେତିକିବେଳେ ଗୋଟିଏ ବିରାଟ କବି ସମ୍ମିଳନୀ ବ୍ରହ୍ମପୁରରେ ଗଂଜାମ କଳା ପରିଷଦରେ ସନ୍ଧ୍ୟାବେଳେ ହୋଇଥିଲା । ନନା ଜୀବାନନ୍ଦ ଆଚାର୍ଯ୍ୟ କବି ଓ ଶିକ୍ଷାବିତ୍ ଥିବାରୁ ତାଙ୍କୁ ନିମନ୍ତ୍ରିତ କବି ହିସାବରେ ଡକାଯାଇଥିଲା । ନନା କହିଥିଲେ 'ମୋ ଝିଅ ମଧ୍ୟ ଭଲ କବିତା ଲେଖୁଛି, ସେ ମଧ୍ୟ ଷ୍ଟେଜରେ କବିତା ପଢିବ ।' ଆଶ୍ଚର୍ଯ୍ୟ କଥା ସେମାନେ ମତେ ସ୍ୱାଗତ କରି ପଢିବାକୁ କହିଥିଲେ । ବିରାଟ ମଞ୍ଚ, ବିରାଟ ଜନ ସମାଗମ, ନନା କବିତାଟି ପଢିସାରିବା ପରେ କରତାଳିରେ ସେ ସ୍ଥାନ କମ୍ପି ଉଠିଥିଲା । ତା'ପରେ ମୁଁ ମଞ୍ଚ ଉପରେ କବିତା ପାଠ କଲି । ପ୍ରଥମ ମଞ୍ଚ ଉପରେ କବିତା ପଢିବାର ଭାବୋଚ୍ଛ୍ୱାସ ଏଯାଏଁ ଭୁଲିନାହିଁ । ଖଲିକୋଟ କଲେଜ ପରେ ନନାଙ୍କର ବଦଳି ଯୋଗୁଁ ମୁଁ କେଉଁଝର ଆସିଲି ଏବଂ ସେଠାରେ ମଧ୍ୟ କଲେଜଠାରୁ ଆରମ୍ଭ କରି 'ମିଳନୀ ସାହିତ୍ୟ ସଂସଦ' ଯାଏଁ ସବୁଠାରେ କବିତା ପାଠ କରିବାର ସୁବର୍ଣ୍ଣ ସୁଯୋଗ ମୁଁ ହରାଇନଥିଲି । ଟାଉନ ହଲଠାରେ କବିତା ପାଠୋତ୍ସବ ହେଉଥିଲା ।

ଆଜିକାଲି ସିନା କାହାର କବିତା ସଭାକୁ ଯିବାର ବେଳ ନାହିଁ ଏବଂ କିଏ କିଏ ମଧ୍ୟ ସାହିତ୍ୟିକମାନଙ୍କୁ ରିମାର୍କ କରିଥାନ୍ତି 'ଆଖିବୁଜି ଗୋଟିଏ କାଗଜଗୁଳା କି ଟେକାଟିଏ ରାସ୍ତା ଉପରକୁ ପକାଇଲେ ତାହା କବିମାନଙ୍କ ମୁଣ୍ଡରେ ହିଁ ବାଜିବ, ମାନେ କବିମାନେ ଏମିତି ହାଉଜାଉ ହୁଅନ୍ତି ଯେ, ସାହିତ୍ୟିକ ମାନେ ଲେଖିବା ଆରମ୍ଭ କଲେ ହିଁ କବିତା ଲେଖାରୁ ହିଁ ନିଜ ଲେଖାର ଅୟମାରଂଭ କରିଥାନ୍ତି । କିନ୍ତୁ ମେଡିକାଲ କଲେଜରେ ପଢିବାବେଳେ ସବୁଠାରୁ ବେଶୀ ଆକର୍ଷଣୀୟ ଥିଲା କବି ସଚ୍ଚି ରାଉତରାୟଙ୍କର ବାସଭବନରେ 'ଦିଗ'ର ଆସରର ସେ କବିତା ସଭାରେ ନିଜେ ସଚ୍ଚି ରାଉତରାୟ ଉପସ୍ଥିତ ରହୁଥିଲେ ଏବଂ ସମସ୍ତଙ୍କର କବିତା ମଧ୍ୟ ମନ ଧ୍ୟାନରେ ଦେଇ ଶୁଣୁଥିଲେ । ଆଜିକାଲିର ବହୁ ବିଶିଷ୍ଟ କବି ସେତେବେଳେ ଛାତ୍ରଛାତ୍ରୀ ଥିଲେ ଏବଂ ସେ ଆସରକୁ ଆସୁଥିଲେ । କବିତା ପଢା ସରିବା ପରେ ନିଜେ କବି ପତ୍ନୀ 'ଭୂଦେବୀ' ଆସି ଆମକୁ ଗୋଟିଏ ଗୋଟିଏ ପ୍ଲେଟରେ ଗରମ ସିଙ୍ଗଡା ଓ ଚା ପରଷି ଦେଉଥିଲେ । ସେ କବିତା ଆସରର ଆତ୍ମୀୟତା ଏ ଯାଏଁ ଭୁଲି ନାହିଁ । କେତେଜଣ କବି ଲ' କଲେଜରୁ, ରେଭେନ୍ସାରୁ, ଶୈଳବାଳାରୁ ଏବଂ ମୁଁ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜରୁ ଯାଉଥିଲି । ଗୋଟିଏ ମାସର କବିତା ଆସର ସରିବା ପରେ ପୁଣି ପରବର୍ତ୍ତୀ ଆସରକୁ ଆମେ ଚାହିଁ ବସୁଥିଲୁ ।

ମେଡିକାଲ କଲେଜରେ ପଢିବାବେଳେ ପ୍ରଥମ ବର୍ଷଠୁଁ ଶେଷବର୍ଷ ଯାଏଁ ପ୍ରତ୍ୟେକ ବର୍ଷ 'ବିଷୁବ ମିଳନ'ର କବି ସମ୍ମିଳନୀକୁ ମୁଁ ଯାଉଥିଲି କବିତା ପାଠ କରିବା ପାଇଁ । ପ୍ରଥମେ ପ୍ରଥମେ ନନାଙ୍କ ସାଙ୍ଗରେ ଯାଉଥିଲି । ପ୍ରଜାତନ୍ତ୍ର 'ନାରୀଜଗତ' ପୃଷ୍ଠାରେ ମାସ ମାସ ଧରି କବିତା ଲେଖୁଥିଲି କୁମାରୀ ସରୋଜିନୀ ଆଚାର୍ଯ୍ୟ ହିସାବରେ । ଏମିତିକି ମୋ ଖଟ ଉପରେ ତକିଆ ସହ ଗୋଟିଏ ମଣିଷ ହାଡ ମାନେ ଖପୁରୀ, ହାତ ଆଉ ଗୋଡର ହାଡ ଏବଂ ଅନ୍ୟ ପଟେ ସୁନ୍ଦର ଡାଏରୀ ଓ ସରସର ଚାଲୁଥିବା ପେନଟିଏ । ମତେ ମୋ ସାଙ୍ଗମାନେ ଥଟ୍ଟାରେ କହୁଥିଲେ ସରୋଜିନୀ ଖପୁରୀରେ ଚେନାଚୁର ଖାଇ କବିତା ଲେଖୁଛି । ତା'ପରେ କୁମାରୀ ଛାଡି କେବଳ ସରୋଜିନୀ ଆଚାର୍ଯ୍ୟ ବୋଲି ଲେଖିଲି ଏବଂ ଯେଉଁଦିନ ଏମ୍.ବି.ବିଏସ୍ ପରୀକ୍ଷାରେ ପାସ୍ କଲି 'ଡାକ୍ତର ସରୋଜିନୀ ଆଚାର୍ଯ୍ୟ' ହିସାବରେ ନାରୀଜଗତରେ ଲେଖିଲି କିନ୍ତୁ ଯେଉଁ ଚାର୍ମ କୁମାରୀ ସରୋଜିନୀ ଆଚାର୍ଯ୍ୟରେ ଥିଲା ସେ ଚାର୍ମ ଡାକ୍ତର ସରୋଜିନୀ ଆଚାର୍ଯ୍ୟରେ କାହିଁ !


(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୨୦)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସିଏ ଚୁଗୁଲି କରିବା ଆରମ୍ଭ କରି ଦେଇଥିଲା। ମାଆର ଦୃଷ୍ଟିଶକ୍ତି କ୍ରମେ କମିବାରେ ଲାଗିଥିଲା। ଗାଁରେ ଆଖି ଡାକ୍ତର ନଥିଲେ। ଆଖିର ପରୀକ୍ଷା କରିବା ପାଇଁ ସାଙ୍ଗଲୀ କିମ୍ବା ମିରାଜ ସହରକୁ ଯିବା ବାଧ୍ୟତାମୂଳକ ଥିଲା। ଶାରୀରିକ ଅସୁସ୍ଥତାର ଦ୍ୱାହି ଦେଇ ମାଆ କେବେ ହେଲେ ଏଇ ସବୁ ସହରକୁ ଯିବାକୁ ରାଜି ହେଉ ନଥିଲା। ଅସୁସ୍ଥତା ପାଇଁପଇସା ଖର୍ଚ୍ଚ କରିବା ସପକ୍ଷରେ ନଥିଲା ସିଏ। ବାର୍ଦ୍ଧକ୍ୟରେ ଅସୁସ୍ଥତା ପାଇଁ ପଇସା ଖର୍ଚ୍ଚ କରିବାଟା ବେକାର। ପଇସା ଖର୍ଚ୍ଚ କରିବା ପରେ ବି କେହି ଜୀବିତ ରହିବନାହିଁ। ଅମରତ୍ୱ ପ୍ରାପ୍ତ କରି କେହି ପୃଥିବୀରେ ଜନ୍ମ ହୋଇନାହିଁ। ଔଷଧ ଉପରେ ଖର୍ଚ୍ଚ ହେଉଥିବା ପଇସାକୁ ପିଲାଙ୍କ ପାଇଁ ଓ ନାତି-ନାତୁଣୀଙ୍କ ପାଇଁ ସମ୍ଭାଳିକି ରଖିବା ହିଁ ମାଆର ଅର୍ଥ-ଅନୁଚିନ୍ତାର ସୂତ୍ର ଥିଲା। ଏଇ ଦର୍ଶନକୁ ନେଇ ସିଏ ଆଜି ଯାଏଁ ବଞ୍ଚି ଆସିଛି। ଧୀରେ ଧୀରେ ଦୃଷ୍ଟିଶକ୍ତି ହରାଉଥିବା ଆଖିକୁ ନେଇ ମାଆ ଆସି ପହଞ୍ଚିଲା ନାସିକରେ। ମୋ ଘରେ। ଆଖି ଡାକ୍ତରଙ୍କ ଡିସ୍‌ପେନ୍‌ସାରୀକୁ ଯିବାକୁ ପ୍ରଥମେ ମାଆ ପ୍ରବଳ ବିରୋଧ କଲା । "ସବୁ ପଇସା ମୋର ଏଇ ବୁଢ଼ୀ ଶରୀରର ପଞ୍ଜରା ଦି'ଖଣ୍ଡ ପାଇଁ ଖର୍ଚ୍ଚ କରନାହିଁ? ନିଜର ଦୁଇ ଛୁଆଙ୍କ ପାଇଁ ସମ୍ଭାଳି କି ରଖ।" ଏଇ ଗୋଟିଏ ବାକ୍ୟ ମାଆ ବାରମ୍ବାର ଦୋହରାଉ ଥିଲା। ବହୁତ ଅନୁରୋଧ ଉପ୍ରୋଧ କରି ଆଉ ଶେଷରେ ବିରକ୍ତ ହୋଇ କହିଲା ପରେ ସିଏ ରାଜି ହେଲା। ଆମେ ମୋର ବନ୍ଧୁ ଡାକ୍ତର ନାନାସାହେବ ଖରେଙ୍କ କ୍ଲିନକ୍‌ରେ ପହଞ୍ଚିଲୁ। ଡାକ୍ତର ପରୀକ୍ଷାନୀରିକ୍ଷା ଆରମ୍ଭ କଲେ। ବହୁତ ଡେରି ହୋଇ ସାରିଗଲା। ହେଲେ ମାଆ ବାହରକୁ ଆସୁ ନଥିଲେ। ମାଆର ଆଖି ଆଉ ସବୁଦିନ ପାଇଁ ନଷ୍ଟ ହେଇଯାଇନି ତ? ସିଏ ଅନ୍ଧ ହୋଇଯିବନି ତ? ଯଦି ସତକୁ ସତ ସେମିତି କିଛି ହେଲା ତେବେ କଣ ହେବ? ଆଶଙ୍କାର ଅନେକ ଝିଟିପିଟି ପରି ଦେହରେ ଲାଖିବାରେ ଲାଗିଥିଲେ।

ମାଆର ପ୍ରତୀକ୍ଷା କରି କରି ମୁଁ ବିରକ୍ତ ହୋଇଯାଇଥିଲି। ଡାକ୍ତରଙ୍କର କବାଟ ଖୋଲୁ ନଥିଲା। ଶେଷରେ ମୁଁ ଉଠିଲି ଆଉ ଧୀରେ କବାଟରେ ଧକ୍କା ଦେଲି । ଭିତରର ଦୃଶ୍ୟ ଦେଖି ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲି। ମାଆ ଆଉ ନାନା ଉଭୟଙ୍କ ଆଖିରୁ ଧାର ଧାର ହୋଇ ଲୁହ ଝରୁଥିଲା। ଆଶ୍ଚର୍ଯ୍ୟ ଲାଗିଲା ମୋତେ। ମୋତେ ଦେଖି ମାଆ ନିଜକୁ ସମ୍ଭାଳିନେଲା, ମୁଁ ତାକୁ ଇସାରାରେ ବାହାରକୁ ଆସ୍ ବୋଲି କହିଲି, ସିଏ ଉଠିକରି ବାହାରକୁ ଆସିଲା। ମୁଁ ତା' ଚେୟାରରେ ବସିଲି। ଡାକ୍ତର ନାନା ନିଜର ଅଶ୍ରୁ ସମ୍ବରଣ କରି ପାରୁନଥିଲେ। ମୁଁ ତାଙ୍କୁ ପରିଲି "ଏ ସବୁ କଣ ନାନା?"

ନାନା କହିଲେ, "ତୁମର ମାଆ ଏମିତି କିଛି କହିଲେ ଯେ, ତାକୁ ଶୁଣି ମୁଁ ନିଜର ଲୁହକୁ ରୋକି ପାରିଲିନି।"

ମୁଁ ପରିଲି "ଏମିତି କଣ କହିଲା ମାଆ?"

ସିଏ: ମୁଁ ତାଙ୍କୁ କହିଲି, ଏବେ ଚଷମା ଲଗେଇବାକୁ ହେବ, ଦରକାର ହେଲେ ଅପରେସନ୍ ବି କରିବାକୁ ପଡ଼ିପାରେ।

ମୁଁ: ଓକେ! ପୁଣି ସିଏ କଣ କହିଲା?

ନାନା: ସିଏ କହିବାକୁ ଲାଗିଲେ, "ଏବେ ଅପରେସନ୍ କରି କଣ ଆଉ ଦେଖିବି?

ମୁଁ କହିଲି "ମାଆ, ଦୁନିଆଁକୁ ଦେଖିବ", ଶୁଣି ସିଏ କହିଲେ, "ସବୁ କିଛି ଦେଖି ସାରିଲିଣି। ଯାହା ମନରେ ଥିଲା ସବୁ କିଛି ହୋଇଗଲା। ପିଲାମାନଙ୍କୁ ଦେଖିଲି। ନାତି-ନାତୁଣୀଙ୍କୁ ଦେଖିଲି। ପିଲାମାନଙ୍କ ଘରଦ୍ୱାର ଦେଖିଲି। ସେମାନଙ୍କର ବୟସ୍କ ରୂପ ବି ଦେଖିଲି। ଏବେ ଆଉ କଣ ଦେଖିବା ବାକି ଅଛି ବାବା!" ମୁଁ କହିଲି ଏମିତି କଥା ନୁହେଁ ମାଆ। ଆଖି ଆମକୁ ଭଲରେ ରଖେ। ଏବେ ବିଜ୍ଞାନ ବହୁତ ଅଗ୍ରଗତି କଲାଣି। ଆପଣ ଜମାରୁ ଚିନ୍ତା କରନ୍ତୁ ନାହିଁ। ଏମିତି ନୈରାଶ୍ୟଜନକ କଥା କୁହନ୍ତୁନି। ଆପଣଙ୍କର ମାଆ କହିଲେ, "ମୁଁ ଜମାରୁ ନିରାଶ ନୁହେଁ। ମୋ ମନ ସମ୍ପୂର୍ଣ୍ଣ ତୃପ୍ତ, ସୁଖ ଓ ସମୃଦ୍ଧିରେ।"

ଆପଣଙ୍କ ମାଆ କହୁଥିବା କଥାର ପ୍ରକୃତ ଅର୍ଥ, ମୁଁ ବୁଝିପାରୁନଥିଲି। ତେଣୁ ମୁଁ କହିଲି, "ମାଆ, ଏବେ ଭଲରେ ଖିଆପିଆ କରିବ"। ଏ କଥା ଶୁଣି ଆପଣଙ୍କର ମାଆ କହିଲେ, "ଆରେ ବାବା ଏବେ ଆଉ ଭୋକ ନାହିଁ ମୋ ପେଟରେ। ମୋର ପୁଅ ଯେତେବଡ଼ ଘରଦ୍ୱାର, ଗୃହସ୍ଥୀ ସଜେଇଛି ତାକୁ ଦେଖିଲେ ହିଁ ମୋର ପେଟ ପୁରିଯାଉଛି। ଏବେ ଭୋଜନ ପ୍ରତି ଆଉ ଆଗ୍ରହ ନାହିଁ । ଖାଦ୍ୟ ଖାଇବା ଆଉ ପେଟ ଭିତରକୁ ଫୋପାଡ଼ିବା ଏବେ ଏକା କଥା , ନୁହେଁ? ଯେତେ ଖାଇଲେ ବି ଆଖି ଦିନେନା ଦିନେ ତାର ଦୃଷ୍ଟିଶକ୍ତି ନିଶ୍ଚେ ହରେଇବ?" ମୁଁ କହିଲି, "ନିଜର ଛୁଆମାନଙ୍କୁ ବେଶୀ ଦିନ ଯାଏ ଦେଖିପାରିବ ସେଥିପାଇଁ ଅନ୍ତତଃ ନିଜର ଆଖିକୁ ଚେକ୍ କରେଇ ନିଅ ।" ମାଆକୁ ବୋଧହୁଏ ତାଙ୍କର ଏଇ ଛୁଆଙ୍କୁ ଦେଖିପାରିବା କଥା ଠିକ୍ ଲାଗିଲା। ଖୁବ୍ ଶାନ୍ତ ଭାବରେ ସିଏ କହିଲେ, "ଠିକ୍ ଅଛି, ତୁ ଯଦି କହୁଛୁ କରେଇ ନେବି ଚିକିତ୍ସା। ଚଷମା ବି ପିନ୍ଧିଦେବି। ଆଖିରେ ଔଷଧ ବି ପକେଇବି। ହେଲେ ମୋ ପୁଅର ଅଧିକ ଖର୍ଚ୍ଚ ଯେମିତି ନ ହୁଏ ସେଥିପ୍ରତି ଧ୍ୟାନ ନିଶ୍ଚେ ଦେବ। ତା' ସାମ୍ନାରେ ତାର ଘର ପରିବାର ଅଛି ନା ବାବା। ଜୀବନ ଜୀଇଁବା ପାଇଁ ପଇସା ଦରକାର। ପଇସା ବ୍ୟତିରକେ ଜୀବନରେ ଆଉ କଣ ଅଛି ଭଲା? ତାର ସବୁ ଟଙ୍କା ଯଦି ମୁଁ ମୋର ବୁଢ଼ୀ ବୟସରେ ଔଷଧ ନାଁରେ ଖାଇଯିବି, ତେବେ ତାର କଣ ହେବ? କାଲିକି ସିଏ ବି ବୁଢ଼ା ହୋଇଯିବ। ନାତିମାନଙ୍କର ପାଠପଢ଼ା ଲିଛି। ପାଠପଢ଼ାରେ କଣ କିଛି କମ୍ ପଇସା ଲାଗୁଛି କି? ସେଇଥିପାଇଁ ମୁଁ କହୁଥିଲି କାହିଁକି କରେଇବି ଏ ଅପରେସନ୍? ମୃତ୍ୟୁ ଠାରୁ କଣ କେହି ବଞ୍ଚି ପାରିଛି? ବୁଢ଼ୀ ମରିଗଲା ହେଲେ ଘରଟାକୁ ପୁରା ଉଜାଡ଼ି ଦେଇଗଲା, ମୋ ପଛରେ ଯେମିତି କେହି ସେ କଥା ନ କହୁ.. ଆଉ କଣ? ବାବା, ଯଦି ଆମ ପିଲାମାନଙ୍କ କଥା ଆମେ ଚିନ୍ତା ନ କରିବା ତେବେ ଆଉ କିଏ କରିବ?" ଆପଣଙ୍କର ମାଆ କହି ଚାଲିଥିଲେ ଆଉ ମୋର କଲିଜା ଯେମିତି ଚିରି ହୋଇ ଯାଉଥିଲା, କହୁ କହୁ ସିଏ କାନ୍ଦି ପକେଇଲେ। ସିଏ କେତେବେଳେ କାନ୍ଦିଲେ ସେ କଥା ମୁଁ ଜାଣିପାରିଲି। ହେଲେ ମୁଁ ଯେ କେତେବେଳେ କାନ୍ଦିବା ଆରମ୍ଭ କରିଦେଲି ସେ କଥା ମୁଁ ଜାଣି ପାରିଲିନି। ସତକଥା କହିବି ଭାଇ, ଆପଣଙ୍କର ମାଆ ଆପଣଙ୍କୁ ଆଉ ଆପଣଙ୍କର ପିଲାମାନଙ୍କୁ ବହୁତ ଭଲ ପାଆନ୍ତି।

ନାନାର କଥା ଶୁଣି ମୋତେ ଭାରି ଅସହଜ ଲାଗିଲା। ମାଆକୁ କେମିତି ବୁଝାଯାଇପାରିବ ଆଉ କେମିତି ତାକୁ ଚିକିତ୍ସା ପାଇଁ ରାଜି କରାଯାଇପାରିବ, ଏବେ ଏହା ଏକ ଜଟିଳ ପ୍ରଶ୍ନ ଥିଲା। ସନ୍ଧ୍ୟାରେ ତା'ପାଇଁ ଚଷମା ନେଇ ଆସିଲି ଆଖିରେ ପକେଇବା ପାଇଁ ଔଷଧ ନାନା ହିଁ ଦେଇଥିଲା, ଚଷମା ମାଆର ହାତରେ ରଖିବା କ୍ଷଣି ମାଆ ପଚାରିଲା, "ଚଷମାଟା କେତେ ଟଙ୍କା କିରେ?"

ମୁଁ କହିଲି "ତିନି ଶହ ଟଙ୍କା।"

ଏ କଥା ଶୁଣି ସିଏ ଗଭୀର ନିଃଶ୍ୱାସ ନେଇ କହିଲା, "ଆମ ଗାଁରେ ଏତିକି ଟଙ୍କାରେ କାହାର ପେଟ ଭରି ଯାଉଥାନ୍ତା। ତୋର ହାତ ଏତେ ଖୋଲାମେଲା କେମିତି ହେଲାରେ? ଆରେ ମୋତେ ତ ଥରେ ପରିଥାନ୍ତୁ। ମୁଁ ତୋତେ କହିଥାନ୍ତି ଶହେ ଟଙ୍କିଆ ଚଷମା ନେଇକି ଆ' ବୋଲି।

ମୁଁ କହିଲି, "ମୁଁ ସବୁଠାରୁ ଶସ୍ତାବାଲା ଚଷମା ଆଣିଛି।"

ସିଏ: ତିନିଶହ ଟଙ୍କାକୁ ତୁ ଶସ୍ତା କେମିତି କହୁଛୁ?"

ମୁଁ: 'ଏବେ ଛାଡ଼ ନା ମାଆ, ଆଉ କେତେ ହଇରାଣ କରିବୁ?"

ସିଏ: ତୁ ମୋ କଥାକୁ ସବୁବେଳେ ଓଲଟା ଆଉ ହଇରାଣ କରିବା ପାଇଁ ବୋଲି କାହିଁକି କହୁଛୁ କହିଲୁ?

ମୁଁ : "ଠିକ୍ ଅଛି ଆଉ କହିବିନି, ଏବେ ଚଷମା ପିନ୍ଧ୍।"

ମାଆ ଚଷମା ପିନ୍ଧିଲା, କିନ୍ତୁ, ପିନ୍ଧିଲା ପରେ ଅଭିଯୋଗ କଲା ଯେ ତାକୁ ସବୁଆଡ଼େ ଗାତ ହିଁ ଗାତ ଦିଶୁଛି।

ପ୍ରଥମେ ପ୍ରଥମେ ସେମିତି ହେବ। ଅଭ୍ୟାସରେ ପଡ଼ିଗଲେ ଠିକ୍‌ରେ ଚାଲିବୁଲି ପାରିବୁ। ମୁଁ ତାକୁ ବୁଝେଇଲି। ସିଏ ଚେଷ୍ଟା କଲା। ଦିନେ/ଦୁଇ ଦିନ ଭିତରେ ଚଷମା ପିନ୍ଧି ଚାଲିବାକୁ ଲାଗିଲା। ଚଷମା ଆଉ ଔଷଧ ଯୋଗୁଁ ଡୋଳାର ପିତୁଳା ଉପରେ ମାଡ଼ି ଯାଉଥିବା ପରଦାର ବୃଦ୍ଧି ବନ୍ଦ ହେଇଯିବ। ତାର ଆତ୍ମବିଶ୍ୱାସ କ୍ରମେ ବୃଦ୍ଧି ହେବାକୁ ଲାଗିଥିଲା ଯେ ଏବେ ତାର ପାଦ ଆଉ ନଡବଡ ହେବନାହିଁ। ପରେ ଗୋଟେ କଥା ମୁଁ ଲକ୍ଷ୍ୟ କରିବାକୁ ଲାଗିଲି ଯେ, ମାଆ ସବୁବେଳେ ଚଷମା ପିନ୍ଧୁନାହିଁ। ମଝିରେ ମଝିରେ କାଢି ରଖିଦେଉଛି। ବିନା ଚଷମାରେ ବୁଲାବୁଲି କରୁଛି। ମୁଁ ଯେତେବେଳେ ମୋର ପତ୍ନୀକୁ ପରିଲି ସିଏ କହିଲା, "ମୁଁ ବି ସେଇ କଥା ପରିଥିଲି ତାଙ୍କୁ: କହିଲି ଚଷମା ସବୁବେଳେ ପିନ୍ଧ।" ହେଲେ ସିଏ କହିଲେ, ଚଷମା ଖୁବ୍ ମହଙ୍ଗା ସେଇଥିପାଇଁ ତାକୁ ସାଇତି ସମ୍ଭାଳି ରଖିବାକୁ ହେବ। ସେଥିପାଇଁ ତାକୁ ସାଇତିକି ରଖି ଦେଉଛି। ମଝିରେ ମଝିରେ ଲଗଉଛି...

ମୋ ଅଜାଙ୍କର ଚାରି ଝିଅ ଓ ଜଣେ ମାତ୍ର ପୁତ୍ର ଥିଲେ। ସମସ୍ତଙ୍କ ଠାରୁ ବଡ଼ ସୁଶୀଳା ତାଙ୍କ ପରେ ବାପୁ। ପୁଣି ମୋର ମାଆ ଇଲନ୍ଦା, ବିମଳା ଆଉ କମଳ ମାଉସୀ। ଝିଅମାନଙ୍କ ଭିତରେ କମଳମାଉସୀ ହିଁ ଏକ / ଦୁଇ କ୍ଲାସ୍ ପାଠ ପଢ଼ିଥିଲା। ବାକି ସମସ୍ତେ ଅ'ଅକ୍ଷର ବିବର୍ଜିତ। ଏକରେ ସେଇ ସମୟରେ ଝିଅମାନଙ୍କୁ ସ୍କୁଲ ପଠେଇବା ପାଇଁ ଦଳିତ ସମାଜ ପ୍ରସ୍ତୁତ ନଥିଲା। ଯେତେବେଳେ ଡାକ୍ତର ଆମ୍ବେଦକରଙ୍କର ବିଚାରଧାରା ସବୁଆଡ଼େ ପ୍ରସାରିତ ହେବାକୁ ଲାଗିଲା, ସେତେବେଳେ ଏଇ ସମାଜ ନିଜ ଭିତରେ ସୁଧାର ଆଣିବାକୁ ଚେଷ୍ଟା କଲା। ଆଉ ତାଆରି ପରିଣାମ ସ୍ୱରୂପ ଅଜା ନିଜର ଏକମାତ୍ର ପୁତ୍ରକୁ ବି.ଏ. ଯାଏଁ ପାଠ ପଢ଼େଇଲେ। ସିଏ ରାଜସ୍ୱ ବିଭାଗରେ ଜଣେ ବଡ଼ ଅଧିକାରୀ ପଦ ଯାଏ ଗଲେ।

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରଶାସନ ହାଇ ଆଲର୍ଟ

ଖୋରଧା , ୦୬/୦୫ (ନି.ପ୍ର): ସଂବାବ୍ୟ ବାତ୍ୟା ପାଇଁ ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳ ମାନଂକୁ ସତର୍କ ଘଣ୍ଟି ଦେବା ଫଳେ ,ଖୋର୍ଦ୍ଧା ଜିଲ୍ଲାପାଳ ଖୋର୍ଦ୍ଧା ସମସ୍ତ ମୁଖ୍ୟ, ଅଧିକାରୀ ନିଜ ,ନିଜ, ମୁଖ୍ୟ ଦପ୍ତର ରହିବାକୁ ଆଦେଶ ଦେଇଛନ୍ତି।ଖୋର୍ଦ୍ଧା ସମସ୍ତ ବିଡ଼ିଓ, ପୌର ପରିଷଦ ଅଧିକାରୀ, ଜଳସେଚନ୍, ରାସ୍ତା ଗୃହ ନିର୍ମାଣ, ତହସିଲଦାର, ଆଦି ସମସ୍ତ ରହିବା ଅତୀ ଆବଶ୍ୟକ। ପୋଲିସ୍ ଓ ଅଗ୍ନି ସମ ବାହିନୀ ସଦା ବର୍ଷ ସାରା ମୁଖ୍ୟ ଦପ୍ତର ରହି ନିଜ ,ନିଜ କର୍ତ୍ତବ୍ୟ କରୁଥିବା ଦେଖା ଯାଏ। ମାତ୍ର ଖୋର୍ଦ୍ଧା ମୁଖ୍ୟ ଦପ୍ତର ୩୦ କିମି ହୋଇ ଥିବାରୁ କିଛି ବିଭଗ୍ୟ ମୁଖ୍ୟମାନେ ଖୋର୍ଦ୍ଧା ମୁଖ୍ୟ ଦପ୍ତର ନ ରହି, ଭୁବନେଶ୍ୱର ଯିବା ଆସିବା କରନ୍ତି। ଯାହା।ଖୋର୍ଦ୍ଧା ଜିଲ୍ଲାପାଳ ଆଦେଶ ଅବ୍ୟଜ୍ଞା ଦେଖିବାକୁ ମିଳେ। ରକ୍ଷକ ଯିଏ ସେହି ମାନେ ଠିକ ଘଡି ସନ୍ଧି ସମୟେ ରହିବା ନିହାତି ଦରକାର। କେବଳ ଜିଲ୍ଲାପାଳ, ପୋଲିସ୍ ଏସପି , ତାଙ୍କ ଥାନା ଷ୍ଟାଫ ଓ ଅଗ୍ନି ସମ ବିଭାଗ ଛାଡି ଦେଲେ ଅନ୍ୟ କିଛି ବିଭାଗ ପୁରୁଣା ଅଭ୍ୟାସ ରହିଛି ଦେଖିବା ଶୁଣିବାକୁ ମିଳେ। ଖୋର୍ଦ୍ଧା ଜିଲ୍ଲା , ସମୁଦ୍ର ଠାରୁ ୫୦ କିଲୋ ମିଟର ଥିବା ବେଳେ ଏଠା ଜନସାଧାରଣ ଭୟ ବିତ ଅବସ୍ଥାରେ ଅଛନ୍ତି । ଗଲା ,ଫନୀ, ରେ ଖୋର୍ଦ୍ଧା ଓ ତାର ୧୦ ଟି ବ୍ଲକ ଅବସ୍ଥା ସାଙ୍ଘାତିକ ହୋଇଥିଲା।ଦୟା ନଦୀ, ମଲାଗୁଁଣି, ରାଜୁଆ, ମହାନଦୀ ଭଳି କିଛି ନଦୀ ବନ୍ଧ ସଦା ବେଳେ ବନ୍ୟା ଓ ବାତ୍ୟା ଭାଙ୍ଗି ଧନ ଜୀବନ ନଷ୍ଟ ହୁଏ। ସେହିପରି ଖୋର୍ଦ୍ଧା ଜିଲ୍ଲା ପୌରପରିଷଦ ନାଳ ନର୍ଦ୍ଧମା ଓ ରାସ୍ତା ଘାଟ କଥା କହିଲେ ନ ସରେ। ରାଜଧାନୀରେ ଅସରା ବଡ ବର୍ଷା ତଳିଆ ଅଂଚଳ ଓ ଇସ୍କନ ମନ୍ଦିର ମୁଖ୍ୟ ରାସ୍ତା କଣ ହୁଏ ଦେଖି ଥିବା ଲୋକ କହିବେ। ଖୋଦ ଖୋର୍ଦ୍ଧା ପୌର ପରିଷଦ ବହୁ ୱାର୍ଡରେ ନାଳୀରେ ଗଛ , ଘାସ, ଉଠି ପ୍ରାୟ ଜଳ ନିଷ୍କାନ ବନ୍ଦ ଅବସ୍ଥାରେ ଅଛି ଦେଖିବାକୁ ମିଳେ। ଅସରା ବଡ଼ ବର୍ଷା ହେଲେ ଘରେ , ଓ ରାସ୍ତା ଉପରେ ମଇଳା, ଆବର୍ଜନା ,ପାଣି ସୁଅରେ ଭାସେ। ବହୁ ଦୀନ ଧରି ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ସ୍ଥାନ ଖାଲି ପଡ଼ି ଥିଲା। ଖୋରଧା ପୌର ଅଧିକାରୀ ଏବେ ୨ ମାସ ହେଲା ନୂତନ ଭାବେ ଜଣେ କମ ବର୍ଷ ଅଧିକାରିଣୀ ଯୋଗ ଦେଇଛନ୍ତି , ମାତ୍ର ନୂତନ କମ ଅଭିଜ୍ଞତା ଥିବାରୁ ଏହି ଘଡି ସନ୍ଧି ବେଳେ ଠିକା ସଂସ୍ଥା ମନଇଚ୍ଛା ନାଳ ନର୍ଦ୍ଦମା ପଲିଥିନ, ଠୁଙ୍ଗା , ଗଛ, ଡାଳ , ପତ୍ର ସବୁ ନାଳି ଶେଷ ମୁଣ୍ଡ ସଂଖ ପାଖରେ ଜମି ରହିଅଛି। ବହୁ କହିବା ପରେ ବି ତାହା ପୂର୍ବବତ ପଡ଼ି ରହିଅଛି। କିଛି ଅବରସ ଗତ ପୌରପରିଷଦ କର୍ମ ଚାରୀ ଏହାର ସୁପର ଭାଜିଂ ଦାଇତ୍ୱରେ ଠିକା ସଂସ୍ଥା ନିଯୁକ୍ତ ଦେଇ ଥିବାରୁ କାମ ଠିକ ,ଭୂଲ, ପୌରପରିସଦ ରେଗୁଲାର କର୍ମଚାରୀ ଓ ପୌର ନିର୍ବାହୀ ଅଧିକାରି ଦେଖିଲେ ଠିକ୍ କାମ ହୁଅନ୍ତା। ଏବର ନୂତନ ପୌର ନିର୍ବାହୀ ଅଧିକାରି ନୀତି ବାଦି, ମାତ୍ର ତାଙ୍କ ନଜର କୁ କର୍ମଚାରୀ କିଛି ଆଣନ୍ତି ନାହିଁ। ସେଭଳି ପୌରାଧ୍ୟକ୍ଷ ଜଣେ ମହିଳା ଓ ସରଳ ହୋଇ ଥିବାରୁ ଭୟ କମ କରନ୍ତି। ଏବେ ବାତ୍ୟା ଆସଂଖା ଥିଲେ ମଧ୍ୟ ବିଭିନ୍ନ ୱାର୍ଡ କିଛି ଅସୁବିଧା ବରିଷ୍ଠ ନାଗରିକ କମିଟି କିଛି ଦକ୍ଷ ମେମ୍ବର ପୌର ପାଳିକା ପାଖେ ଦାବୀ କରିଛନ୍ତି। ଯଦି ଆବଶ୍ୟକ ହୁଏ ଖୋର୍ଦ୍ଧା ଜିଲାପାଳ କେ,ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କୁ ଜଣାଇବେ। ଏହାର ବିଭିନ୍ନ ୱାର୍ଡ ଫଟ ଦେଖିଲେ ବାତ୍ୟା ପୂର୍ବର ଚିତ୍ର ଓ ଠିକା ସଂସ୍ଥା କାମ କଣ ଜାଣି ପାରିବେ। ବାତ୍ୟା ପୂର୍ବରୁ ସବୁ ବିଭାଗ ନିଜ କର୍ତ୍ତବ୍ୟ ଓ ଜିଲ୍ଲାପାଳ ଙ୍କ ଆଦେଶ ମାନିବେ ଆସା ଓ ବିଶ୍ୱାସ।

## ପାଣି ମଟର ପମ୍ପ ୩ ଚୋରଙ୍କୁ ବାନ୍ଧିଲା ଟାଙ୍ଗୀ ପୋଲିସ

ଖୋର୍ଦ୍ଧା, ୦୬/୦୫ (ନି.ପ୍ର): ପାଣି ମୋଟର ଚୋରି ଅଭିଯୋଗରେ ଟାଙ୍ଗୀ ପୋଲିସ ୩ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାନେ ହେଲେ କୁହୁଡି ଫାଣ୍ଡି ଅନ୍ତର୍ଗତ ସୋରଣ ଗ୍ରାମ ପଞ୍ଚାୟତ ଜାଗୁଳାଇ ସାହିର ମୋଚିରାମ ନାୟକ ୨୫ ବର୍ଷ,ବେହେରା ସାହିର ସୌମ୍ୟ ରଂଜନ ମାନଧାତା ୨୧ ଓ ନରହରି ସାହିର ମନ ମୋହନ ପ୍ରଧାନ ୨୬ବର୍ଷ ସୂଚନା ମୁତାବକ ଧଳା ଜହର ବ୍ୟବସାୟୀ ମାନେ ନିଜର କାୟା ବିସ୍ତାର ପାଇଁ ନୀରିହ ଯୁବକମାନଙ୍କୁ ନିଶା ଜାଲରେ ଫସାଇ ତାଙ୍କର ବ୍ୟବସାୟ ରେ ଲଗାଇଥାନ୍ତି। ତେବେ ଟାଙ୍ଗୀ କୁହୁଡି ଫାଣ୍ଡି ଅଂଚଳରେ ବିଭିନ୍ନ ଗାଁରେ ଯୁବକମାନେ ଧଳା ଜହର କବଳରେ ପଡି ଅବାଟକୁ ଯାଉଥିବା ଜଣାପଡିଛି। ଦିର୍ଘ ଦିନ ହେଲା ଧଳା ଜହର ଭଳି ମାରାତ୍ମକ ନିଶା ସେବନ କରି ଆସୁଥିଲେ। ହେଲେ ନିଶା ଖାଇବା ପାଇଁ ପାଖରେ ଟଙ୍କା ନଥିବାରୁ ରାତିରେ ଘର ଘର ବୁଲି ସ୍ଥାନୀୟ ଲୋକମାନଙ୍କର କୁଅରୁ ପାଣି ମୋଟର ଚୋରି କରି ଶାଗ ମାଛ ଦରରେ ବିକ୍ରି କରୁଥିଲେ। ପୁନର୍ବାର ସୋରଣ ଗ୍ରାମର ଶୁଧାଂଶୁ ଶେଖର ବୈରିଗଂଜନଙ୍କର ଏକ ମୋଟର ଚୋରି ହେବାରୁ ସେ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। କୁହୁଡି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ତଦନ୍ତ କରି ୩ ପାଣି ମୋଟର ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ପାଣି ମୋଟର ଜବତ କରିବା ସହ ଅନ୍ୟ ଚୋରି ମୋଟର ଗୁଡିକ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବ୍ରିଟେନରେ କିଙ୍ଗ...

ହେଲେ ତାଙ୍କ ପାଇଁ ବିଧିବଦ୍ଧ ରାଜ୍ୟାଭିଷେକ ଉତ୍ସବର ଆୟୋଜନ ହୋଇନଥିଲା। ଆଜି ଏଥିପାଇଁ ରାଜ୍ୟାଭିଷେକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଭବ୍ୟ ଉତ୍ସବରେ ବକିଂଗହାମ ପ୍ୟାଲେସରୁ ଶୋଭାଯାତ୍ରାରେ ବାହାରିଥିଲେ କିଙ୍ଗ୍ ଚାର୍ଲସ ଓ ରାଣୀ କାମିଲା। ଡାଇମଣ୍ଡ ଜୁବଲି ଷ୍ଟେଟ୍ କୋଚରେ ବସି ସେମାନେ ୱେଷ୍ଟମିନଷ୍ଟର ଆବେ ଅଭିମୁଖେ ଯାଇଥିଲେ। ୧୮ ଫୁଟ୍ ଲମ୍ବା, ୩ ଟନ୍ ଓଜନ ଡାଇମଣ୍ଡ ଜୁବଲି ଷ୍ଟେଟ୍ କୋଚକୁ ଟାଣିଟାଣି ନେଇଥିଲେ ୬ଟି ଘୋଡ଼ା। ଏହି ଉତ୍ସବରେ ବ୍ରିଟେନ୍ ରାଜପରିବାରର ସମସ୍ତ ସଦସ୍ୟ, ଦେଶ ବିଦେଶରୁ ଆସିଥିବା ୨ ହଜାରରୁ ଅଧିକ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ଭାରତରୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଉତ୍ସବରେ ସାମିଲ ହୋଇଥିଲେ। ସାତ ଦଶନ୍ଧି ମଧ୍ୟରେ ବ୍ରିଟେନରରେ ଏହା ସର୍ବ ବୃହତ ରାଜ୍ୟାଭିଷେକ ସମାରୋହ। ଏହା ହଜାର ବର୍ଷର ପୁରୁଣା ପରମ୍ପରା। କିନ୍ତୁ ପ୍ରଥମଥର ପାଇଁ ଏକବିଂଶ ଶତାବ୍ଦୀର ବ୍ରିଟେନରେ ଏହା ଝଲକ ଦେଖିବାକୁ ମିଳିଛି। ଏହି ଶୋଭାଯାତ୍ରାରେ କେବଳ ୨ ହଜାର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ୧୯୫୩ ମସିହାରେ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ରାଜ୍ୟାଭିଷେକ ପାଇଁ ୮ ହଜାରରୁ ଅଧିକ ଅତିଥି ୱେଷ୍ଟମିନିଷ୍ଟର ଆବେରେ ଉପସ୍ଥିତ ରହିଥିଲେ।

### ଖାଲିସ୍ତାନ ଆତଙ୍କୀ...

ଭାରତୀୟ ସୁରକ୍ଷାକର୍ମୀଙ୍କ ଗୁଳିରେ ପୂର୍ବରୁ ଲାଭ ସିଂ ନିହତ ହୋଇସାରିଛି। ଏହାପରେ ୧୯୯୦ ଦଶନ୍ଧିରେ ପଞ୍ଜବଡ଼ କେସିଆଫର ନେତୃତ୍ୱ ନେଇଥିଲା ଏବଂ ପାକିସ୍ତାନ ପଳାୟନ କରିଥିଲା। ପାକିସ୍ତାନ ଏହି ଖାଲିସ୍ତାନ ସମର୍ଥକକୁ ଶରଣ ଦେଇଥିଲା । ସୀମ ପାର ହତିଆର ଏବଂ ଡ୍ରଗ୍ସ ଚାଲାଣ କରି ପରମଜିତ୍ ମୋଟ ଟଙ୍କା ଆୟ କରିଥିଲା । ଏହା ବଳରେ ସେ କେସିଏଫକୁ ସକ୍ରିୟ ରଖିବାରେ ସଫଳ ରହୁଥିଲା ।

### ୧୨ରୁ ପୁଣି ଧାରଣାକୁ ...

ଶିକ୍ଷକଙ୍କ ଦାବି ପୂରଣ ହେଉନାହିଁ। ସର୍ବନିମ୍ନ ଗ୍ରେଡ ପେ ୨୨୦୦ ଟଙ୍କାରୁ ବୃଦ୍ଧି , ଏଣୁ ୨୦୧୯ କ୍ୟାଡ଼ର ରୁଲ ସଂଶୋଧନ କରି ଆବଶ୍ୟକୀୟ ଯୋଗ୍ୟତାକୁ ହାଇୟର ସେକେଣ୍ଡାରୀ (+୨) ସି.ଟି / ଗ୍ରାଜୁଏଟ ସି.ଟି ବା ବି.ଏଡ୍ କରି ତଦନୁଯାୟୀ ୨୦୧୭ ମସିହା ଠାରୁ ଏଂଟ୍ରି ଲେବୁଲରେ ଗ୍ରେଡ଼ ପେ ୨୮୦୦ ଟଙ୍କା ହିସାବରେ ପ୍ରଦାନ କରିବାକୁ ଦାବି କରିଛି ସଂଘ।

### ଜମ୍ମୁକାଶ୍ମୀର ରାଜୌରୀରେ..

ଆଉ ଏସବୁ ପଛରେ ଯେ ପାକିସ୍ତାନର ହାତ ଅଛି, ଏକଥା କାହାକୁ ଆଉ ଅଛପା ହୋଇ ରହିନାହିଁ । ଏଏସସିଓ ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ ପୁଣି ଥରେ ଆତଙ୍କବାଦ ପ୍ରସଙ୍ଗ ଉଠାଇ ପାକିସ୍ତାନକୁ ପାଠ ପଢ଼ାଇଛନ୍ତି ।

### ଯୋଗ ପ୍ରଶିକ୍ଷଣ କେନ୍ଦ୍ର ....

ଏହି ଅନୁଷ୍ଠାନ ସମ୍ପ୍ରତି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇ ମହାବିଦ୍ୟାଳୟରେ ପରିଣତ ହୋଇଛି। ଯୋଗରେ ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଥିବା ଡାକ୍ତର ସାହୁ କହିଥିଲେ। ଏଠାରୁ ସଫଳତାର ସହ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତିର ବ୍ୟାପକ ସୁଯୋଗ ରହିଛି ବୋଲି ସେ ସୂଚନା ଦେଇଥିଲେ। ହେଲଦି ଲାଇଫ୍ ମହାବିଦ୍ୟାଳୟର ଅଧକ୍ଷା ଦେବୀ ଅର୍ଚ୍ଚନା ଏହି କାର୍ଯ୍ୟକ୍ରମରେ ପୌରହିତ୍ୱ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀମାନେ ଯୋଗ ପ୍ରଦର୍ଶନ କରିଥିଲେ। ଶେଷରେ ଅଧାପକ ଅଭିଷେକ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ପ୍ରଭାବଶାଳୀ କଣ୍ଟ୍ରାକ୍ଟ ପ୍ରବନ୍ଧନ ପାଇଁ ସମର୍ଥ କର୍ମଶାଳାର ଆୟୋଜନ




ରାଉରକେଲା, ୦୬/୦୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାରେ ସଂସ୍ଥାଗତ ପ୍ରସଙ୍ଗ ଏବଂ କଣ୍ଟ୍ରାକ୍ଟ ପ୍ରବନ୍ଧନରେ ପ୍ରଭାବଶାଳୀ ନିଷ୍ପତ୍ତି ଗ୍ରହଣ ସୁଗମ କରିବା ପାଇଁ ମଇ ୫ ତାରିଖରେ ଏଚଆରଡ଼ି କେନ୍ଦ୍ରଠାରେ ଅଧିକାରୀଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହାର ଉଦ୍‌ଯାପନୀ ଅଧିବେଶନରେ ଆରଏମଏଚପି ବିଭାଗର ସିଜିଏମ ଶ୍ରୀ ଏସ ଏସ ରାୟଚୌଧୁରୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚଆରଡ଼ି ବିଭାଗର ସିଜିଏମ, ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଓ କଣ୍ଟ୍ରାକ୍ଟ ସେଲ ୱାର୍କ୍ସ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଦେବଦତ୍ତ ଶତପଥୀ ମଧ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବିଭାଗର ୫୭ ଜଣ ଅଧିକାରୀ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଅଂଶଗ୍ରହଣକାରୀ ମାନଙ୍କୁ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ବିଷୟାବଳୀ ଯଥା କଣ୍ଟ୍ରାକ୍ଟ ସେଲ ଆକାଂକ୍ଷା ଓ ସାଧାରଣ ଅସୁବିଧା, ଠିକା ଶ୍ରମିକଙ୍କ ସମ୍ବନ୍ଧୀୟ ବିଭିନ୍ନ ବିଧିଗତ ନିୟମର ଅନୁପାଳନ ଯେପରିକି ମୁଖ୍ୟ ନିଯୁକ୍ତିଦାତା ଅଥବା ସେମାନଙ୍କର ପ୍ରତିନିଧୀଙ୍କ ଦାୟିତ୍ୱ ଓ ଭୂମିକା, ବିଧି ବ୍ୟବସ୍ଥା ଓ ଏହାର ଅନୁକରଣ ଇତ୍ୟାଦି, ଆର୍ଥିକ ଦୃଷ୍ଟିକୋଣ ମଧ୍ୟରେ ବଜେଟ୍ ପ୍ରଭେଦ ଏବଂ ସଠିକ, ବଜେଟ ଆବଣ୍ଟନ ଓ ବିତରଣ ପାଇଁ ଅପରେଟିଂ କର୍ତ୍ତୃପକ୍ଷ, ସାଧାରଣ ଆର୍ଥିକ ଅସୁବିଧା ଏବଂ ବିଲ୍ ପ୍ରକ୍ରିୟାକରଣ, ଭିଜିଲାନ୍ସ ଦୃଷ୍ଟିକୋଣ ଯଥା ଚୁକ୍ତିନାମା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବାରେ ସ୍ୱଚ୍ଛତା ଉପରେ ସ୍ୱତନ୍ତ୍ର ଧ୍ୟାନ ଇତ୍ୟାଦି ଉପରେ ଅଧିକ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ରିସୋର୍ସ ବ୍ୟକ୍ତି ଭାବରେ ଅର୍ଥ ବିଭାଗର ଜିଏମ, ଶ୍ରୀ ଅଶ୍ୱିନୀ କୁମାର ସାହୁ, ସିସିଡବ୍ଲୁ ବିଭାଗର ଏଜିଏମ, ଶ୍ରୀ ପି ଭି ରାଓ, ଭିଜିଲାନ୍ସ ବିଭାଗର ଏଜିଏମ, ଶ୍ରୀ ସନ୍ଦିପ ବଂଶଲ ଓ କାର୍ମିକ ସିଏଲସି ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଅବିନାଶ ଯୋଗ ଦେଇଥିଲେ । ଏଚଆରଡ଼ି ବିଭାଗର ସିନିୟର ମ୍ୟାନେଜର, ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଓ ଓସିଟି ଶ୍ରୀ ଡ଼ି ପୂରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମୋଗଲ ତାମସାର ବରିଷ୍ଠ କଳାକାର ସରୋଜ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



ଗରଦପୁର , ୦୬/୦୫ (ନି.ପ୍ର): ବରିଷ୍ଠ କଳାକାର ଦିବଂଗତ ସରୋଜ ମହାପାତ୍ରଙ୍କ ଗରଦପୁରସ୍ଥ ବାସ ଭବନରେ ଏକାଦଶାହ କ୍ରିୟା ଉପଲକ୍ଷେ ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ, ଗରଦପୁର, ଭଦ୍ରକ ଦ୍ୱାରା ଅନୁଷ୍ଠାନର ସମ୍ପାଦକ ପ୍ରଦ୍ୟୋତନ ସୁଆରଙ୍କ ସଂଚାଳନରେ ଏବଂ ସଭାପତି ବିଜୟ ବହଳୀଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବରେ ମୋଗଲ ତାମ୍‌ସାର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବାଦଲ ସିକ୍‌ଦାର, ଅନ୍ୟତମ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ, ଅଧିବକ୍ତା ମନୋରଞ୍ଜନ ମହାନ୍ତି,ଶ୍ରୀଯୁକ୍ତ ବିଦ୍ୟାଧର ସାହୁ, ପୃଥ୍ୱୀରାଜ ମହାପାତ୍ର, ବୃନ୍ଦାବନ ସାହୁଙ୍କ ସମେତ ଅନୁଷ୍ଠାନର ସଦସ୍ୟ ପିନାକ ପଣ୍ଡା,ସରୋଜ ସିଂ, ରଞ୍ଜନ ମହାନ୍ତି, ପୀତବାସ ବହଳୀ, ନିହାର ସିଂ, ଅଶୋକ ସାହୁ, ଜଗନ୍ନାଥ ମହାରାଜ,ଶିବୁନ ଅଗସ୍ତି, କମଳାକାନ୍ତ ଯେନା, ଅଶୋକ ଦାସ, ହରିହର ମହାନ୍ତି, ଅମୂଲ୍ୟ ପାତ୍ରୀ, ସନ୍ତୋଷ ମହାପାତ୍ର ପ୍ରମୁଖ ସ୍ୱର୍ଗତ ସରୋଜ ମହାପାତ୍ରଙ୍କ କଳାକାର ଜୀବନର ବିବିଧ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ମାତ୍ର ୫୮ ବର୍ଷ ବୟସରେ ସରୋଜ ମହାପାତ୍ରଙ୍କ ବିୟୋଗ କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ କହିଥିଲେ । ଶେଷରେ ସମ୍ପାଦକ ପ୍ରଦ୍ୟୋତନ ସୁଆର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ନାବାଳିକା ଅପହରଣ ଉଦ୍ୟମ ପଣ୍ଡ

କେନ୍ଦ୍ରାପଡ଼ା, ୦୬/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣେ ଯୁବକ ମଟର ସାଇକେଲ ରେ ନାବାଳିକା କୁ ବସାଇ ନେଇ ଯାଉଥିବା ବେଳେ ନାବାଳିକାର ମା' ଖବର ପାଇ ଅନ୍ୟ ଏକ ବାଇକରେ ତାଙ୍କର ପିଛା କରି ସେମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧରିଥିଲେ । ପରେ ଝିଅକୁ ମଟର ସାଇକେଲରୁ ଭିଡି ଆଣି ଝିଅକୁ ଉଦ୍ଧାର କରିଥିଲେ । ଏହା ଘଟଣା ଦେଖିବା ପାଇଁ ସ୍ଥାନୀୟ ଅଂଚଳରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଡହାଟ ଗ୍ରାମର ଜଣେ ଗାଡି ଡ୍ରାଇଭର ଗୋପ ଅଂଚଳର ଜଣେ ନାବାଳିକା ଝିଅ ସହିତ ପ୍ରେମ ସଂପର୍କ ଥିବାରୁ ତାକୁ ମଟର ସାଇକେଲରେ ନେଇ ଯାଉଥିଲେ । ପରେ ନାବାଳିକାର ମା ନିଜ ଝିଅକୁ ଧରି ନେଇ ନିଜ ଘରକୁ ଯାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି ।

# ଜନ୍ମମାଟିରେ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ବସ୍ତା, ୦୬/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତାନିର୍ବାଚନ ମଣ୍ଡଳୀ ରାଉତପଡା ଗ୍ରାମପଞ୍ଚାୟତ ଝିଙ୍କିରିଆ ଗ୍ରାମରେ ପୁଅବାପି ହାସଦା । ନିକଟରେ କର୍ଣ୍ଣାଟକ ଉଡୁପିଠା ଠାରେ ଅଷ୍ଟାଦେଶ ଜାତୀୟ ଯବଦୌଡରେ ପ୍ରଥମସ୍ଥାନ ଅର୍ଜନ କରି ସ୍ୱର୍ଣ୍ଣ ପଦକ ତାପରେ ପଞ୍ଚମଯୁବ ଏସୀୟ ଆଥଲେଟିକ ଚମ୍ପିଅନସିପରେ ରୌପ୍ୟପଦକ ହାସଲ କଲାପରେ ଓଡିଶାର ମୁଖ୍ୟ ମନ୍ତ୍ରୀ ନବିନ ପଟ୍ଟନାୟକ ନଗଦ ରାଶି ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିବାପରେ ଆଜି ତାଙ୍କ ଗ୍ରାମକୁ ଆସିବା ଖବର ଶୁଣି ବରିଷ୍ଠ ସମାଜସେବୀ ଓ ତାଙ୍କଗ୍ରାମଙ୍କ ଶହ ଗ୍ରାମବାସୀ ମାନେ ଆସି ବାଟରୁ ତାଙ୍କ ଘରକୁ ନେଇଯାଇ ସମ୍ବର୍ଦ୍ଧନା କରିଥିଲେ। ଏଥିରେ ସମାଜ ସେବୀ ବିଜେଡି ବରିଷ୍ଠ ସଭାନେତ୍ରୀ ସୁବାସିନ ଜେନା, ଯୁବସମାଜ ସେବୀ ଯୁବବ୍ୟବସାୟୀ ସୁମନ୍ତ କୁମାର ଜେନା,ଅନିଲକୁମାର ମହାନ୍ତି,ପୂର୍ବତନ ବସ୍ତାବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ,ଦରଡାସରପଞ୍ଚ ପ୍ରତିନିଧି ପ୍ରଦୀପ ବିଶ୍ୱାଳ, ମହିଳାନେତ୍ରୀ ଲିପିକାରାଉଳ, ସରପଞ୍ଚ ଅଞ୍ଜୁମଣି, ଦିଲ୍ଲିପ ଦଳାଇ, ଜୟପ୍ରକାଶ ବେହେରା, ସମିତିସଭ୍ୟ ହମିଦ ଖାଁ, ସୁବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବାପି ଙ୍କୁ ଉଜ୍ୱଳ ଭବିଷ୍ୟତଠାକୁରଙ୍କ ନିକଟରେ କାମନା କରିଥିଲେ ସେ ଆମରାଜ୍ୟକୁଗୌରବଆଣିବାସହିତ ଆମବସ୍ତାର ନାମକୁ ବହୁଆଗକୁ ନିୟନ୍ତୁ ବୋଲି ସମାଜ ସେବୀ କହିଥିଲେ ।

## ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ବସ୍ତା, ୦୬/୦୫ (ନି.ପ୍ର): ବିଷ ପାନ କରି ଜନୈକ ଯୁବତୀ ଆତ୍ମହତ୍ୟା କରିଥିବା ଜାଣାଯାଇଛି। ସୂଚନାରୁ ପ୍ରକାଶ ଯେ ସିଂଲା ଥାନା ଅଧୀନ ଗୋବିନ୍ଦପୁର ଗାଁ ର ଦୀନବନ୍ଧୁ ପଟ୍ଟାୟତଙ୍କ ଝିଅ ପ୍ରଭାସିନୀ (୧୫ ବର୍ଷ)ଶନିବାର ବିଷ ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବସ୍ତା ମେଡିକାଲ କୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବସ୍ତାରେ ଶବ ବ୍ୟବଚ୍ଛେଦ କରାଇଥିବା ଜଣାପଡିଛି। ଆତ୍ମହତ୍ୟା ର କାରଣ ଜଣାପଡିନାହିଁ।

# ଭୋଟ୍ ବର୍ଜନ ନିଷ୍ପତିରୁ ଓହରିଲେ ସମାସିଂଘା ପଂଚାୟତ ଚାଷୀ

ଝାରସୁଗୁଡ଼ା , ୦୬/୦୫ (ନି.ପ୍ର): ଭୋଟ୍ ବର୍ଜନ ନିଷ୍ପତିରୁ ଓହରି ଗଣତାନ୍ତ୍ରିକ ପ୍ରକ୍ରିୟା ରେ ସାମିଲ ପୂର୍ବକ ଆଗାମୀ ଉପନିର୍ବାଚନରେ ଭୋଟଦାନ କରିବାକୁ ସମାସିଂଘା ପଂଚାୟତ ଚାଷୀକୂଳ କହିଛନ୍ତି। ଆଜି ଅପରାହ୍ଣରେ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବା ପରେ ପ୍ରତିନିଧିମାନେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଭୋଟବର୍ଜନ ନିଷ୍ପତିରୁ ଓହରୁଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅଂଚଳରେ ଚାଷ ଜମିକୁ ପାଣି ଯୋଗାଣ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ବତୀ ଗିରି ମେଗା ଜଳ ସେଚନ ପ୍ରକଳ୍ପ ଅନ୍ତର୍ଗତ ପ୍ରସ୍ତାବିତ ସମସ୍ତ ବାର ଶହ ହେକ୍ଟର ଜମିର ସମସ୍ତ ଅଂଚଳକୁ ପାଣି ଯୋଗାଇବା ପାଇଁ ଦାବୀ କରାଯାଇଛି। ଚେତାନନ୍ଦ ପଟେଲଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟିଥିଲେ ।

# ରାଉରକେଲା ଇସ୍ପାତ କାରଖାନା ପରିସରରେ ନୂତନ ଅତ୍ୟାଧୁନିକ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ ପ୍ରଣାଳୀ ଉଦ୍‌ଘାଟିତ



ରାଉରକେଲା, ୦୬/୦୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପରିସରରେ ସଡକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ନୂତନ ପ୍ରଯୁକ୍ତି କୌଶଳ ଯୁକ୍ତ ପଦକ୍ଷେପ ସ୍ୱରୂପ ଇଡି (ୱାର୍କସ) ବିଲଡିଙ୍ଗ ନିକଟରେ ଥିବା ଚତୁଃରୋଡ୍ କ୍ରସିଂରେ ମଇ ୫ ତାରିଖରେ ଏକ ଅତ୍ୟାଧୁନିକ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ (ଆରଏଲଭିଡି) ସିଷ୍ଟମ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀଏସ ଆର ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଦେବବ୍ରତ ଦତ୍ତ, ସିଜିଏମ ଷ୍ଟିଲ ଶ୍ରୀ ରାମକୃଷ୍ଣ ପାତ୍ର, ଡିଜାଇନ ଓ ସସ୍ପ ବିଭାଗର ସିଜିଏମ ଶ୍ରୀ ରବି ରଞ୍ଜନ, ଇଲେକ୍ଟ୍ରିକଲ ବିଭାଗର ସିଜିଏମ, ଶ୍ରୀ ଏମ୍ କେ ମହାନ୍ତି, ଇନଷ୍ଟ୍ରୁମେଣ୍ଟେସନ୍ ଓ ଅଟୋମେସନ୍ ବିଭାଗର ସିଜିଏମ, ଶ୍ରୀ ସୁଦୀପ ପାଲ ଚୌଧୁରୀଙ୍କ ସମେତ ଅଟୋମେସନ୍, ସଞ୍ଚାର ଏବଂ ସୁରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ ଉପସ୍ଥିତ ଥିଲେ। ଏହି ନୂତନ ପ୍ରଯୁକ୍ତିବିଦ୍ୟା ସଡକ ସୁରକ୍ଷାରେ ଉନ୍ନତି ସାଧନ ତଥା କାରଖାନା ମଧ୍ୟରେ ଥିବା ବ୍ୟସ୍ତବହୁଳ ଛକଗୁଡ଼ିକରେ ଟ୍ରାଫିକ୍ ଉଲ୍ଲଂଘନକୁ ହ୍ରାସ କରିବା ନିମନ୍ତେ ଡିଜାଇନ୍ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ନୂତନ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ ପ୍ରଣାଳୀ ହେଉଛି ଏକ ଉନ୍ନତ ଟ୍ରାଫିକ୍ ମନିଟରିଂ ସିଷ୍ଟମ୍ ଯାହା ଇଡି (ୱାର୍କସ) ବିଲ୍ଡିଂ କ୍ରସିଂରେ ରେଡ୍ ଲାଇଟ୍ ଉଲ୍ଲଂଘନ କରୁଥିବା ଯାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ହାଇ ରିଜୋଲ୍ୟୁସନ୍ କ୍ୟାମେରା ଏବଂ ସେନ୍ସର ବ୍ୟବହାର କରୁଛି। ଏଭଳି ଯାନବାହନର ଲାଇସେନ୍ସ ପ୍ଲେଟକୁ କ୍ୟାପଚର କରିବା ଏବଂ ଗାଡିର ପଞ୍ଜୀକୃତ ମାଲିକକୁ ସ୍ୱୟଂଚାଳିତ ଭାବରେ ଚିହ୍ନଟ କରିବା ପାଇଁ ସିଷ୍ଟମ ଡିଜାଇନ୍ କରାଯାଇଛି। ଏହାର ପ୍ରଭାବ ଏବଂ ନିର୍ଭରଯୋଗ୍ୟତା ନିଶ୍ଚିତ କରିବାକୁ ଏହି ବ୍ୟବସ୍ଥାକୁ କଠୋର ରୂପେ ପରୀକ୍ଷଣ କରାଯାଇଛି। ଉକ୍ତ ବ୍ୟବସ୍ଥାରେ ବ୍ୟବହୃତ ଟେକ୍ନୋଲୋଜି ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଆଲଗୋରିଦମ ଉପରେ ଆଧାରିତ ଏବଂ ସାଧାରଣ ଟ୍ରାଫିକ୍ ଉଲ୍ଲଂଘନକୁ ମଧ ସଠିକ୍ ଭାବରେ ଚିହ୍ନଟ କରିବାରେ ଏହା ସକ୍ଷମ ଅଟେ। ଇ ଏବଂ ଏ, ସୁରକ୍ଷା ଏବଂ ଯୋଗାଯୋଗ ବିଭାଗ, ଆରଏସପି ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ସଙ୍ଗେସଙ୍ଗେ କାରଖାନାରେ ଟ୍ରାଫିକ୍ ଉଲ୍ଲଂଘନକୁ ହ୍ରାସ କରିବା ଦିଗରେ ରାଉରକେଲା ଇସ୍ପାତ କାରଖାନାର ପ୍ରତିବଦ୍ଧତାର ଏକ ଅଂଶବିଶେଷ ଅଟେ। ଅଟୋମେଟିକ୍ ନମ୍ବର ପ୍ଲେଟ୍ ସ୍ୱୀକୃତି ପ୍ରଣାଳୀ ସହିତ ଏହା ପୂର୍ବରୁ କାର୍ଯ୍ୟ କରୁଛି, ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ ସିଷ୍ଟମ୍ କେବଳ ରୋଡକ୍ରସିଂରେ ଦୁର୍ଘଟଣା ହ୍ରାସ କରିବାରେ ସାହାଯ୍ୟ କରିବ ନାହିଁ ବରଂ ସମ୍ଭାବ୍ୟ ଉଲ୍ଲଂଘନ କାରୀଙ୍କ ପାଇଁ ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରିବ, ଯାହାଦ୍ୱାରା ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ପାଇଁ ଏହି ଛକ ସୁରକ୍ଷିତ ହୋଇପାରିବ ।

ରବିବାର, ମଇ ୦୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ରେଳଯାତ୍ରୀଙ୍କ ମୌଳିକ ସୁବିଧା ଲାଗି ଡିଆର୍‌ଏମ୍‌ଙ୍କୁ ଦାବିପତ୍ର



ଜଳେଶ୍ୱର ୬/୫ (ନି.ପ୍ର): ଖଡଗପୁର ରେଳ ଡିଭିଜନ୍‌ର ଜଳେଶ୍ୱର ଷ୍ଟେସନରେ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇବା ଲାଗି ବିଭିନ୍ନ ସଂଗଠନ ପକ୍ଷରୁ ଆଜି କେତେକ ଦାବି ସଂପର୍କରେ ଡିଆର୍‌ଏମ୍‌ଙ୍କୁ ସ୍ଥାନୀୟ ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଛି । ଅତୀତରେ ସ୍ଥାନୀୟ ରେଳ କର୍ତ୍ତୃପକ୍ଷ, ସାଂସଦ, ରେଳ ମନ୍ତ୍ରୀଙ୍କୁ ବିଭିନ୍ନ ଦାବୀ ସଂପର୍କରେ ଅବଗତ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶୃତିରେ ତାହା ସୀମିତ ରହିଛି । ପୌରପରିଷଦର କାଉସିଲର ସୁରଜ କୁମାର ଚୌରାସୀଆଙ୍କ ନେତୃତ୍ୱରେ ସୁଧିର ମହାନ୍ତି, ସତ୍ୟେନ୍ ଶ୍ୟାମନାଗ, ସୁମି ପରିଡା, ସୁରଜିଥ୍ ଘୋଷ, ଗୌରପ୍ରସାଦ ଚୌରାସିଆ, ସେକ୍ ଅବଦୁଲ ରହିମ୍, କମଳ ମଣ୍ଡଳ, ରୋହିତ୍ ପଣ୍ଡିତ୍, କାଳୀଚରଣ ଭୂୟାଁ, ଭୋଲାନାଥ ଦାସ, ପଂକଜ ଜୈନ, ମୋହିତ ଅଗ୍ରୱାଲା, ଅଜୟ କର, ରାହୁଲ ମାଇତୀ, ଦିବ୍ୟପ୍ରଭା କର, ବିଣାପାଣି ସାସମଲ, ଆଦିକନ୍ଦ ଜେନା, ଗୌରହରୀ ପାଲ ପ୍ରମୁଖ ଯାତ୍ରୀଙ୍କ ଅସୁବିଧା ସଂପର୍କରେ ଲିଖିତଭାବେ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ନାଥ ମଣ୍ଡଳଙ୍କ ଜରିଆରେ ଖଡଗପୁର ଡିଆର୍‌ଏମ୍‌ଙ୍କୁ ଦିଆଯାଇଛି । ଜଳେଶ୍ୱର ରେଳ ଷ୍ଟେସନରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ରହଣୀ, ପୁରୁଡୋତ୍ତମ ଓ ଉତ୍କଳ ଏକ୍ସପ୍ରେସ୍ ଆପ୍ ରହଣୀ, ଜଳେଶ୍ୱର-ପୁର ପାସେଞ୍ଜରରୁ ଏକ୍ସପ୍ରେସ୍ ନ ନେବା, ପ୍ଲାଟଫର୍ମରେ କୋଚ୍ ଇଣ୍ଡିକେଟର ଓ ଡିସ୍‌ପ୍ଲେ ଲଗାଯିବା, ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯିବା ସଂପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

## ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

ସୁବର୍ଣ୍ଣପୁର, ୦୬/୦୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜ ପୁର ବ୍ଲକ ସଭାଗୃହ ଠାରେ ଆଜି ବ୍ଲକ ସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ବେସିକ୍ ନିଡସ୍ ଇଣ୍ଡିଆ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସହାୟତା ରେ ରେଆର ସୋନପୁର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ ଯୋଗ ଦେଇ ଉଦଘାଟନ କରିଥିଲେ । ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ ରୂପାୟନ ବିଷୟରେ ଆଲୋଚନା କରାଯିବା ସହ ମାନସିକ ଅସୁସ୍ଥ ବ୍ୟକ୍ତି ଚିହ୍ନଟ, ସେମାନଙ୍କ ଚିକିତ୍ସା ଓ ଜୀବନ ଜୀବିକା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

## ଆର୍‌ଓବି ନିର୍ମାଣରେ କ୍ଷତିଗ୍ରସ୍ତଙ୍କୁ ମିଳିନି ପ୍ରାପ୍ୟ

### ଜଳେଶ୍ୱରରେ ଜନଶୁଣାଣୀ : ୧୨ଜଣଙ୍କୁ ଅତିଶୀଘ୍ର ମିଳିବ କ୍ଷତିପୂରଣ



ଜଳେଶ୍ୱର , ୦୬/୦୫ (ନି.ପ୍ର): ଜଳେଶ୍ୱର ସହରରେ ନିର୍ମାଣ ହେଉଥିବା ୪୫ନଂ ରେଳ ଉଡନ୍ତା ପୋଲ ଲାଗି ଅଦ୍ୟାବଧି ୧୨ଜଣଙ୍କୁ କ୍ଷତିପୂରଣ ମିଳିନଥିବାରୁ ଆଜି ଜନଶୁଣାଣୀ ଅନୁଷ୍ଠିତ ହୋଇଛି । ସରକାରୀ ନିତୀନିୟମ ଅନୁଯାୟୀ ଖୁବ୍ କମ୍ ସମୟରେ ସେମାନଙ୍କୁ ପ୍ରାପ୍ୟ ମିଳିବବୋଲି ଆଜି ଜିଲା ଜମି ଅଧିଗ୍ରହଣ ଅଧିକାରୀ ପ୍ରକାଶ କରିଛନ୍ତି । ଜଳେଶ୍ୱର ନୂଆବଜାରଠାରେ ୪୫ନଂ ରେଳ ଲେଭେଲ କ୍ରସିଂ ସଡକପଥରେ ଯାତାୟାତ ଲାଗି ବାଧକ ସୃଷ୍ଟି ହେଉଥିବାରୁ ୨୦୧୬ ମସିହାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ ୬୫ କୋଟି ଟଙ୍କା ବ୍ୟୟରେ ଲେ ଉଡନ୍ତା ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ପ୍ରାୟ ଜମି ହରାଉଥିବା ୧ଏକର ଜମିମାଲିକଙ୍କୁ ପ୍ରାପ୍ୟ ମିଳିସାରିଥିବା ବେଳେ ୧୨ଜଣ ସେମାନଙ୍କ ପ୍ରାପ୍ୟ ପାଇପାରିନାହାନ୍ତି । ଏଥିଲାଗି ବିଭିନ୍ନ ସମୟରେ କ୍ଷୋଭ ପ୍ରକାଶ ପାଇଆସୁଥିଲା । କିନ୍ତୁ ଜଳେଶ୍ୱର ମ୍ୟୁନିସିପାଲଟି ପକ୍ଷରୁ ଏଥିନେଇ ବାରମ୍ୱାର ରେଳ ଓ ଜିଲା କର୍ତ୍ତୃପକ୍ଷଙ୍କ ଠାରେ ଦାବୀ ଉପସ୍ଥାପନ କରାଯିବାରୁ ଆଜି ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନଙ୍କ ପୌରହିତ୍ୱରେ ଏକ ଜନଶୁଣାଣୀ ଭଂଜ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲା ଭୂ-ଅର୍ଜନ ଅଧିକାରୀ ରଘୁନାଥ ଟୁଡୁ, ଜଳେଶ୍ୱର ତହସିଲଦାର ମିଳିର ରଂଜନ ବେହେରା, ପୌର ଅଧିକାରୀ ଅଜୟ ମହାପାତ୍ୟ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ନିହାର ରଂଜନ ବେହେରା, ୧୧ନଂ ୱାର୍ଡ କାଉନସୀଲର ସୁସମା କର, ୬ନଂ ୱାର୍ଡ କାଉନ୍‌ସିଲର ଚନ୍ଦନ ଦାସ ଓ ୧୨ ନଂ ୱାର୍ଡ କାଉନସିଲର ଶିବନାରାୟଣ ମହାପାତ୍ରଙ୍କ ସହିତ ଜମି ମାଲିକମାନେ ଉପସ୍ଥିତ ଥିଲେ । ଦୀର୍ଘ ୭ବର୍ଷ ଧରି ସେମାନଙ୍କୁ ପ୍ରାପ୍ୟ ମିଳିନଥିବାରୁ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ । କିନ୍ତୁ ଏପରି କାର୍ଯ୍ୟ। ସର୍ଭେ ରାଜ୍ୟସ୍ତରୀୟ ଏକ ଏନ୍‌ଜିଓ ନବକୃଷ୍ଣ ଚୌଧୁରୀ ଡେଭେଲମେଣ୍ଟ ଷ୍ଟାଡିଜ୍ ନାମକ ସଂସ୍ଥା କାର୍ଯ୍ୟ କରୁଥିବାରୁ ତଥା ୨୦୧୩ ମସିହା ଜମି ଅଧିଗ୍ରହଣ ଆଇନ୍ ଅନୁଯାୟୀ ଖୁବ୍‌ଶୀଘ୍ର ଅନୁଛେଦ ୧୧(୧)ରେ ବିଜ୍ଞାପନ ପ୍ରକାଶ ପାଇବ ବୋଲି ଶ୍ରୀ ଟୁଡୁ କହିଛନ୍ତି । ଏଥିଲାଗି କେତେକ ମାମଲା ବିଚାରାଧିନ ଥିବାରୁ ଅର୍ଥ ପାଇବାରେ ବିଳମ୍ବ ଘଟିଥିବାର କୁହାଯାଇଥିଲା । ଦେଉଳି ପଂଚୁଘଣ୍ଟା ଓ ଧରାଷ୍ଟକ ମୌଜାର ଜମିମାଲିକଙ୍କ ସେମାନଙ୍କ ପ୍ରାପ୍ୟ ଦେବାକୁ ଦାବି ହେଉଛି ।

## ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା ଦୁଲି



ବାପ ଛେଉଣ୍ଡ କନ୍ୟା ପାଠ ପଢ଼ା ଛାଡ଼ି ଦେବାକୁ ବାଧ ହେଉଛି । କତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବୀ ହେଉଛି ।

ଉଦଳା, ୦୬/୦୫ (ନି.ପ୍ର): ୟେ ହେଉଛି ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ବେଲପାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ୰ ସୁକୁଲ କିସ୍କୁଙ୍କର ଏକମାତ୍ର କନ୍ୟା ଦୁଲି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଘଟଣାରୁ ଜଣାଯାଇଛି ଗତ କରୋନା ସମୟରେ ବିଦ୍ୟାଳୟ ବନ୍ଦ ରହିବା ଫଳରେ ଦୁଲି ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ତାଙ୍କୁ ପୁଣିଥରେ କିପରି ବିଦ୍ୟାଳୟକୁ ନିଆଯିବ ଓ ପାଠ ସହିତ ବାନ୍ଧି ରଖାଯିବ, ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ଦୁଲି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲା । ସେ ଗ୍ରାମରେ ଥିବା ବିଦ୍ୟାଳୟରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ତାଙ୍କୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଅଥଚ ଦୁଲି ଭଳି

## ପାଳପଡାରେ ଚନ୍ଦନ ଉତ୍ସବ ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୦୬/୦୫ (ନି.ପ୍ର): ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ପାଳପଡ଼ା ଗ୍ରାମର ସୁବର୍ଣ୍ଣରେଖା ନଦୀ କୂଳରେ ଚନ୍ଦନ ଉତ୍ସବ ଖୁବ୍ ଧୁମଧାମରେ ଉଦଯାପିତ ହୋଇଯାଇଛି । ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ କରାଯାଇ ପୂଜା ହୋଇଥିଲା । ଉତ୍ସବରେ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇଥିଲେ । ଚଳିତବର୍ଷ ପାଳପଡା ଚନ୍ଦନ ଉତ୍ସବରେ ପଶ୍ଚିମବଙ୍ଗ ର ଦୁଇ ବାଣ ଦଳ ମଧ୍ୟରେ ଚିତାକର୍ଷକ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣରେଖା ନଦୀରେ ପ୍ରଭୁଙ୍କ ଚାପଖେଳ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ହଜାର ହଜାର ଜନସାଧାରଣଙ୍କ ଭିଡ ଦେଖିବାକୁ ମିଳିଥିଲା ।ଉତ୍ସବ କମିଟି ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ । କମିଟି ପକ୍ଷରୁ ମେଲୋଡି , ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ରଥଖଳା ହାଲଚାଲ: ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରି

ପୁରୀ, ୦୬/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, କରତିଆ ସେବାୟତ ମାନେ ରଥ ନିର୍ମାଣରେ ଲାଗି ପଡିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଚକ ନିର୍ମାଣ କାର୍ଯ୍ୟ ଚାଲିଛି । ଇତିମଧ୍ୟରେ ତିନି ରଥର ୪୨ ଚକ ପାଇଁ ୪୨ଟି ତୁମ୍ବ ନିର୍ମାଣ ହେବା ସହ ସେଥିରେ ବିନ୍ଧ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏବେ ଅର ଗୁଡିକ ସାଲ କରାଯାଇ ବିନ୍ଧରେ ସଂଯୋଗ କରାଯିବା ପରେ ଯନ୍ତାଗାଡ଼ରେ ଭୋଇ ସେବାୟତ ମାନେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ କରୁଛନ୍ତି । ଆଜି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରୀ ରହିଛି । ୧୨ ତାରିଖ ଶ୍ରୀକ୍ଷେତ୍ର ଭଉଁରି ଦିନ ପ୍ରତି ରଥର ଦୁଇଟି ଚକ ଅଖ ସହ ସଂଯୋଗ କରାଯାଇ ରଥଖଳାର ତିନୋଟି ସ୍ଥାନରେ ଡେରାଯିବ । ପରେ ରଥର ଅନ୍ୟ ଚକ ଗୁଡିକ ନିର୍ମାଣ ହେବା ପରେ ସେହି ସ୍ଥାନରେ ଡେରା ଯିବ । ରୂପକାର ସେବାୟତ ମାନେ ନୃସିଂହ ଚତୁର୍ଦ୍ଦଶୀ ଠାରୁ ଗୁଜରେ ନୃସିଂହ ମୂର୍ତି ଖୋଦେଇ ଅନୁକୂଳ କରିଛନ୍ତି । ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସାରିବାକୁ ବିଶ୍ୱକର୍ମା ମହାରଣା ମାନେ ପ୍ରୟାସ ଜାରୀ ରଖିଛନ୍ତି ।

## କୁଟିଣ୍ଡାରେ ଶିକ୍ଷକଙ୍କୁ ଗଳାକାଟି ହତ୍ୟା

ସମ୍ବଲପୁର , ୦୬/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଟିଣ୍ଡାର ଖର୍ଲା ବାଇପାସ୍ ବ୍ରିଜ୍ ନିକଟରେ ଆଜି ସକାଳେ ଜଣେ ଶିକ୍ଷକଙ୍କ ମୃତଦେହ ମିଳିଛି । ତାଙ୍କୁ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା କରିଥିବାର ସନ୍ଦେହ କରାଯାଉଛି । ରକ୍ତଜୁଡୁବୁଡୁ ଅବସ୍ଥାରେ ଶିକ୍ଷକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କୁଟିଣ୍ଡା ଥାନା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।
ତେବେ ଏହି ହତ୍ୟା ପଛରେ କିଏ ରହିଛି ସେ ବିଷୟରେ କୌଣସି ସୂଚନା ମିଳି ପାରି ନାହିଁ । ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଶବ ବ୍ୟବଚ୍ଛେଦ ଲାଗି ଡାକ୍ତରଖାମନାକୁ ପଠାଯିବ ବୋଲି ସୂଚନା ମିଳିଛି ।

## ଜଳେଶ୍ୱରରେ ସମୂହ ବ୍ରତୋପନୟନ କାର୍ଯ୍ୟ

ଜଳେଶ୍ୱର ୬/୫ (ନି.ପ୍ର): ଦୀର୍ଘ ୧୬ବର୍ଷ ଧରି ଜଳେଶ୍ୱରର ସତ୍ୟସାଇ ସେବା ସମିତି ପକ୍ଷରୁ ସାଇମନ୍ଦିର ପରିସରରେ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କସିଦା ପଂଚାୟତର ଗୌରୀବେଲଦା ଗାଁର ରାଜେଶ କୁମାର ପଣ୍ଡା, ବସ୍ତାଥାନା ଅନ୍ତର୍ଗତ କଦଳୀହୋଣ୍ଡା ଗାଁର ପ୍ରଦୀପ ପଣ୍ଡା ଓ ଦିଲ୍ଲିପ କଣ୍ଡା ଏବଂ ପଶ୍ଚିମବଂଗ ମେଦିନୀପୁର ଜିଲା ଅନ୍ତର୍ଗତ ନିମପୁର ଗାଁର ସୁମନ ପଣ୍ଡା ଓ ବେଲଦା ଗାଁର ସୁଭଙ୍କର ଗୋସ୍ୱାମୀଙ୍କର ବ୍ରତୋପନୟନ କାର୍ଯ୍ୟ ଯଥାବିଧି ଅନୁଷ୍ଠିତ ହୋଇ ଯାଇଛି । ପରିବାର ସହିତ ବ୍ରତୋପନୟନ ଶିଶୁମାନେ ସାଇମନ୍ଦିରରେ ପହଞ୍ଚିବାପରେ ସୁବର୍ଣ୍ଣରେଖା ନଦୀରେ ପୂଣ୍ୟସ୍ନାନ ଓ କଳସ ଶୋଭାଯାତ୍ରାରେ ମାଆ ମାନେ ଆସି ଏହି କାର୍ଯ୍ୟରେ ଯୋଗ ଦେଇଥିଲେ । ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏହାକୁ ସାଇ ମନ୍ଦିର ପକ୍ଷରୁ ମନୋରଂଜନ ଦାସ ପରିଚାଳନା କରିଥିଲେ ।

## ଟ୍ରେନ ବଗିର ଡ଼ଷ୍ଟବିନରୁ ନବଜାତ ଶିଶୁ ପୁତ୍ରକୁ ଉଦ୍ଧାର କଲା ରେଳବାଇ ପୋଲିସ

ଖୋର୍ଦ୍ଧା, ୦୬/୦୫ (ନି.ପ୍ର): ଖୋର୍ଦ୍ଧା ରୋଡ ରେଳ ଷ୍ଟେସନ ପରିସରରୁ ଶନିବାର ଏକ ନବଜାତ ଶିଶୁ ପୁତ୍ରକୁ ରେଳବାଇ ପୋଲିସ ଏକ ନମ୍ବର ପ୍ଲାଟଫର୍ମରେ ଥିବା ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନରୁ ଉଦ୍ଧାର କରିଛି ।ଉଦ୍ଧାର ପରେ ନବଜାତ ଶିଶୁଟିକୁ ରେଳସୁରକ୍ଷା ବଳ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇଛି । ତେବେ ପ୍ରାଥମିକ ଚିକିତ୍ସା ପରେ ଶିଶୁ ପୁତ୍ରଟି ସୁସ୍ଥ ଥିବା ରେଳବାଇ ଡାକ୍ତର ସୂଚନା ଦେଇଛନ୍ତି ।ଏପରିକି ଶିଶୁ ପୁତ୍ରଟି ଗୋଟିଏ ଦିନର ହୋଇଥିବା ଚିକିତ୍ସାରତ ଡାକ୍ତର କହିଛନ୍ତି ।ପରେ ଶିଶୁ ପୁତ୍ରଟିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଚକୁ ହସ୍ତାନ୍ତର କରିଛି ।ସୂଚନା ମୁତାବକ ଆଜି ବାଙ୍ଗାଲୋର ରୁ ଭୁବନେଶ୍ୱର ଆସୁଥିବା ସାଇପ୍ରଶାନ୍ତି ନିଲୟମ ଟ୍ରେନର ଜେନେରାଲ ବଗିର ଡ଼ଷ୍ଟବିନରୁ ଉଦ୍ଧାର କରିଛି ।ତେବେ କେହି ନବଜାତ ଶିଶୁକୁ ଜନ୍ମ କରି ଟ୍ରେନର ଛାଡି ଚାଲିଯାଇଥିବା ଅନୁମାନ କରାଯାଉଛି ।

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ପରସ୍ପର ବିରୁଦ୍ଧରେ ଅଭିଯୋଗ କଲେ ବିଜେପି ଓ ବିଜେଡି

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପରସ୍ପର ବିରୁଦ୍ଧରେ ଅଭିଯୋଗ କରିବାକୁ ଭେଟିଛନ୍ତି ବିଜେଡି ଓ ବିଜେପି ଟିମ୍ । ବିଜେପିର ଅଭିଯୋଗ ଅନୁଯାୟୀ, ଦଳର ଅଭିଯୋଗ ସରକାରୀ ଦଳ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି । ମୁକ୍ତ ଅବାଧ ନିର୍ବାଚନ ହେଉ ନାହିଁ । ସରକାରୀ କଳକୁ ନିର୍ବାଚନ ପ୍ରଚାରରେ ଲଗାଉଛି ଶାସକ ଦଳ । ଭୋଟରଙ୍କୁ ପ୍ରଭାବିତ କରାଯାଉଛି । କୋଲାବିରା ବ୍ଲକ ଜିଲ୍ଲାପାଲି ଗ୍ରାମ ପଞ୍ଚାୟତର କମ୍ୟୁନିଟି ରିସୋର୍ସ ପର୍ସନ ଅଶ୍ୱିତା ନାୟକ ଓ ବିନତା ନାୟକ, ପୂଜା ପଟେଲ ଏମାନେ ସରକାରୀ ଚାକିରିରେ ଥାଇକି ନିର୍ବାଚନ ପ୍ରଚାର କରିବା ସହ ବିଜେଡି ପାଇଁ ଟଙ୍କା ବାଣ୍ଟୁ ଛନ୍ତି । ସୁରୁଚି ପାଢ଼ୀ ଜଣେ ଅଙ୍ଗନବାଡ଼ି କର୍ମୀ । ସେ ସାମାଜିକ ଗଣମାଧମରେ ଦୀପାଳି ଦାସଙ୍କ ପାଇଁ ପ୍ରଚାର କରୁଛନ୍ତି । ତାଙ୍କୁ ଭୋଟ ଦେବା ପାଇଁ ଲୋକଙ୍କୁ ଅପିଲ କରିବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି । ତୁରନ୍ତ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିଇଓଙ୍କ ନିକଟରେ ଦାବି କରିଛି ବିଜେପି । ତେଣେ ବିଜେପି ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଆଦର୍ଶ ନିର୍ବାଚନ ଆଚରଣ୍ବିଧି ଉଲ୍ଲଙ୍ଘନ ଅଭିଯୋଗ କରୁଥିବାର ଅଭିଯୋଗ ଆଣିଛି ବିଜେଡି । ଦଳ ପକ୍ଷରୁ ଅଭିଯୋଗ ହୋଇଛି ଯେ ପ୍ରଚାର ସମୟ ପରେ ମଧ ରାତି ଗୋଟାଏ ସମୟରେ ଝାରସୁଗୁଡ଼ା ଲଳିତ ହେରିଟେଜ ସାମ୍ନା ସାମସଙ୍ଗ ଛକରେ ସମର୍ଥକଙ୍କୁ ଧରି ସେ ପ୍ରଚାର କରୁଥିବା ଭିଡିଓ ହସ୍ତଗତ ହୋଇଛି । ଏହାକୁ ଆଜି ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରାଯାଇଛି । ପୂର୍ବରୁ ମଧ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ ଅନ୍ୟ ବିଜେପି ନେତା ହିଂସା କରି ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଅବାଧ ଓ ନିରପେକ୍ଷ ନିର୍ବାଚନ ଦାବି କରିଛି ବିଜେଡି ପ୍ରତିନିଧି ଦଳ ।

## ଶ୍ରୀ ଶ୍ରୀ ରାମଦାସ ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣ ଆହୁତି

କେନ୍ଦ୍ରାପଡ଼ା, ୦୬/୦୫ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜଂଟିଲୋ ଗ୍ରାମର ଶ୍ରୀ ଶ୍ରୀ ରାମଦାସଙ୍କ ପୀଠରେ ଦୀର୍ଘ ୭ଦିନ ଧରି ମହାଯଜ୍ଞ କମିଟିର ସଭାପତି ହେମନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ମନୋଜ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣ ଆହୁତି ଦିବସରେ ଉକ୍ତ ଯଜ୍ଞ ସ୍ଥଳୀରେ ପ୍ରାୟ ଶହ ଶହ ଭକ୍ତମାନଙ୍କ ସମାଗମ ହୋଇଥିଲା । ପ୍ରାୟ ଆଖ ପାଖ ୧୦ ଖଣ୍ଡି ଗ୍ରାମର ଲୋକମାନେ ଏହି ଯଜ୍ଞ ସ୍ଥଳୀରେ ଯୋଗଦେଇ ପ୍ରଭୁ ରାଧା, କୃଷ୍ଣଙ୍କ ଅଶ୍ରୀବାଦ ଭିକ୍ଷା କରିଥିଲେ । ଏଠାରେ ହୋମ ଯଜ୍ଞ ସହିତ ନାମ ଯଜ୍ଞ ଓ ଘୃତ ଯଜ୍ଞ ପ୍ରଭୃତି ଯଥାରୀତି ବିଧି ପୂର୍ବକ ଅନୁଷ୍ଠିତ ହୋଇଥିଲା ।

## ନୀଳଗିରିରେ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ମନ ମୋହିଲେ ମଣ୍ଟୁ ଛୁରୀୟା ଓ ସାଥି କଳାକାର

ନୀଳଗିରି, ୦୬/୦୫ (ନି.ପ୍ର): ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ ୩ ଦିନିଆ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଲିଉଡ୍ ର ଆଗଧାଡିର ଯୁବ କଣ୍ଠଶିଳ୍ପୀଙ୍କ ସ୍ୱରରେ ଦର୍ଶକ ଝୁମିବା ସହ ମତୁଆଲା ହୋଇଥିଲେ । ପ୍ରଥମେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଆବାହକ ସବ୍ୟସାଚୀ ମହାପାତ୍ର ଦ୍ୱିତୀୟ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲାବେଳେ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ଉତ୍ସବର ମୁଖ୍ୟ ଅତିଥି ଭାବେ କଂଗ୍ରେସର ବରିଷ୍ଠ ନେତା ତଥା ଗତ ବାଲେଶ୍ୱର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟନାୟକ ତାଙ୍କ ବକ୍ତବ୍ୟରେ ସ୍ନେହ, ପ୍ରେମ, ମମତା, ବନ୍ଧୁତା, ଏକତା ଓ ମାନବିକତାର କଥା ବଖାଣି ଥାଏ ମହୋତ୍ସବ । ମୁଖ୍ୟବକ୍ତା ଭାବେ ପ୍ରମେୟ ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ସତ୍ୟଶିବ ଦାସ ଯୋଗଦେଇ ତାଙ୍କ ବକ୍ତବ୍ୟରେ ମାଟିର ମହକକୁ ସଜାଇ ଗୌରବର ଗାଥାକୁ କେବଳ ମହୋତ୍ସବ ହିଁ ଉନ୍ମୋଚିତ କରିଥାଏ ବୋଲି କହିଥିଲେ । ସମ୍ମାନୀୟ ଅତିଥି ଭାବେ ବ୍ଲକ କଂଗ୍ରେସର ସଭାପତି ମନୋରଂଜନ ପଣ୍ଡା ଯୋଗଦେଇ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବଖାଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ମୁଖ୍ୟ ଉଦ୍‌ଯୋକ୍ତା ଶରତ ଦାସ, ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ଦୀପକ ରଞ୍ଜନ ଦାସ, କମଳାକାନ୍ତ ମୁଖି, ପ୍ରୀତିଶଙ୍କର ମହାପାତ୍ର, ବିଦ୍ୟାଧର ଖଟୁଆ, ଶୁରେଷ ପଣ୍ଡା, ତାପସ ମହାନ୍ତି, ବୁଦ୍ଧଦେବ ସରକାର ପ୍ରମୁଖ ମଞ୍ଚାସୀନ ଥିବାବେଳେ ଶହ ଶହ ଯୁବ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଜୟ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ପୂର୍ବାହ୍ନରେ ସ୍ୱର୍ଣ୍ଣଚୂଡ଼ ମହୋତ୍ସବ ଆନୁକୂଲ୍ୟରେ ମହିଳା ମାନଙ୍କ ମଧ୍ୟରେ ଝୋଟି ଚିତା ପ୍ରତିଯୋଗିତା ହୋଇଥିବା ବେଳେ ସନ୍ଧ୍ୟାରେ ବାଡିଖେଳ ସହ ବଡିବିଲଡିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ମଣ୍ଟୁ ଛୁରୀୟା ଏବଂ ଦିବେସ ପତି, ସିମ୍ରନ ଦାସ, ଲିପ୍ସା ମହାପାତ୍ର, ବୈଦନାଥ ଦାସ ଓ ସାଥୀ ଓଲିଉଡ କଳାକାରଙ୍କ ମନଛୁଆଁ ଗୀତରେ ହଜାର ହଜାର ଦର୍ଶକଙ୍କ ମନେ ମନଭରି ଉପଭୋଗ କରିଥିଲେ ।

## ଆମ୍ବେଦକର ସମତାମଂଚ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତି ପାଳନ

ଜଳେଶ୍ୱର ୬/୫ (ନି.ପ୍ର): ଜଳେଶ୍ୱରସ୍ଥିତ ଆମ୍ବେଦକର ସମତାମଂଚ କାର୍ଯ୍ୟାଳୟ ପରିସରରେ ଅଲଚିକି ଭାଷାର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଛି । ଏଥିରେ ମଂଚର ସଭାପତି ଅଶୋକ ଜେନା ସଭାପତିତ୍ୱ କରିଥିଲେ । ସମ୍ମାନୀତ ଅତିଥିଭାବେ ଦିଲ୍ଲିପ ଗିରି, ସୁବ୍ରତ ବେରା, ପୂର୍ଣ୍ଣଚନ୍ଦ୍ର ସିଂ, ଅଜୟ ପଲାଇ, ସୁଧାଂଶୁ ଜେନା ଓ ସଂପାଦକ ନିରୋଜ ବେହେରା ବକ୍ତବ୍ୟ ରଖିଥିଲେ । ଦେଶରେ ମୂଳ ନିବାସୀ ଆଦିବାସୀଙ୍କ ଭାଷାକୁ ଲିପି ଭାବରେ ପଣ୍ଡିତ ରଘୁନାଥ ମୁର୍ମୁ ସୃଷ୍ଟି କରିଥିବାରୁ ସାନ୍ତାଳିଭାଷା ସମ୍ପ୍ରଦାୟର ଲୋକେ ଭାବର ଆଦାନ ପ୍ରଦାନ କରିପାରୁଥିବା ବକ୍ତାମାନେ କହିଥିଲେ । ବିରିଶପୁର ଠାରୁ ରାଇବଣିଆ ଆଦିବାସୀ ଅଂଚଳକୁ ସଂଯୋଗ କରୁଥିବା ସୁବର୍ଣ୍ଣରେଖା ସେତୁକକୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମିତ କରିବାକୁ ମଂଚପକ୍ଷରୁ ଦାବି କରାଯାଇଛି । ଆଦିବାସୀ ଅଂଚଳରେ ଥିବା ବିଦ୍ୟାଳୟରେ ଅଲଚିକି ଶିକ୍ଷକ ନିଯୁକ୍ତି ଲାଗି ଦାବି କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo